
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in



‘କିଙ୍ଗ’ରେ
କିଙ୍ଗ୍ ଖାନ୍
▶ପୃଷ୍ଠା ୧୧ ଦେଖନ୍ତୁ...

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-77 ◆WEDNESDAY ◆10 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୭୭ ◆ବୁଧବାର ◆୧୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ସି ପି ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି


ଲୋକସଭା ୫୪୨ | ମୋଟ ୭୮୧ | ରାଜ୍ୟସଭା ୨୩୯

ଏନ୍‌ଡିଏ ୪୫୨ ଭୋଟ | ମତଦାନ ୭୬୭ | ଇଣ୍ଡିଆ ୩୦୦ ଭୋଟ

ନାକଚ ୧୫

**ମତଦାନରୁ ବିରତ**

ବିଜେଡି ୭ | ବିଆର୍‌ଏସ୍ ୪ | ଏସ୍‌ଏଡି ୧ | ଅନ୍ୟ ୨



■ **ନୂଆଦିଲ୍ଲୀ, ୯।୯ (ଏଜେନ୍ସି):** ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଦେଶର ନୂଆ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ପ୍ରାର୍ଥୀ ବି ସୁଦର୍ଶନ ରେଡୀଙ୍କୁ ୧୫୨ ଭୋଟରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ରେଡୀଙ୍କୁ ମିଳିଛି ୩୦୦ ଭୋଟ୍। ଲୋକସଭା ଏବଂ ରାଜ୍ୟସଭାର ୭୮୧ ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ ଏହି ମତଦାନରେ ସାମିଲ ହୋଇଥିଲା। ଆଜି ଦିନ ୧୦ଟାରୁ ମତଦାନ ଆରମ୍ଭ ▶ପୃଷ୍ଠା-୧୦

## କ୍ରସଭୋଟିଂ ନେଇ ଚର୍ଚ୍ଚା

■ **ନୂଆଦିଲ୍ଲୀ, ୯।୯ (ଏଜେନ୍ସି):** ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ଏବଂ ଇଣ୍ଡିଆ ବ୍ଲକ୍ ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ସଂଖ୍ୟା ଥିବାରୁ ସେ ଜିତିବା ପ୍ରାୟ ନିଶ୍ଚିତ ଥିଲା। ତେବେ ଏହି ନିର୍ବାଚନରେ ଉଭୟ ପକ୍ଷ ଶକ୍ତି ପ୍ରଦର୍ଶନ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହି ଖେଳରେ ବିରୋଧୀଙ୍କୁ ଝଟକା ଲାଗିଛି। କାରଣ ଏହାର ପ୍ରାର୍ଥୀଙ୍କୁ ଆକଳନ ଠାରୁ ୨୪ଟି କମ୍ ଭୋଟ୍ ମିଳିଥିବା ବେଳେ ଶାସକ ଦଳ ପ୍ରାର୍ଥୀଙ୍କୁ ୧୬ଟି ଅଧିକ ଭୋଟ୍ ମିଳିଛି। ମତଦାନ ବେଳେ ବିରୋଧୀ ଦଳର କିଛି ସାଂସଦ କ୍ରସଭୋଟିଂ ▶ପୃଷ୍ଠା-୧୦

# ହିଂସା, ଅରାଜକତା

## ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

### ସଂସଦ ଓ ମନ୍ତ୍ରୀଙ୍କ ଘର ଜାଳିଦେଲେ ଆନ୍ଦୋଳନକାରୀ

### ପୂର୍ବ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲେ, ମନ୍ତ୍ରୀଙ୍କୁ ଗୋଡ଼ାଇଗୋଡ଼ାଇ ପିଟିଲେ



■ **କାଠମାଣ୍ଡୁ, ୯।୯ (ଏଜେନ୍ସି):** ପଡ଼ୋଶୀ ରାଷ୍ଟ୍ର ନେପାଳ ଦ୍ୱିତୀୟ ଦିନ ଧରି ଅଶାନ୍ତ। କର୍ଫ୍ୟୁ କଟକଣା ସତ୍ତ୍ୱେ ହିଂସା ବ୍ୟାପକ ହେବାରେ ଲାଗିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ସମେତ ସଂସଦ ଓ ସୁପ୍ରିମକୋର୍ଟରେ ବି ନିଆଁ ଲଗାଇଦେଇଛନ୍ତି ଆନ୍ଦୋଳନକାରୀ। ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ପ୍ରଥମେ ପ୍ରଧାନମନ୍ତ୍ରୀ ଓଲି ଏବଂ ପରେ ରାଷ୍ଟ୍ରପତି ପୋଡେଲ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହାକୁ ନେଇ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ଲାଗି ସେନା ଆଗେଇ ଆସିଛି। ଦେଶର ସୁରକ୍ଷା ଓ ଆଇନ ଶୃଙ୍ଖଳା ପାଇଁ ସେନା ବର୍ତ୍ତମାନ ଦାୟିତ୍ୱ ନେବ ବୋଲି ଘୋଷଣା କରିଛି।

ଦେଶରେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣକୁ ବିରୋଧ କରି ଦୀର୍ଘ ଦିନ ଧରି ଲାଗି ରହିଥିବା ଅସନ୍ତୋଷକୁ ଚାପିବା ଲାଗି ଓଲି ସରକାର ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିବାରୁ ଯୁବପିଢ଼ି ଭିତରେ ଲାଗି ରହିଥିବା ଅସନ୍ତୋଷ ଗତକାଲି ଭୀଷଣ ହିଂସାତ୍ମକ ଆନ୍ଦୋଳନରେ ପରିଣତ ହୋଇଥିଲା। ଗତକାଲି ହଜାର ହଜାର ଯୁବକ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିବା ସହିତ ସରକାରଙ୍କ ଇସ୍ତଫା ଦାବି କରିଥିଲେ। ସେମାନଙ୍କୁ ଦମନ କରିବା ଲାଗି ଗତକାଲି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଥିଲେ। ଏହାପରେ ଆନ୍ଦୋଳନ ଆହୁରି ଉଗ୍ର ରୂପ ନେଇଥିଲା। ବର୍ତ୍ତମାନ ସୁଦ୍ଧା ୨୨ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହେଲାଣି। ▶ପୃଷ୍ଠା-୧୦

# ୨୨ କ୍ୟାରେଟ୍ ସୁନା ଲକ୍ଷେ ପାର

## ୨୪ କ୍ୟାରେଟ୍ ୧.୧୦ ଲକ୍ଷ ଟପିଲା

■ **ଭୁବନେଶ୍ୱର, ୯।୯ (ଏଜେନ୍ସି):** ଦୌଡୁଛି ସୁନା ବଜାର। ଘରୋଇ ବଜାରରେ ସୁନା ଏବଂ ରୁପା ଦର ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି। ଆଜି ସୁନା ବଜାର।।ରେ ସର୍ବକାଳୀନ ରେକର୍ଡ ସୃଷ୍ଟି ହୋଇଛି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବୁଲିଅନ୍ ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୧୦ ଲକ୍ଷ ଟଙ୍କା ଟପି ନୂଆ ରେକର୍ଡ କରିଛି। ହେଲେ ଏଥିରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ ଥର ୧ ଲକ୍ଷ ଟଙ୍କାର ଐତିହାସିକ ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରୁପା ଦର ସୁନା ଅପେକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଇ ୧ ଲକ୍ଷ ୪୦ ହଜାର ଟଙ୍କା ଛୁଇଁଛି।

ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୧୦,୧୮୦ ଟଙ୍କାରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ପ୍ରଥମ କରି ୧,୦୧,୧୦୦ ଟଙ୍କା ଛୁଇଁଛି। ଏହାବାଦ୍ ରୁପା କିଲୋ ପିଛା ୧,୪୦,୦୦୦ ଟଙ୍କା ସ୍ତରରେ ପହଞ୍ଚି ନୂଆ ଇତିହାସ ରଚିଛି। ସେହିଭଳି ନୂଆଦିଲ୍ଲୀରେ



ଆଜି ୨୪ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ୧,୧୦,୨୯୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୧,୧୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେଉଛି। ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ଯୋଗୁଁ ସୁନା ଦର ବଢୁଛି। ସୂଚନାଯୋଗ୍ୟ, ଚଳିତବର୍ଷ ସୁନା ଦର।।ରେପାଖାପାଖି୪୫ପ୍ରତିଶତ ବୃଦ୍ଧି ଘଟିଲାଣି।

# ଶୀତଳଭଣ୍ଡାରରେ କଳାବାଘ ସଫାରୀ

## ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ହୋଇଥାନ୍ତା କାର୍ଯ୍ୟକ୍ଷମ

### ସିଜେଡ୍‌ଏ, ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ ଅଟକିଛି କାମ

### ସରକାର ବଦଳିଲା ପରେ ସଫାରୀକୁ ନେଇ ଉଦାସୀନତା

■ **ଭୁବନେଶ୍ୱର, ୯।୯ (ସମିସ):** ୨୦୨୪ ଜାନୁଆରୀରେ ଦେଶର ପ୍ରଥମ କଳାବାଘ ସଫାରୀ ନିମନ୍ତେ ଘୋଷଣା କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୪ରେ ନବୀନଙ୍କ ଏହି ଘୋଷଣା ପରେ ଜୁଲାଇ ସୁଦ୍ଧା କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ଲାଭ କରିଥିଲା। ଏହି ସଫାରୀ ପ୍ରତିଷ୍ଠା ହୋଇଥିଲେ ଦେଶବିଦେଶର ପର୍ଯ୍ୟଟକମାନେ ଶିମିଳିପାଳଠାରେ ବିରଳ କଳାବାଘଙ୍କୁ ସଫାରୀରେ ଦେଖିପାରି ଥାନ୍ତେ। ମାତ୍ର ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ଏହି ମହତ୍ୱାକାଂକ୍ଷୀ କଳାବାଘ ସଫାରୀ ଏବେ ଶୀତଳଭଣ୍ଡାରରେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ କାହିଁକି ସଫାରୀ କାମ ଅଟକି ଗଲା, ତାହାର ଉତ୍ତର କାହାପାଖରେ ନାହିଁ। ସେହିପରି ସଫାରୀ ନିଷ୍ପତ୍ତି କାହିଁକି ଆଗକୁ ବଢ଼ିପାରୁନି, ସେ ସମ୍ପର୍କରେ ଜଙ୍ଗଲ ବିଭାଗ ସମ୍ପୂର୍ଣ୍ଣ ନିରବ।

୨୦୨୪ରେ ଓଡ଼ିଶାରେ ପ୍ରକାଶିତ ବାଘ ଗଣନା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୩୦ ଟି ମହାବଳ ବାଘ ଥିଲେ ଓ ଏହି ସଂଖ୍ୟା ୪୦ରେ ପହଞ୍ଚିଛି। ତେବେ କୌତୂହଳର କଥା ହେଉଛି ଏହି ୪୦ ବାଘ ମଧ୍ୟରେ କେବଳ କଳା ବାଘଙ୍କ ସଂଖ୍ୟା ୧୮। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ବିରଳ କଳାବାଘ ଦେଖାଯାଉଥିବା ବେଳେ ▶ପୃଷ୍ଠା-୧୦

## ୧୩ ତାରିଖ ଯାଏଁ ବର୍ଷା



■ **ଭୁବନେଶ୍ୱର, ୯।୯ (ସମିସ):** ରାଜ୍ୟରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଁ ଭାଁ ବର୍ଷା ହେଉଛି। ଘୂର୍ଣ୍ଣିବଳୟଟି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଥିବାରୁ ଦକ୍ଷିଣ ଓଡ଼ିଶାରେ ହିଁ ବର୍ଷାର ପ୍ରଭାବ ଅଧିକ ରହିଛି। ଅନ୍ୟପଟେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏଁ ବର୍ଷା ହେବାକୁ ଥିବା ବେଳେ ୧୩ରେ ଗୋଟିଏ ଲଘୁଚାପ ଯୋଗୁଁ ପୁଣି ବର୍ଷା ବଢ଼ିବା ନେଇ ଆଶଙ୍କା କରାଯାଉଛି। ବର୍ଷା ସ୍ଥିତି ▶ପୃଷ୍ଠା-୧୦

## ବର୍ଷକରେ ଇଭି ହେବ ଆମ୍ବୁଲାନ୍ସ, ପିସିଆର୍

### ୫ ବର୍ଷରେ ଇଭି ଗାଡ଼ି ଲକ୍ଷ୍ୟ ୫୦ ପ୍ରତିଶତ

### ‘ଓଡ଼ିଶା ଇଭି ପଲିସି-୨୦୨୫’ ଚିଠା ବିଜ୍ଞପ୍ତି

■ **ଭୁବନେଶ୍ୱର, ୯।୯ (ସମିସ):** ରାଜ୍ୟରେ ବର୍ତ୍ତମାନ ଉଭୟ ଦୁଇ ଚକିଆ ଓ ୪ ଚକିଆ ଇଭି ଯାନ କିଣା ପାଇଁ ବିନା ସୁଧ ଋଣ ସାଙ୍ଗକୁ ରିଆତି ମଧ୍ୟ ପ୍ରଦାନ କରାଯାଉଛି। ଏହାସତ୍ତ୍ୱେ ରାଜ୍ୟରେ ଇଭି ବ୍ୟବହାରରେ ଆଗ୍ରହ ବଢୁ ନାହିଁ। ୪ ବର୍ଷରେ ୨୦% ଇଭି ଲକ୍ଷ୍ୟ ଏବେ ୯%ରେ ସୀମିତ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବୈଦ୍ୟୁତିକ ଯାନ ଚଳାଚଳ ବୃଦ୍ଧି ନିମନ୍ତେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ‘ଓଡ଼ିଶା ଇଭି ପଲିସୀ-୨୦୨୫’ ଚିଠା ବିଜ୍ଞପ୍ତି ପ୍ରସ୍ତୁତ କରିଛି। ଚିଠା ବିଜ୍ଞପ୍ତି ଅନୁସାରେ ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟର ଗାଡ଼ି ସଂଖ୍ୟା ମଧ୍ୟରୁ ୫୦ ପ୍ରତିଶତ ଇଭି ▶ପୃଷ୍ଠା-୧୦

## ସିଆଚେନରେ ହିମସ୍ଖଳନ

# ୩ ସୈନିକ ମୃତ

■ **ଲେହ, ୯।୯ (ଏଜେନ୍ସି):** ବିଶ୍ୱର ସବୁଠୁ ଉଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ ଗ୍ଲାସିୟରରେ ବଡ଼ ଅଘଟଣ ଘଟିଛି। ଲଦାଖର ସିଆଚେନରେ ହିମସ୍ଖଳନ ଘଟି ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। କିଛି ଯବାନ ମଧ୍ୟ ନିଖୋଜ ଅଛନ୍ତି। ୧୨ ହଜାର ଫୁଟ ଉଚ୍ଚରେ ଥିବା ସିଆଚେନ ବେସ୍ କ୍ୟାମ୍ପ ଅଞ୍ଚଳରେ ମଙ୍ଗଳବାର ଏହି ଭୂସ୍ଖଳନ ହୋଇଥିଲା। ଏଥିରେ ୨ ଅଗ୍ନିବୀରଙ୍କ ସମେତ ଅନେକ ଯବାନ ବିଯୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସରେ ୬ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥିଲେ। ପରେ ଜଣେ ଜଣେ କ୍ୟାପ୍‌ଟେନଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ମାତ୍ର ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ଏବଂ ଗୁଜରାଟର ବାସିନ୍ଦା ତିନି ଯବାନଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ଦୁଇ ଜଣ ଅଗ୍ନିବୀର ସାମିଲ ଅଛନ୍ତି। ତେବେ ସିଆଚେନ ଗ୍ଲାସିୟର କାରାକୋରମ୍ ପର୍ବତମାଳାରେ ଅବସ୍ଥିତ ଏବଂ ଏହାର ଉଚ୍ଚତା ପ୍ରାୟ ୨୦ ହଜାର ଫୁଟ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏଠାରେ ପୂର୍ବରୁ ମଧ୍ୟ ହିମସ୍ଖଳନ ଯୋଗୁ ଅନେକ ସୈନିକ ସହିଦ ହୋଇଛନ୍ତି। ତେବେ ଭାରତ ୧୯୮୪ ମସିହାରେ ଅପରେସନ୍ ମେଘଦୂତ ଆରମ୍ଭ କରି ସିଆଚେନ ଉପରେ ନିଜର କବଜା ବଜାୟ ରଖିଛି। ସେବେଠାରୁ ଭାରତୀୟ ସୈନ୍ୟମାନେ ଦେଶକୁ ସୁରକ୍ଷା ଦେବା ପାଇଁ ଏଠାରେ ମୁତୟନ ରହିଥାନ୍ତି।

## ହାଇକୋର୍ଟରେ ୫୦ବର୍ଷ ତଳ ମାମଲାର ବିଚାର ଶେଷ

# ସରକାର ଗଣିବେ ୨ ଲକ୍ଷ ତଣ୍ଡ

■ **କଟକ, ୯।୯ (ସମିସ):** ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଚାଲିଥିବା ଏକ ଅଦାଲତୀ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ୧୯୯୭ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମଧ୍ୟସ୍ଥତା ଆଦେଶ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଦୀର୍ଘକାଳୀନ ବିଳମ୍ବ କରିଥିବାରୁ ଦୀର୍ଘ ଦିନ ଧରି ଅନାବଶ୍ୟକ ଭାବେ ମକଦ୍ଦମା ଚାଲିଥିଲା। ବର୍ତ୍ତମାନ ଗଛକଟା ନେଇ ପରିବେଶଗତ ପ୍ରତିବନ୍ଧକ ରହିଥିଲେ ସୁଦ୍ଧା ଆବେଦନକାରୀଙ୍କୁ ଅନାବଶ୍ୟକ ମକଦ୍ଦମା ଚାଲିବା ହେତୁ ୨ଲକ୍ଷ ଟଙ୍କା ତଣ୍ଡ ଆକାରରେ ରାଜ୍ୟ ସରକାର ପଇଠ କରିବାକୁ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପାଦ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ସମ୍ବନ୍ଧିତ ଦୋଷୀ ଅଧିକାରୀଙ୍କୁଠାରୁ ଆଦାୟ କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

୭୦ ଦଶକରୁ ଉଦୟନାଥ ସାହୁ ଓ ଆର୍. ଏସ. ଭାଟିଆଙ୍କ ମଧ୍ୟରେ ବନାଞ୍ଚଳ ଗଛକଟା ଠିକାଦାରୀକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ ସୁପ୍ରିମକୋର୍ଟ ସିଭିଲ୍ ଅପିଲରେ ଦୁଇ ପକ୍ଷର ମଧ୍ୟରେ ସମ୍ମତିକୁ ରେକର୍ଡ କରି, ରାଜ୍ୟ ସରକାରଙ୍କୁ ଅକଟା ଗଛଗୁଡ଼ିକ ଚିହ୍ନଟ କରି ଦୁଇଜଣଙ୍କୁ ସମାନ ଭାଗରେ ବଣ୍ଟନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।। ଆବେଦନକାରୀ ଉଦୟନାଥଙ୍କ ସପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ସରକାର ଏହାକୁ କାର୍ଯ୍ୟକାରୀ ନକରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ବରିଷ୍ଠ ଆଇନଜୀବୀ ପାର୍ଥ ମୁଖାର୍ଜୀ ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# ରାଜ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

## ୩ ବର୍ଷରେ ଜୀବନ ହାରିଛନ୍ତି ୧୭,୭୭୮

■ **ଭୁବନେଶ୍ୱର, ୯।୯ (ସମିସ):** ଦିନକୁ ଦିନ ବଢ଼ି ଚାଲିଛି ଆତ୍ମହତ୍ୟା। ବିଭିନ୍ନ କାରଣରୁ କ୍ଷଣିକ ଉତ୍ତେଜନାରେ ବଶୀଭୂତ ହୋଇ ଅନେକ ଜୀବନହାରିବା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପ୍ରତିବର୍ଷ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି ଓ ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ି ଚାଲିଛି। ନିସଙ୍ଗତା ଓ ମାନସିକ ଅବସାଦ ଯୋଗୁ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଥିବା ମନସ୍ତତ୍ୱବିତ୍‌ମାନେ ମତ ଦେଉଛନ୍ତି।



### ଆତ୍ମହତ୍ୟା ନିରାକରଣ ଦିବସ ଆଜି

### ମାନସିକ ଅବସାଦ: ଛାତ୍ରଛାତ୍ରୀ ଆତ୍ମହତ୍ୟା ସଂଖ୍ୟା ବି ବଢୁଛି

ପରିସଂଖ୍ୟାନ ଅନୁସାରେ ଗତ ୩ବର୍ଷରେ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ୫୮% ବୃଦ୍ଧି ପାଇଛି। ୨୦୨୧ ମସିହାରେ ରାଜ୍ୟରେ ୫୬୪୯ ଜଣ ଆତ୍ମହତ୍ୟା କରିଥିବା ବେଳେ ସେମାନଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୧୧୯। ୨୦୨୨ରେ ୬୧୪୦ ଆତ୍ମହତ୍ୟା ପଞ୍ଜିକୃତ ହୋଇଥିଲା ଓ ଏହାମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ରହିଥିଲା ୧୭୩ । ସେହିପରି ୨୦୨୩ରେ ରାଜ୍ୟର ବିଭିନ୍ନ ଥାନାରେ ୫୯୮୯ ଆତ୍ମହତ୍ୟା ମାମଲା ରୁଜୁ ହୋଇଥିଲା ଏବଂ ଏହା ମଧ୍ୟରେ ୧୮୯ ଜଣ ଛାତ୍ରଛାତ୍ରୀ ଥିବା ସୂଚନା ମିଳିଛି। ଗତ ୩ବର୍ଷରେ ରାଜ୍ୟରେ ୧୭,୭୭୮ଜଣ ଜୀବନ ହାରିଥିବା ରିପୋର୍ଟ ବିଭିନ୍ନ ଥାନାରେ ଦରଜ ହୋଇଛି। ଆତ୍ମହତ୍ୟା ପାଇଁ ପାରିବାରିକ ସମସ୍ୟା, ପ୍ରେମ ବ୍ୟାପାର, ଅସଫଳତା ଓ ମାନସିକ ▶ପୃଷ୍ଠା-୧୦

## ରାଜଧାନୀରେ ଦୁଇ ବର୍ଷରେ ୪୦ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା

ଗତ ୨ବର୍ଷରେ ରାଜଧାନୀରେ ୪୦ ଜଣ ସ୍କୁଲ ପିଲା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେମାନେ ଗେମ୍ ଖେଳିବା ହେଉ ଅବା ଅତ୍ୟଧିକ ବ୍ୟବହାର ଯୋଗୁ ପରିବାର ଲୋକଙ୍କ ବାରଣ ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଜାତୀୟ ଶିଶୁ ସୁରକ୍ଷା ଅଧିକାରୀଙ୍କ ଏକ ରିପୋର୍ଟ ଅନୁସାରେ ୫୯.୨ ପ୍ରତିଶତ ସ୍କୁଲ ଛାତ୍ରଛାତ୍ରୀ ସୋସିଆଲ ମିଡିଆରେ ଚାଟିଂ ପାଇଁ ମୋବାଇଲ ବ୍ୟବହାର କରୁଥିବା ବେଳେ ମାତ୍ର ୧୦.୨ ପ୍ରତିଶତ ପିଲା କେବଳ ପାଠପଢ଼ା ପାଇଁ ବ୍ୟବହାର କରୁଛନ୍ତି। ସେହିପରି ୩୦.୨ ପ୍ରତିଶତ ପିଲାଙ୍କ ପାଖରେ ନିଜସ୍ୱ ମୋବାଇଲ ଫୋନ୍ ରହିଥିବାରୁ ସେମାନେ ମନଇଚ୍ଛା ବ୍ୟବହାର କରି ମାନସିକ ଚାପଗ୍ରସ୍ତ ହେଉଛନ୍ତି।





# ନେପାଳ ହିଂସା ପଛରେ କିଏ

## ଶ୍ରୀଲଙ୍କା, ବାଂଲାଦେଶ ପରେ ଏବେ ନେପାଳ

କାଠମାଣ୍ଡୁ, ୯।୯ (ଏଜେନ୍ସି): ଭାରତର ଆଉ ଏକ ପଡ଼ୋଶୀ ରାଷ୍ଟ୍ରରେ ପୁଣି ନିଆଁ ଜଳୁଛି। ହଠାତ୍ ଏକ ଆନ୍ଦୋଳନ ଆରମ୍ଭ ହୋଇ ଉଗ୍ର ରୂପ ଧାରଣ କରିଛି। ଏହା ପୁଣି ଏକ ସରକାରକୁ ଭୁଶୁଡ଼ାଇ ଦେଇଛି। ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ ପରେ ଏବେ ନେପାଳରେ ଏପରି ହୋଇଛି। ସବୁ ଦେଶର ମାମଲାରେ ସମାନ ରଣନୀତି ଅବଲମ୍ବନ କରାଯାଇଛି। ବଡ଼ଧରଣର ବିକ୍ଷୋଭ ଯୋଗୁଁ ସରକାର ଭୁଶୁଡି ପଡ଼ିଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବା ପାଇଁ ନେପାଳ ସରକାର ନେଇଥିବା ନିଷ୍ପତ୍ତି ଯୋଗୁଁ ଏପରି ହୋଇଛି। ଏହା ଦ୍ରୁତଗତିରେ ବ୍ୟାପିଯିବା ପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ସ୍ଥିତି ଏପରି ହୋଇଛି ଯେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଦେଶ ଛାଡ଼ି ଦୁବାଇ ଯିବାକୁ ଯୋଜନା କରୁଛନ୍ତି। ଏପରି ସମୟରେ ଲୋକଙ୍କ ମନରେ ବଡ଼ ପ୍ରଶ୍ନ ଉଠୁଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ ନିଷ୍ପତ୍ତି ଯୋଗୁଁ ଖାଲି ଏପରି ସ୍ଥିତି ସୃଷ୍ଟି ହୋଇପାରେ କି? ଏହା ପଛରେ ଅନ୍ୟ କୌଣସି ବିଦେଶୀ ଶତ୍ରୁର ହାତ ନାହିଁ ତ? ଆମେରିକା ଏବଂ ଚୀନ୍ ମଧ୍ୟରେ ଚାଲିଥିବା ଛାମୁଆ ଯୁଦ୍ଧର ନେପାଳ କେନ୍ଦ୍ରସ୍ଥଳ ପାଲଟି ଯାଇନି ତ?

ନେପାଳର ଏହି ଉଗ୍ର ବିକ୍ଷୋଭ ପଛରେ ଆମେରିକା ହାତ ଥିବା କୁହାଯାଉଛି। ଏହି ଦେଶର ଇଙ୍ଗିତରେ ବିକ୍ଷୋଭକାରୀ ସରକାରକୁ ଭୁଶୁଡ଼ାଇଦେଇଥିବା କୁହାଯାଉଛି। ନେତାମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ବିକ୍ଷୋଭ ପ୍ରଦର୍ଶନ ବନ୍ଦ ହେଉନାହିଁ। ନେତାମନ୍ତ୍ରୀଙ୍କ ବାସଭବନ ସମେତ କାଠମାଣ୍ଡୁରେ ହିଲ୍‌ଟନ୍ ହୋଟେଲରେ ମଧ୍ୟ ବିକ୍ଷୋଭକାରୀ ନିଆଁ ଲଗାଇ ଦେଇଛନ୍ତି। ଏହା କ୍ଷମତାସୀନ ଦଳର ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିଲା। ବାଂଲାଦେଶ ଏବଂ ଶ୍ରୀଲଙ୍କା ଭଳି ଏଠାରେ ମଧ୍ୟ କ୍ଷମତାସୀନ ଦଳର ନେତାମନ୍ତ୍ରୀଙ୍କୁ



ଦେଖିବା ମାତ୍ରେ ଆକ୍ରମଣ କରୁଛନ୍ତି। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ମଧ୍ୟ ବିକ୍ଷୋଭକାରୀ ଛାଡ଼ି ନାହାନ୍ତି। ଘରେ ପଶି ବିଭିନ୍ନ ସାମଗ୍ରୀ ନେଇ ଲୁଟପାଟ୍ ମଚାଉଛନ୍ତି। ଶେଷରେ ନିଆଁ ଲଗାଇ ଦେଉଛନ୍ତି। ପୂର୍ବେ ଏଭଳି ସ୍ଥିତି ସୃଷ୍ଟି ହେବାରୁ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟବାୟା ରାଜପକ୍ଷେ ଏବଂ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ଦେଶ ଛାଡ଼ି ପଳାଇ ଥିଲେ।

କିନ୍ତୁ ଏହି ଆନ୍ଦୋଳନ ପଛରେ କିଛି ବଡ଼ ଚକ୍ରାନ୍ତ ଲୁଚି ରହିଛି। ଗତ କିଛି ମାସ ହେଲା ନେପାଳର ସମସ୍ୟା ବୃଦ୍ଧି ପାଇଥିଲା। ୨୦୦୮ରୁ ନେପାଳ ଗଣତାନ୍ତ୍ରିକ ରାଷ୍ଟ୍ର ହେବା ପରଠାରୁ ଦେଶର କ୍ଷମତା ଚୀନ୍ ସମର୍ଥକ ଓଲି, ମାଓ କେନ୍ଦ୍ରିକ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଏବଂ ସେର ବାହାଦୂର ଦେଓବାଙ୍କ ମଧ୍ୟରେ କ୍ଷମତା ପରିବର୍ତ୍ତନ ଚାଲିଛି। ଏହି ତିନି ଜଣଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଛି। ଏହାକୁ ନେଇ ନେପାଳ ଯୁବଗୋଷ୍ଠୀ ଉତ୍କ୍ଷିପ୍ତ ହୋଇ ଉଠିଛନ୍ତି। ଅର୍ଥନୈତିକ ସ୍ଥିତି ଦୁର୍ବଳ ହୋଇଯାଇଛି। ବେକାରୀ ହାର ମଧ୍ୟ ବଢ଼ି ଚାଲିଛି। ଏହା ଯୁବଗୋଷ୍ଠୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହ ଆନ୍ଦୋଳନକୁ ଗତି ଦେଇଥିଲା।

୨୦୨୪ ଜୁଲାଇରୁ ଓଲି ପ୍ରଧାନମନ୍ତ୍ରୀ ହେବା ପରେ ସେ ଚୀନ୍ ସହ ସମ୍ବନ୍ଧ ମଜବୁତ କରିବାକୁ ଚାହିଁଥିଲେ। ତେବେ ସେ ପାରମ୍ପରିକ ସହଯୋଗୀ ଭାରତକୁ ମଧ୍ୟ ଅଣଦେଖା କରି ଚାଲିଥିଲେ। ନେପାଳ ମଧ୍ୟ ଚୀନ୍‌ର ବିଆରଆଇ ପ୍ରକଳ୍ପରେ ସାମିଲ ହେବାକୁ ରାଜି ହୋଇଥିଲା। ଓଲିଙ୍କ ଗସ୍ତରେ ଏ ନେଇ ଚୁକ୍ତି ହୋଇଥିଲା। ତେବେ ଦକ୍ଷିଣ ଏସିଆରେ କ୍ଷମତା ବିସ୍ତାର କରିବାକୁ ଚାହୁଁଥିବା ଆମେରିକା ପାଇଁ ଏହା ଅସହ୍ୟ ହୋଇ ଉଠିଥିଲା। ଚୀନ୍‌ର ପ୍ରାଧାନ୍ୟ ବିସ୍ତାରକୁ ରୋକିବା ଲାଗି ନେପାଳକୁ ବେଜିଂ ପାଲରୁ ବାହାର କରିବାକୁ ଚେଷ୍ଟା କରିଥିଲା। ଏଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏକ ଯୋଜନା କରିଥିଲା। ୫୦୦ ନିୟୁତ ଡଲାରର ପ୍ରକଳ୍ପ ନେପାଳ ପାଇଁ ଭେଟି ଦେଇଥିଲା। ଏହା ଚୀନ୍ ବିଆରଆଇ ପାଇଁ ଆହ୍ୱାନ ଥିଲା। କିନ୍ତୁ ନେପାଳ ସରକାର ଚୀନ୍ ସହ ଘନିଷ୍ଠତା ବଜାୟ ରଖିଥିଲେ। ଚୀନ୍ ବିଜୟ ଦିବସ ପରେଡରେ ସାମିଲ ହୋଇ ଓଲି ଏହି ବାର୍ତ୍ତା ଦେଇଥିଲେ। ଏହା ଫଳରେ ଆମରିକା ସହ ନେପାଳର ତିକ୍ତତା ଅଧିକ ବୃଦ୍ଧି ପାଇଥିଲା। ଶେଷରେ ସରକାର ଭୁଶୁଡାଇବା ପାଇଁ ଆମେରିକା ଯୋଜନା କଲା ବୋଲି କୁହାଯାଉଛି।

## ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବଲେନ୍ଦ୍ର ଶାହା!



କାଠମାଣ୍ଡୁ, ୯।୯ (ଏଜେନ୍ସି): ନେପାଳରେ ଚାଲିଥିବା ହିଂସ୍ର ପ୍ରଦର୍ଶନ ପଛକୁ କାଠମାଣ୍ଡୁ ମେୟର ବଲେନ୍ଦ୍ର ଶାହା(୩୫) ସମର୍ଥନ ଦେଇଛନ୍ତି। ଓଲିଙ୍କ ଇସ୍ତଫା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଯାଉଛି। ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ଏହି ବିକ୍ଷୋଭକୁ ସେ ମଧ୍ୟ ଦୃଢ଼ ସମର୍ଥନ ଦେଇଛନ୍ତି। ସୋସିଆଲ ମିଡିଆରେ ନେପୋ କିଡ୍‌ଙ୍କ ବିରୋଧରେ ଆରମ୍ଭ ହୋଇଥିବା ଆନ୍ଦୋଳନର ପ୍ରମୁଖ ସୂତ୍ରଧର ଭାବେ ସେ ପରିଚିତ। ୧୮ରୁ ୨୮ ବର୍ଷ ପିଲା ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ବୟସ ଅଧିକ ହୋଇଥିବା ଯୋଗୁଁ ସେ ବିକ୍ଷୋଭରେ ସାମିଲ ହୋଇ ନାହାନ୍ତି। ଶାହା କହିଛନ୍ତି ଯେ ସେ ଆନ୍ଦୋଳନକାରୀଙ୍କ ଆକାଂକ୍ଷା, ଉଦ୍ଦେଶ୍ୟ ଏବଂ ଚିନ୍ତାଧାରା ବୁଝିବାକୁ ଚାହୁଁଛନ୍ତି। ରାଜନୈତିକ ଦଳ, ନେତା, କର୍ମୀ, ଆଇନ ପ୍ରଣେତା ଏବଂ ପ୍ରଚାରକମାନେ ଏହି ରାଲିକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଅନୁଚିତ।

## ଆନ୍ଦୋଳନ ପଛରେ ସୁଦାନ ଗୁରୁଙ୍ଗ



ସାମାଜିକ ଗଣମାଧ୍ୟମରୁ କଟକଣା ହଟିବା, ଗୃହମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ନେପାଳରେ ଉଗ୍ର ବିକ୍ଷୋଭ ଜାରି ରହିଛି। ଉପଦ୍ରବୀଙ୍କ ଅନୁପ୍ରବେଶ ଯୋଗୁଁ ଏହି ଆନ୍ଦୋଳନ ହେଲା ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି କହିଛନ୍ତି। କ୍ଷମତାସୀନ ହେବାକୁ ଆନ୍ଦୋଳନକାରୀ ଚାହୁଁଥିବା ସେ ଉଲ୍ଲେଖ କରିଛନ୍ତି। ତେବେ ଏହି ବିକ୍ଷୋଭ ପଛରେ ୩୬ ବର୍ଷୀୟ ସୁଦାନ ଗୁରୁଙ୍ଗଙ୍କ ହାତ ଥିବା କୁହାଯାଉଛି। ଏକ ଏନ୍‌ଜିଓ 'ହାମି ନେପାଳ'ର ସେ ଅଧ୍ୟକ୍ଷ ଅଛନ୍ତି। ଲେ ନିଜେ ମଧ୍ୟ ଏହି ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ସେ କହିଥିଲେ ଯେ ତାଙ୍କ ଗୋଷ୍ଠୀ ରାଲି ଆୟୋଜନ କରିବାକୁ ନିବେଦନ କରିଥିଲା। ଛାତ୍ରଛାତ୍ରମାନଙ୍କୁ ସ୍କୁଲ ପୋଷାକ ପିନ୍ଧିବା ଏବଂ ପୁସ୍ତକ ଧରି ସାମିଲ ହେବାକୁ କହିଥିଲା। ଏହି ଗୋଷ୍ଠୀ ପ୍ରଦର୍ଶନକୁ ଶାନ୍ତିପୂର୍ଣ୍ଣ ପ୍ରତିରୋଧର ପ୍ରତୀକରେ ପରିଣତ କରିଥିଲା। ବ୍ଲାକଆଉଟ ପୂର୍ବରୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହି ଗୋଷ୍ଠୀ ବିକ୍ଷୋଭକାରୀଙ୍କୁ ସୁରକ୍ଷା ମାନକ ଏବଂ ବିକ୍ଷୋଭର ସ୍ଥଳ ବିଷୟରେ ସୂଚନା ଦେଉଥିଲା। ୨୦୧୫ର ନେପାଳରେ ଆସିଥିବା ଭୂକମ୍ପ ସମୟରେ ଏହି ଏନ୍‌ଜିଓ ସୃଷ୍ଟି ହୋଇଥିଲା। ଏହି ଭୂକମ୍ପରେ ସୁଦାନ ନିଜ ଶିଶୁକୁ ହରାଇ ଥିଲେ। ଏହା ପରେ ସେ ଦୁର୍ନୀତି ବିରୋଧରେ ସ୍ୱର ଉଠାଇବା ଆରମ୍ଭ କରିଥିଲେ। ଶେଷରେ ସେ ସାମାଜିକ ଗଣମାଧ୍ୟମରେ ଜେନ୍ ଜେଡ୍ ବିକ୍ଷୋଭ ନେଇଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲେ



କାଠମାଣ୍ଡୁ, ୯।୯ (ଏଜେନ୍ସି): ଅନ୍‌ଲାଇନରେ ଯୁବ ଗୋଷ୍ଠୀଙ୍କ ଶାନ୍ତିପୂର୍ଣ୍ଣ ନେପୋ କିଡ୍ ଏବଂ ଦୁର୍ନୀତି ଆନ୍ଦୋଳନକୁ ବନ୍ଦ ପାଇଁ ନେପାଳ ସରକାର ପଞ୍ଜୀକରଣ ଆଳରେ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିଦେଇଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିଦ୍ରୋହର ବହ୍ନିକୁ ଜୋରଦାର କରିଥିଲା। ଜେନ୍ ଜେଡ୍ ଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଛାଡ଼ି ସିଧା ରାସ୍ତାକୁ ଓହ୍ଲାଇ ଥିଲେ। ଆଉ ଏହି ଆନ୍ଦୋଳନ ଏବେ ସରକାରଙ୍କୁ ଗାଦି ଛାଡ଼ିବାକୁ ବାଧ୍ୟ କରିଦେଇଛି। ଜଣଙ୍କ ପରେ ଜଣେ ଇସ୍ତଫା ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରେ ନେପାଳ ରାଷ୍ଟ୍ରପତି ଇସ୍ତଫା ଦେଇଛନ୍ତି। ସରକାର ଭୁଶୁଡ଼ି ଯାଇଛି। ତେବେ ଏହି ଆନ୍ଦୋଳନ ହିଂସ୍ର ରୂପ ଧାରଣ କରିଛି। ଏହି ନିଆଁରେ ଅନେକ ନିରୀହଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖନାଲଙ୍କ ପତ୍ନୀ ରାଜଲକ୍ଷ୍ମୀ ଚିତ୍ରାକର ସାମିଲ ଅଛନ୍ତି। ଆନ୍ଦୋଳନକାରୀ ତାଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛନ୍ତି। ରିପୋର୍ଟ ଅନୁଯାୟୀ ଆଜି ଆନ୍ଦୋଳନକାରୀ କାଠମାଣ୍ଡୁର ଡାଲୁ ଅଞ୍ଚଳରେ ଥିବା ତାଙ୍କ ଘରକୁ କବ୍‌ଜା କରି ନେଇଥିଲେ। ସେ ଘରେ ଫସି ରହିଥିବା ସମୟରେ ବାହାରୁ ନିଆଁ ଲଗାଇ ଦେଇଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କୀର୍ତ୍ତିପୁର ବର୍ଣ୍ଣ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆନ୍ଦୋଳନକାରୀ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି। ଅନେକମନ୍ତ୍ରୀଙ୍କ ଘର ମଧ୍ୟ ବିକ୍ଷୋଭକାରୀ ଜାଳି ଦେଇଛନ୍ତି। ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଏହା ଆନ୍ଦୋଳନର ଭୟାବହତାକୁ ଦର୍ଶାଉଛି। ସମ୍ପୂର୍ଣ୍ଣ ଦେଶ ଅଶାନ୍ତ ରହିଛି। ସ୍ଥିତିକୁ ଦେଖି ଭାରତ ନିଜ ନାଗରିକଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛି। ନେପାଳ ସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଏହି ଦେଶକୁ ନ ଯିବା ପାଇଁ କୁହାଯାଇଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ନେପାଳ ଏୟାରଲାଇନ୍ସ ଦିଲ୍ଲୀରୁ କାଠମାଣ୍ଡୁକୁ ସମସ୍ତ ବିମାନ ବାତିଲ କରିଦେଇଛି।

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଧାରକଲା ସେନା

### ଅର୍ଥମନ୍ତ୍ରୀଙ୍କୁ ତଡ଼ି ତଡ଼ି ବାଡ଼େଇଲେ

ନେପାଳରେ ଯୁବଗୋଷ୍ଠୀଙ୍କ ବିକ୍ଷୋଭ ପ୍ରଦର୍ଶନ ରକ୍ତମୁଖା ହୋଇ ଉଠିଛି। ସରକାରରେ ସାମିଲ ନେତାମନ୍ତ୍ରୀଙ୍କୁ ଦେଖିଲା ମାତ୍ରେ ବିକ୍ଷୋଭକାରୀ ମାଡ଼ ମାରୁଛନ୍ତି। ଏବେ କେପି ଶର୍ମା ଓଲିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲ (୬୫)ଙ୍କୁ କାଠମାଣ୍ଡୁର ଗଳିରେ ଗୋଡ଼ାଇ ଗୋଡ଼ାଇ ମାଡ଼ ମରାଯାଇଛି। ବିକ୍ଷୋଭକାରୀ ତାଙ୍କୁ ଫିଲ୍ମଶୈଳୀରେ ମାଡ଼ ମାରୁଥିବା ଦେଖାଯାଉଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ମନ୍ତ୍ରୀ ଜୀବନ ବଞ୍ଚାଇବା ପାଇଁ ଦୌଡୁଥିବାବେଳେ ବିକ୍ଷୋଭକାରୀ ତାଙ୍କୁ ଧରିବା ପାଇଁ ପଛରେ ଗୋଡ଼ାଉ ଥିବା ଦେଖାଯାଉଛି। ସମସ୍ତେ ମିଶି ତାଙ୍କୁ ମାଡ଼ ମାରୁଛନ୍ତି। ପରେ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି। କାଠମାଣ୍ଡୁ ପୁଲିସର ସୂଚନା ଅନୁଯାୟୀ ଆନ୍ଦୋଳନକାରୀ କର୍ଫ୍ୟୁକୁ ଉଲ୍ଲଙ୍ଘନ କରିଛନ୍ତି। ବିଭିନ୍ନ ସ୍ଥାନରେ ଆକ୍ରମଣ କରି ନିଆଁ ଲଗାଇ ଦେଇଛନ୍ତି। ଭାଇରାଲ ଭିଡିଓରୁ ଦେଖାଯାଉଛି ଯେ ଜୀବନ ବଞ୍ଚାଇବା ପାଇଁ ପୌଡେଲ କାଠମାଣ୍ଡୁରେ ଗଳିରେ ଦୌଡୁଛନ୍ତି। ଏହି ସମୟରେ ଜଣେ ବିକ୍ଷୋଭକାରୀ ବିପରୀତ ଦିଗରୁ ଆସି ଡେଇଁ ତାଙ୍କୁ କିକ୍ ମାରୁଛି। ଏଥିରେ ମନ୍ତ୍ରୀ ନିୟନ୍ତ୍ରଣ ହରାଇ ଏକ କାନ୍ଥ ସହ ଯାଇ ମାଡ଼ ହୋଇଥିଲେ। ଏହା ପରେ ମନ୍ତ୍ରୀ ତର ତର ହୋଇ ଉଠି ପଡ଼ିଥିଲେ। ପୁଣି ଦୌଡ଼ିବାକୁ ଲାଗିଥିଲେ। କିଛି ସମୟ ଭିତରେ ଆଉ ଜଣେ ବ୍ୟକ୍ତି ପିଛା କରି ତାଙ୍କୁ ଧରି ପକାଇ ଥିଲେ।

ଜେନ୍ ଜେଡ୍ ଆନ୍ଦୋଳନକାରୀ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୂର ଦେଓବା ଏବଂ ତାଙ୍କ ପତ୍ନୀ ତଥା ବିଦେଶମନ୍ତ୍ରୀ ଅରଜୁ ରାଣା ଦେଓବାଙ୍କ ଉପରେ ଆକ୍ରମଣ ହୋଇଛି। କାଠମାଣ୍ଡୁର ବୁଡାନୀଳକଣ୍ଠରେ ଥିବା ତାଙ୍କ ବାସଭବନ ଉପରେ ବିକ୍ଷୋଭକାରୀ ଆଜି ଆକ୍ରମଣ କରିଥିଲେ। ସେମାନଙ୍କ ମାଡ଼ରେ ସେର ବାହାଦୂର ଲହୁଲୁହାଣ ହୋଇ ପଡ଼ିଥିଲେ। ମାଡ଼ ମାରି ମୁହଁ ଫୁଲାଇ ଦେଇଥିଲେ। ତାଙ୍କ ମୁହଁରୁ ରକ୍ତ ବାହାର କରିଦେଇଥିଲେ। ସୁରକ୍ଷାବାହିନୀ ପହଞ୍ଚିବା ପୂର୍ବରୁ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଭଙ୍ଗାରୁଜା କରିବା ସହ ଜିନିଷପତ୍ର ଲୁଟି ନେଇଥିଲେ। ଏକ ପଡ଼ିଆ ନିକଟରୁ ଦେଓବା ଏବଂ ତାଙ୍କ ପତ୍ନୀଙ୍କୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

# ରାଜସ୍ଥାନରେ ରେକର୍ଡ ବର୍ଷା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବର୍ଷା ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଭୂସ୍ଖଳନ ସାଙ୍ଗକୁ ବନ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ରାଜସ୍ଥାନରେ ଇତିହାସର ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି। ଏ ପର୍ଯ୍ୟନ୍ତ ୬୯୩.୧ ମିମି ବର୍ଷା ହେଲାଣି। ୧୦୯ ବର୍ଷ ତଳେ ୧୯୧୭ରେ ୮୪୪.୨ ମିମି ବର୍ଷା ହୋଇଥିଲା। ଏବେ ସୁଦ୍ଧା ୬୩ ପ୍ରତିଶତ ବନ୍ଧ ଫୁଲ୍ ହୋଇଗଲାଣି। ରାଜ୍ୟରେ ଜୁନ୍‌ରେ ୧୨୫.୩ ମିମି, ଜୁଲାଇରେ ୨୯୦ ମିମି ଏବଂ ଅଗଷ୍ଟରେ ୧୮୪ ମିମି ବର୍ଷା ହୋଇଥିଲା। ସେହିପରି ହିମାଚଳରେ ମୌସୁମୀ କହର ଜାରି ରହିଛି। ସୋମବାର ରାତିରେ କୁଲ୍ଲୁରେ ଭୂସ୍ଖଳନ ହୋଇ ଏକ ଭାଙ୍ଗିଯିବାରୁ ପରିବାରର ୫ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ତିନି ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୧୩୬ ବଡ଼ ଭୂସ୍ଖଳନ ଘଟଣା ଏବଂ ୪୫ ଥର ବାଦଲଫଟା ବର୍ଷା ହେଲାଣି। ଏହା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶ ମାର୍ଗରୁ କାଙ୍ଗଡ଼ା ଜିଲ୍ଲାର ସର୍ବେକ୍ଷଣ କରିଛନ୍ତି। ସେ ବନ୍ୟା ଏବଂ ବର୍ଷା ପ୍ରଭାବିତ କ୍ଷେତ୍ର ପାଇଁ ୧୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସେହିପରି ମୃତକଙ୍କ ପରିବାର ସଦସ୍ୟଙ୍କ ଲାଗି ୨ ଲକ୍ଷ ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। କୃଷକଙ୍କୁ ପିଏମ କିଶାନ ନିଧିର ଆଡଭାନ୍ସ କିସ୍ତି ପ୍ରଦାନ କରାଯିବ ବୋଲି ମୋଦୀ କହିଛନ୍ତି।

ଅନ୍ୟପଟେ ଗୁଜରାଟ ଅହମଦାବାଦରେ ସୋମବାର ରାତିରେ ବଡ଼ ଅଘଟଣ ଘଟିଛି। ରାତିରେ ଦମ୍ପତି ପାଣି ଭର୍ତ୍ତି ସଡ଼କ ଦେଇ ଯାଉଥିଲେ। ରାସ୍ତାରେ ଥିବା ଖାଲରେ କରେଣ୍ଟ ତାର ଥିଲା। ଏହା ସଂସ୍ପର୍ଶରେ ଆସିଯିବାରୁ ଉଭୟଙ୍କ ମୃତ୍ୟୁ ହୋଇଛି। ସେହିପରି ଉତ୍ତର ଗୁଜରାଟ ଏବଂ ସୌରାଷ୍ଟ୍ରରେ ଗତ ତିନି ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ଏହା ଦ୍ୱାରା କଚ୍ଛର ମରୁଭୂମିରେ ପ୍ରଥମ ଥର ପାଇଁ ବନ୍ୟା ଆସିଛି। ସେହିପରି ପ୍ରଧାନମନ୍ତ୍ରୀ ବନ୍ୟା ପୀଡ଼ିତ ପଞ୍ଜାବ ଗସ୍ତରେ ଯାଇ ୧୬୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦେଇଛନ୍ତି। ସେ ଗୁରଦାସପୁରରେ ପ୍ରଭାବିତ ଚାଷୀ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ ଟିମ୍ ସହ ଆଲୋଚନା କରିଛନ୍ତି। ମନ୍ତ୍ରୀ ଏବଂ ଅଧିକାରୀଙ୍କ ସହ ମଧ୍ୟ ବୈଠକ କରିଛନ୍ତି।

## ହାଇକୋର୍ଟରେ ଐଶ୍ୱର୍ଯ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏଥିରେ ସେ ବିନାନୁମତିରେ ତାଙ୍କ ଫଟୋ, ନାମ, ପରିଚୟ ଏବଂ ଏଆଇ ଜେନେରେଟେଡ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ) ଉପରେ ରୋକ୍ ଲଗାଇବାକୁ ଦାବି କରିଛନ୍ତି। ଏହା ଦ୍ୱାରା ବ୍ୟକ୍ତିଗତ ଅଧିକାରର ଉଲ୍ଲଙ୍ଘନ ହେଉଛି ବୋଲି ସେ କହିଛନ୍ତି। ଅଭିନେତ୍ରୀଙ୍କ ଓକିଲ ସନ୍ଦୀପ ସେଠ କୋର୍ଟରେ କହିଛନ୍ତି ଯେ ଭ୍ରମାତ୍ମକ ପ୍ରଚାର ଏବଂ ଲାଭ ପାଇଁଐଶ୍ୱର୍ଯ୍ୟାଙ୍କ ପରିଚୟକୁ ବିନା ଭୟରେ ଅପବ୍ୟବହାର କରାଯାଉଛି। ଐଶ୍ୱର୍ଯ୍ୟାଙ୍କ ଅଶ୍ଳୀଳ, ଜାଲିଆତି କରାଯାଇଥିବା ଏବଂ ଏଆଇ ଜେନେରେଟଡ ଫଟୋ ଅନ୍‌ଲାଇନରେ ପ୍ରଚାରପ୍ରସାର କରାଯାଉଛି। ଏହା ଦ୍ୱାରା ଅଭିନେତ୍ରୀଙ୍କ ଗରିମା ଏବଂ ଅଧିକାର ଉଲ୍ଲଙ୍ଘନ ହେଉଛି। ସେହିପରି ଯୌନ ଇଚ୍ଛାକୁ ମେଣ୍ଟାଇବା ପାଇଁ ଐଶ୍ୱର୍ଯ୍ୟାଙ୍କ ଫଟୋ ବ୍ୟବହାର କରାଯାଉଛି। ସନ୍ଦୀପ ସେଠ୍ କହିଥିଲେ ଯେ କିଛି କମ୍ପାନୀ ତଥା ୱେବସାଇଟ ନିଜକୁ ଆନୁଷ୍ଠାନିକ ପ୍ଲାଟଫର୍ମ କହି ଐଶ୍ୱର୍ଯ୍ୟାଙ୍କ ନାମ ଏବଂ ଫଟୋ ଲଗାଇ ମଗ୍, ଟି-ସାର୍ଟ, ଡ୍ରିଙ୍କ ପ୍ରଡକ୍ଟସ ସହିତ ଅନେକ ବେଆଇନ ସାମଗ୍ରୀ ବିକୁଛନ୍ତି। ଏହା ଉପରେ ବିଚାରପତି କହିଥିଲେ ଯେ ଅନ୍‌ଲାଇନ ପ୍ଲାଟଫର୍ମ, କମ୍ପାନୀ ଏବଂ ବିନା ଅନୁମତିରେ ଏଭଳି ଫଟୋ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କଟକଣା ଲଗାଯିବ। ଏଥିପାଇଁ 'ଇଞ୍ଜକ୍ସନ ଅର୍ଡର' ପାରିତ କରାଯିବ। ଜାନୁଆରୀ ୧୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

# ମୁନ୍ନାଭାଇ ଜେଲ୍‌ରେ ହିଁ ରୁହନ୍ତୁ: ସୁପ୍ରିମକୋର୍ଟ



### ଅନ୍ୟ ଦ୍ୱାରା ପରୀକ୍ଷା ଦେବାକୁ ଭର୍ତ୍ସନା

### ଜାମିନ ଆବେଦନ ଖାରଜ କଲେ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଚଳଚ୍ଚିତ୍ର 'ମୁନ୍ନାଭାଇ ଏମ୍‌ବିବିଏସ' ପରି ଉତ୍ତର ପ୍ରଦେଶର ଜଣେ ବ୍ୟକ୍ତି ନିଜ ପରୀକ୍ଷା ଦେବା ପାଇଁ ଅନ୍ୟ ଜଣଙ୍କୁ ବସାଇ ଥିଲେ। ଏହାକୁ ସୁପ୍ରିମକୋର୍ଟ ଚିନ୍ତାଜନକ କହିଛନ୍ତି। ମୁନ୍ନାଭାଇଙ୍କୁ ଜେଲ୍‌ରେ ହିଁ ରହିବାକୁ ପଡ଼ିବ ବୋଲି ଉଲ୍ଲେଖ କରିଛନ୍ତି। ଏଭଳି ଜାଲିଆତି ସାର୍ବଜନୀନ ପରୀକ୍ଷା ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଉଛି। ଏହା ଦ୍ୱାରା ଅନେକ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ସହିତ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଆବେଦନକାରୀ ୨୦୨୪ ଡିସେମ୍ବରରେ ହୋଇଥିବା ଉତ୍ତର ପ୍ରଦେଶ ସିଟିଇଟି ପରୀକ୍ଷାରେ ନିଜ ସ୍ଥାନରେ ଜାଲ୍ ପରୀକ୍ଷାର୍ଥୀଙ୍କୁ ବସାଇଥିବା ଅଭିଯୋଗ ଲାଗିଛି।

ଏହା ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ସେ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ଏହି ମାମଲାରେ ତିନି ଜଣଙ୍କ ବିରୋଧରେ ଆରୋପପତ୍ର ଦାଖଲ କରାଯାଇଛି। ନକଲି ପରୀକ୍ଷାର୍ଥୀଙ୍କ ସମେତ ଦୁଇ ଜଣଙ୍କୁ ମଧ୍ୟ ଜାମିନ ମିଳିସାରିଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରି ଚାରି ସପ୍ତାହ ଭିତରେ ଜବାବ ମାଗିଛନ୍ତି। ହାଇକୋର୍ଟରେ ମିଥ୍ୟା ମାମଲାରେ ଫସା ଯାଇଛି ବୋଲି ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା। ସେ ପରୀକ୍ଷା ଦିନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କହିଥିଲେ। ଅଜାଣତରେ ଆଉ କେହି ପରୀକ୍ଷାରେ ବସିଥିବା ସୂଚନା ଦିଆଯାଇଥିଲା। ତେବେ ହାଇକୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ। ପରୀକ୍ଷାରେ ଆଉ କେହି ବସିବା ଦ୍ୱାରା ଶିକ୍ଷା ପ୍ରଣାଳୀର ଅଖଣ୍ଡତା ପ୍ରଭାବିତ ହେଉଛି। ସମାଜ ଉପରେ ଗମ୍ଭୀର ପ୍ରଭାବ ପଡୁଛି ବୋଲି କହିଥିଲେ। ଆବେଦନକାରୀ ଏବଂ ଅନ୍ୟଜଣଙ୍କ ବିରୋଧରେ ପ୍ରଧାନ ଶିକ୍ଷକଙ୍କ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ୨୦୨୪ ଡିସେମ୍ବର ୧୫ରେ ଆୟୋଜିତ ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ ଥିବା ନେଇ ସୂଚନା ମିଳିଥିଲା। ଯାଞ୍ଚ ସମୟରେ ବାୟୋମେଟ୍ରିକକୁ ମିଶା ଯାଇ ନ ଥିଲା। ଆବେଦନକାରୀ ସନ୍ଦୀପ ସିଂହ ପଟେଲଙ୍କ ସ୍ଥାନରେ ଅନ୍ୟ ଜଣେ ବ୍ୟକ୍ତି ଜାଲ୍ ପ୍ରବେଶ ପତ୍ରର ମାଧ୍ୟମରେ ପରୀକ୍ଷା ଦେଉଥିବା ଜଣା ପଡ଼ିଥିଲା।

■ ସାପକାମୁଡ଼ା ରୋଗୀଙ୍କୁ ଝଡ଼ାଫୁଙ୍କା

## ଭାଇ-ଭଉଣୀ ମୃତ

ଉମରକୋଟ, ୯।୯(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ରାଜପୁର ଅଞ୍ଚଳରେ ସାପକାମୁଡ଼ାରେ ଭାଇ-ଭଉଣୀଙ୍କ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ରାଜପୁର ଗ୍ରାମର ଜଗତୁ ହରିଜନଙ୍କ ପୁଅ ରୁଜୁରାଜ ହରିଜନ (୯ମାସ) ଓ ଭଉଣୀ ଅମିତା ହରିଜନ (୧୧)। ଗତ ରାତିରେ ସମସ୍ତେ ଖାଇ ପିଇ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ଉଭୟଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଦୁହିଁଙ୍କୁ ଡାକ୍ତରଖାନା ନେବା ବଦଳରେ ଗୁଣିଆ ପାଖକୁ ନେଇ ଝଡ଼ାଫୁଙ୍କା କରିଥିଲେ। କିନ୍ତୁ ଦେହ ଭଲ ନହେବାରୁ ପରେ ସେମାନଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସଚେତନତା ଅଭାବରୁ ଦୁଇଦୁଇଟି ଜୀବନ ଅକାଳରେ ଚାଲିଗଲା ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା କହିଛନ୍ତି।



## ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର

ପୁରୀ, ୯।୯ (ସମିସ): ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର। ପୁରୀ ପୁଲିସ୍‌ର ଏକ ଟିମ୍ ନରେନ୍ଦ୍ରକୋଣସ୍ଥିତ ଏକ ଲଜ୍‌ରୁ ନାବାଳକକୁ ଉଦ୍ଧାର କରିବା ପରେ ସୋନପୁର ପୁଲିସକୁ ହସ୍ତାନ୍ତର କରିଛି। ତେବେ ଆଗୁଆ ଖବର ପାଇ ଅପହର୍ତ୍ତାମାନେ ଫେରାର୍ ହୋଇଯାଇଥିବା ଜଣାଯାଇଛି। ୨୦ ଲକ୍ଷ ଟଙ୍କା ପାଇଁ ଦୁର୍ବୃତ୍ତମାନେ ନାବାଳକର ମୁଣ୍ଡ ଜାମିନ ରଖିଥିଲେ। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା କାର୍‌କୁ ପୁଲିସ ଜବତ କରିଛି।

ସୂଚନାନୁଯାୟୀ, ରବିବାର ୩ଜଣ ଦୁର୍ବୃତ୍ତ ସୋନପୁରରୁ ନାବାଳକକୁ ଏକ କାର୍‌ରେ ଅପହରଣ କରି ପୁରୀ ନେଇ ଆସିଥିଲେ। ସୋମବାର ରାତି ପ୍ରାୟ ୮ଟାରେ ନରେନ୍ଦ୍ରକୋଣସ୍ଥିତ ଏକ ଲଜ୍‌ରେ ସେମାନେ ନାବାଳକକୁ ରଖିଥିଲେ। ଏନେଇ ନାବାଳକଙ୍କ ପରିବାରଲୋକେ ନିକଟସ୍ଥ ଥାନାରେ ଅଭିଯୋଗ କରିବା ପରେ ପୁରୀ ପୁଲିସର ସହଯୋଗ ନେଇଥିଲା ସୋନପୁର ପୁଲିସ। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ତେବେ ଦୁର୍ବୃତ୍ତମାନେ ନାବାଳକକୁ ନରେନ୍ଦ୍ରକୋଣର ଏକ ଲଜ୍‌ରେ ରଖିଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ବିଳମ୍ବିତ ରାତିରେ ସମ୍ପୃକ୍ତ ଲଜ୍‌ରେ ପୁଲିସ ଚଢ଼ଉ କରି ନାବାଳକକୁ ଉଦ୍ଧାର କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ନାବାଳକ ବାପାଙ୍କର ଏକ ଭେରାଇଟି ଷ୍ଟୋର ସୋନପୁରରେ ରହିଛି। ଅପହରଣକାରୀମାନେ ଦୋକାନ ପାଖ ଅଞ୍ଚଳର ହୋଇଥିବା ବେଳେ ପୁଲିସ ସେମାନଙ୍କୁ ଚିହ୍ନଟ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୁଲିସ କହିଛି।

■ ୨୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିଲେ
■ ଅପହର୍ତ୍ତା ଫେରାର୍, ଗାଡ଼ି ଜବତ

## ବୃଦ୍ଧଙ୍କୁ ଝୁଣିଦେଲା ଭାଲୁ

କୋକସରା/ଜୟପାଟଣା, ୯।୯(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ଉଛୁଲା ପଞ୍ଚାୟତ କୁଣ୍ଡିଗୁଡା ଗ୍ରାମର ଜଣେ ବୃଦ୍ଧ ଭାଲୁ ଆକ୍ରମଣ ଶିକାର ହୋଇ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧଜଣଙ୍କ ହେଲେ, ଉଦେ ମାଝୀ(୬୦)। ମଙ୍ଗଳବାର ଭୋର୍‌ରେ ଉଦେ ଶୌଚ ପାଇଁ ନିଜ ଚାଷ ଜମି ଆଡ଼କୁ ଯାଇଥିବା ବେଳେ ଏକ ଜଙ୍ଗଲୀ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ବୃଦ୍ଧଙ୍କ ମୁଣ୍ଡ ଓ ପିଠିରେ କ୍ଷତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଦେଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଅନ୍ୟପଟେ ବନ ବିଭାଗର କର୍ମଚାରୀମାନେ ମେଡିକାଲରେ ପହଞ୍ଚି କାଗଜ ପତ୍ର ସଂଗ୍ରହ କରିବା ସହ ଆବଶ୍ୟକ ହିସାବରେ କ୍ଷତିପୂରଣ ସହାୟତା ଯୋଗାଇଦେବା ପାଇଁ କହିଛନ୍ତି।

# ଜୈବିକ ଚାଷ ପ୍ରତି ଅନାଗ୍ରହୀ ଓଡ଼ିଶା ଚାଷୀ

■ ସାର ଓ କୀଟନାଶକ ଛାଡ଼ିପାରୁ ନାହାନ୍ତି
■ ଯୋଜନା ହେଉଛି, କାର୍ଯ୍ୟାନ୍ୱୟନ ହେଉନି

ଭୁବନେଶ୍ୱର, ୯।୯ (ସମିସ): କୃଷି କ୍ଷେତ୍ରରେ ରସାୟନିକ ସାରର ବ୍ୟବହାର ପୂର୍ବାପେକ୍ଷା ବହୁ ମାତ୍ରାରେ ବୃଦ୍ଧି ପାଇଛି। ଅଧିକ ଉତ୍ପାଦନ ପାଇଁ ଚାଷୀମାନେ ସାର ଓ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ହେଉଛି। ମାତ୍ର ଉତ୍ପାଦିତ ଫସଲର ଗୁଣାତ୍ମକମାନ ହ୍ରାସ ପାଉଛି। ଏହାକୁ ଲୋକମାନେ ଖାଦ୍ୟ ରୂପେ ଗ୍ରହଣ କରି ରୋଗଗ୍ରସ୍ତ ହେଉଛନ୍ତି। ବିଭିନ୍ନ ପ୍ରକାର ରୋଗର କାରଣ ବ୍ୟାପକ ସାର ବ୍ୟବହାର ବୋଲି ଏକାଧିକ ଗବେଷଣାରୁ ପ୍ରମାଣିତ ହୋଇଛି। ଏଥିସହ ମାଟିର ଉର୍ବରତା ହ୍ରାସ ପାଇବା ସହ ସାର ବ୍ୟବହାର ଯୋଗୁଁ ମାଟି ପଥୁରିଆ ହୋଇଯାଉଛି। ତେଣୁ କେନ୍ଦ୍ର ସରକାର ସାର ବ୍ୟବହାର ହ୍ରାସ କରି ଜୈବିକ ପଦ୍ଧତିରେ ଚାଷ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ତାହା ଫଳପ୍ରଦ ହୋଇପାରୁନି। ବିଶେଷକରି ଚାଷୀମାନେ ଏହାକୁ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜୈବିକ ପଦ୍ଧତିରେ ପ୍ରସ୍ତୁତ କୀଟନାଶକ ବା ବାୟୋ ପେଷ୍ଟିସାଇଡ୍ କ୍ରୟ କରିବା ପାଇଁ ଚାଷୀମାନଙ୍କୁ ୫୦ ପ୍ରତିଶତ ରିହାତି ଯୋଗାଇ ଦିଆଯାଉଥିଲେ ବି କୃଷକ କିଣୁନାହାନ୍ତି। ସଚେତନତା ଅଭାବ ସହ ଉପଲବ୍ଧତାରେ ସମସ୍ୟା ଯୋଗୁଁ ଅଧିକ ଚାଷୀ ଏଥିରେ ସାମିଲ ହୋଇପାରୁ ନାହାନ୍ତି।

ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟରେ ପରମ୍ପରାଗତ କୃଷି ବିକାଶ ଯୋଜନା(ପିକେଭିୱାଇ) କାର୍ଯ୍ୟକାରୀ କରାଯାଇଛି। ୨୦୨୧-୨୨ ରୁ ୨୦୨୩-୨୪ ବର୍ଷ ପାଇଁ ୧୦ଟି ଜିଲ୍ଲାରେ ଏଥିପାଇଁ ୧ହଜାର ହେକ୍ଟର ଜମି ଚିହ୍ନଟ ହୋଇଥିଲା। ଏହାପରେ ୧୫ଟି ଜିଲ୍ଲାରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି(ବିପିକେପି) କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିଲା। ପରବର୍ତ୍ତୀ ୨୦୨୨-୨୩ ରୁ ୨୦୨୩-୨୪ ବର୍ଷ ପାଇଁ ୨୪ହଜାର ହେକ୍ଟର ଜମିରେ ଏହି ଚାଷ ହୋଇଥିଲା। ଏହାପରେ ୨୦୨୪-୨୫ ବର୍ଷଠାରୁ ପୁର୍ନବାର ପିକେଭିୱାଇ ଯୋଜନାରେ ୪ଟି ଜିଲ୍ଲାରେ ୬୫୦୦ ହେକ୍ଟର ଜମିରେ ଜୈବିକ ଚାଷ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧିନରେ ଚାଷରେ ଗୋବର ଖତ, କମ୍ପୋଷ୍ଟ ଓ ଜିଆ ଖତ ପ୍ରସ୍ତୁତ ସହ ବହୁଳ ବ୍ୟବହାର ପାଇଁ ପଦକ୍ଷେପ ନିଆଯାଇଥିଲା। ଏଥିପାଇଁ କୃଷକମାନଙ୍କୁ ପ୍ରଶିକ୍ଷଣ ସହିତ ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ତେବେ ପ୍ରୋତ୍ସାହନ ରାଶି ପାଇଲା ପରେ ବହୁ ସ୍ଥାନରେ କୃଷକମାନେ ଜୈବିକ ଚାଷରୁ ମୁହଁ ଫେରାଇ ନେଉଥିବାରୁ ଏହି ଯୋଜନା ସେତେଟା ଆଗେଇ ପାରୁନାହିଁ। ଜାତୀୟ ଓ ଆର୍ନ୍ତଜାତୀୟ ବଜାରରେ ଜୈବିକ ପଦ୍ଧତିରେ ଉତ୍ପାଦିତ କୃଷିଜାତ ସାମଗ୍ରୀର ଅଧିକ ଚାହିଦା ରହୁଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ରାଜ୍ୟରେ ଚାଷୀମାନେ ଧାନଠାରୁ ଆରମ୍ଭକରି ପନିପରିବା ପର୍ଯ୍ୟନ୍ତ ଚାଷ କ୍ଷେତ୍ରରେ ରସାୟନିକ ସାର ଓ କୀଟନାଶକ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।

ରସାୟନିକ ସାର ବ୍ୟବହାର କ୍ଷେତ୍ରରେ ଓଡ଼ିଶା ଦେଶର ୧୭ତମ ସ୍ଥାନରେ ଥିବାବେଳେ କୀଟନାଶକ ବ୍ୟବହାର କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ରାଜ୍ୟରେ ବାର୍ଷିକ ୧୧୪୩ ମେଟ୍ରିକ ଟନ୍ କୀଟନାଶକ ବ୍ୟବହାର ହେଉଛି। ଦିନକୁ ଦିନ ଚାଷୀମାନେ ଅଧିକରୁ ଅଧିକ ପରିମାଣରେ ରସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରଶୀଳ ହେଉଛନ୍ତି। ଓଡ଼ିଶା ବର୍ତ୍ତମାନ ଜାତୀୟସ୍ତରରେ ଚାଉଳ ଉତ୍ପାଦନ କ୍ଷେତ୍ରରେ ୫ମ ସ୍ଥାନରେ ଥିବାବେଳେ ଛତୁ ଏବଂ କନ୍ଦମୂଳ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ପଣସ ଉତ୍ପାଦନରେ ଦ୍ୱିତୀୟ, କାଜୁବାଦାମରେ ତୃତୀୟ, ଲଙ୍କା ଉତ୍ପାଦନରେ ଚତୁର୍ଥ ଓ ପନିପରିବା ଉତ୍ପାଦନରେ ସପ୍ତମ ସ୍ଥାନରେ ରହିଛି। ଆମ୍ବ ଉତ୍ପାଦନରେ ଅଷ୍ଟମ ସ୍ଥାନରେ ରହିଛି ଓଡ଼ିଶା। ତେବେ ଏହିସବୁ ଚାଷ ପାଇଁ ଚାଷୀମାନେ ଜୈବିକ ପଦ୍ଧତି ଅପେକ୍ଷା ରସାୟନିକ ସାର ଓ କୀଟନାଶକ ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

ନଦୀ ଓ ଜଳାଶୟରୁ ପାଣି ଉଠାଇବାକୁ ମାର୍ଗଦର୍ଶିକା ଜାରି

## ବିଭାଗ ଧାର୍ଯ୍ୟ କଲା ୧୩ ସର୍ତ୍ତ

ଭୁବନେଶ୍ୱର, ୯।୯ (ସମିସ): ବିଭିନ୍ନ ସଂସ୍ଥା ତଥା ଶିକ୍ଷାନୁଷ୍ଠାନ ନଦୀ ବା ଜଳାଶୟରେ ପାଇପ ଲାଇନ ବିଛାଇବା ପାଇଁ ନିର୍ଦ୍ଦିଷ୍ଟ ଅନୁମତି ପାଇଁ ଜଳସମ୍ପଦ ନିକଟରେ ଆବେଦନ କରୁଥିଲେ। ସେହିପରି କେତେକ ସଂସ୍ଥା ବିନା ଅନୁମୋଦନରେ ନଦୀ, ଜଳାଶୟରେ ନିଜ ପାଇପ ଲାଇନ ବିଛାଇ ପାଣି ଉଠାଉଥିଲେ। ମାତ୍ର ଏହି ବ୍ୟବସ୍ଥାକୁ ସରଳ, ସୁଗମ କରିବା ସହ ଇଜ୍ ଅଫ୍ ଡୁଇଙ୍ଗ ବିଜନେସକୁ ବଳ ଦେବା ସହ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ପାଇଁ ଜଳସମ୍ପଦ ବିଭାଗ ଏବେ ଏ ସଂକ୍ରାନ୍ତରେ ଏକ ଏସ୍‌ଓପି(ମାର୍ଗଦର୍ଶିକା) ପ୍ରଣୟନ କରିଛି। ମାର୍ଗଦର୍ଶିକାରେ ବିଭାଗ ପକ୍ଷରୁ ମୋଟ ୧୩ଟି ସର୍ତ୍ତ ରଖାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ ଏଣିକି ନଦୀ, ଜଳାଶୟରେ ପାଇପ ବିଛାଇବାକୁ ହେଲେ ଏକମାତ୍ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ରାଇଟ୍ ଅଫ ୱେ(ରୋ) ଅନୁମୋଦନ ପାଇଁ ଆବେଦନ କରିବାକୁ ପଡ଼ିବ। ଏହି ଆବେଦନ ପରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ଏହାର ଯାଞ୍ଚ କରାଯିବା ପରେ ଆବେଦନର ନୀରିକ୍ଷଣ ପାଇଁ ଧାର୍ଯ୍ୟ ଅଧିକାରୀଙ୍କ ନିକଟକୁ ପଠାଯିବ। ବିଭାଗୀୟ ଅଧିକାରୀ ପ୍ରସ୍ତାବଟି ଯାଞ୍ଚ କରିବେ, ଆବେଦନକାରୀ ପ୍ରତିନିଧିଙ୍କ ସହିତ ଏକ ମିଳିତ କ୍ଷେତ୍ର ପରିଦର୍ଶନ କରିବେ, ପ୍ରସ୍ତାବିତ ଆଲାଇନ୍ମେଣ୍ଟ ଏବଂ ରାସ୍ତାରେ ଡିଓଡବ୍ଲ୍ୟୁଆର୍ ସମ୍ପତ୍ତି ସମେତ ସମସ୍ତ ଜଳଭଣ୍ଡାର କ୍ରସିଂ ଯାଞ୍ଚ କରିବେ। ଆଲାଇନ୍ମେଣ୍ଟ ଡିଓଡବ୍ଲ୍ୟୁଆର୍ ଜମିର ଶେଷ ଭାଗରେ ହେବ ଓ ଭବିଷ୍ୟତରେ ବନ୍ଧ ସେକ୍ସନର ପ୍ରଶସ୍ତୀକରଣ/ପରିବର୍ତ୍ତନ ଇତ୍ୟାଦିର ଯତ୍ନ ନେବେ। ଏହାପରେ ବିଭିନ୍ନ ସ୍ତରରେ ଏହା ଯାଞ୍ଚ ହେବା ପରେ ଯଦି ଆବେଦନ ଯୋଗ୍ୟ ବିବେଚିତ ହୁଏ ତାହେଲେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏହାକୁ ଅନୁମୋଦନ ଦେବେ। ଏହି ଅନୁମୋଦନ ପ୍ରକ୍ରିୟା ୪୫ ଦିନ ମଧ୍ୟରେ ଶେଷ କରାଯିବ।

## ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ!

ବାରିପଦା/କୁଳିଅଣା, ୯।୯(ସମିସ): ଗାଙ୍ଗରାଜ ଅଞ୍ଚଳର ଏକ ପରିତ୍ୟକ୍ତ ପୋଖରୀରୁ କୁଳିଅଣା ପୁଲିସ ଆଜି ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ କେହି ଦୁର୍ବୃତ୍ତ ଯୁବକଙ୍କୁ ଅନ୍ୟତ୍ର ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ୍ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଛି। ସୂଚନାନୁଯାୟୀ, ଆଜି ଅପରାହ୍ଣରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଖୋଜାଖୋଜି କରିବାରୁ ପୋଖରୀରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେ ଏ ସଂପର୍କରେ କୁଳିଅଣା ପୁଲିସକୁ ଖବର ଦେଇଥିଲେ।

ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣା

## ୩୪୯ ପୃଷ୍ଠାର ଚାର୍ଜସିଟ୍ ଦାଖଲ

ବାଲେଶ୍ୱର, ୯।୯ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ମଙ୍ଗଳବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ୩୪୯ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରିଛି। ଏହାସହ ମୃତ ଛାତ୍ରୀଙ୍କ ମୋବାଇଲ ରେକର୍ଡ ଯାଞ୍ଚ ପାଇଁ ଫୋରେନସିକ୍ ଲ୍ୟାବକୁ ପଠାଇବା ନିମନ୍ତେ କୋର୍ଟଙ୍କୁ କ୍ରାଇମବ୍ରାଞ୍ଚ ଅନୁରୋଧ କରିଛି। କ୍ରାଇମବ୍ରାଞ୍ଚ ଉକ୍ତ ଘଟଣାରେ ଗିରଫ ୪ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବା ସହ ୧୨୦ଜଣ ସାକ୍ଷୀଙ୍କ ନାମ ମଧ୍ୟ କୋର୍ଟରେ ଦେଇଥିବା ଜଣାଯାଇଛି।

ଏ ବାବଦରେ ଗିରଫ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଘୋଷଙ୍କ ଓକିଲ ଗୁରୁପ୍ରସାଦ ବେହେରା କହିଛନ୍ତି ଯେ ତରବରିଆ ଭାବେ କ୍ରାଇମବ୍ରାଞ୍ଚ ଏହି ଚାର୍ଜସିଟ୍ ଦାଖଲ କରିଛି। ଅଧ୍ୟାପକ ସମୀର ସାହୁ ଗିରଫ ହେବାର ୬୦ ଦିନ ପୂରଣ ହେଉଥିବାରୁ ତରବରିଆ ଭାବେ କ୍ରାଇମବ୍ରାଞ୍ଚ ସମସ୍ତଙ୍କ ଚାର୍ଜସିଟ୍ ଦାଖଲ କରିଛି। ଗିରଫ ଛାତ୍ର ଓ ମୃତ ଛାତ୍ରୀ ସୌମ୍ୟାଶ୍ରୀ ଏବିଭିପି ସହ ସଂଶ୍ଳିଷ୍ଟ ଥିବାରୁ ସରକାର କିପରି ବଦନାମ ନ ହେବେ, ତାହାକୁ ନଜରରେ ରଖି ଚାର୍ଜସିଟ୍ ପ୍ରସ୍ତୁତ ହୋଇଛି। ତଦନ୍ତ ସଠିକ ଦିଗରେ ହୋଇନାହିଁ। ଆମେ ହାଇକୋର୍ଟକୁ ଯିବୁ ବୋଲି ଓକିଲ ଶ୍ରୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୧୨ ତାରିଖ (ଶନିବାର) ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିର୍ଯାତିତ ହୋଇ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୧୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣା ଦିନ ସହଦେବଖୁଣ୍ଟା ପୁଲିସ ବିଭାଗୀୟ ଏଚ୍‌ଓଡି ସମୀର ସାହୁ ପରେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷକୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଜଣେ ଛାତ୍ର ଓ ଅଣଛାତ୍ରକୁ ଗିରଫ କରିଥିଲା।

କୋରାପୁଟ ବଡ଼ ମେଡ଼ିକାଲରେ ସଫଳ ଅସ୍ତ୍ରୋପଚାର

## ଯୁବକଙ୍କ ଶରୀରରୁ ବାହାରିଲା ତୀର

କୋରାପୁଟ, ୯।୯(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ପାକାନାଗୁଡ଼ା ପଞ୍ଚାୟତ ନାୟକଗୁଡ଼ା ଗ୍ରାମର ଲକ୍ଷ୍ମଣ ଗୌଡ଼ ତୀର ମାଡ଼ରେ ଗୁରୁତର ହୋଇ ସୋମବାର ରାତିରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ଆଜି ସେଠାରେ ଅସ୍ତ୍ରୋପଚାର ଜରିଆରେ ତାଙ୍କର ଶରୀରରୁ ତୀରକୁ ବାହାର କରାଯାଇଛି। ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର୍ ଡାକ୍ତର ଅଭିଷେକ ପାତ୍ରଙ୍କ ନେତୃତ୍ୱରେ ଡାକ୍ତର ମୃତ୍ୟୁଞ୍ଜୟ ମଲ୍ଲିକ, ନିଶ୍ଚେତକ ବିଶେଷଜ୍ଞ ସହକାରୀ ପ୍ରଫେସର ଡାକ୍ତର ଗୋପାଳ ନାୟକ ଏବଂ ୦ଟି କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଏହି ଅସ୍ତ୍ରୋପଚାରରେ ସାମିଲ ଥିଲେ। ଲକ୍ଷ୍ମଣଙ୍କ ଶରୀର ଭିତରେ ତୀର ପ୍ରାୟ ୮ ଇଞ୍ଚ ପଶିଥିବା ବେଳେ ଶରୀରରୁ ପ୍ରାୟ ଦେଢ଼ ଲିଟର ରକ୍ତ ବୋହି ଯାଇଥିଲା। ଅନ୍ତଃନଳୀର ଦୁଇଟି ସ୍ଥାନରେ ସମ୍ପୂର୍ଣ୍ଣ ଛିଡ଼ି ଯାଇଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଅଧା କଟି ଥିଲା। ତେଣୁ ଅତ୍ୟନ୍ତ ସାବଧାନତାର ସହ ଅସ୍ତ୍ରୋପଚାର କରାଯାଇଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ରାତି ୧୦ଟାରୁ ଅପରେସନ ଆରମ୍ଭ ହୋଇ ରାତି ଗୋଟାଏ ବେଳେ ଶେଷ ହୋଇଥିବା ପ୍ରଫେସର୍ ଅଭିଷେକ ପାତ୍ର କହିଛନ୍ତି।



## କୁକୁର ମୁହଁରୁ ହରିଣ ଶାବକ ଉଦ୍ଧାର

ଅନୁଗୋଳ, ୯।୯(ସମିସ): ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳ ତଲଗଡ଼ ମୁଣ୍ଡାସାହିରୁ ଏକ କ୍ଷତାକ୍ତ ହରିଣ ଛୁଆକୁ ବନ ବିଭାଗ ଉଦ୍ଧାର କରିଛି। ରବିବାର ସକାଳେ ହରିଣ ଛୁଆକୁ କୁକୁର ଗୋଡ଼ାଉଥିବା ବନ ବିଭାଗକୁ ଖବର ମିଳିଥିଲା। ଖିଣ୍ଡା ସେକ୍ସନ ଟିମ୍ ତୁରନ୍ତ ପହଞ୍ଚି କୁକୁର ମୁହଁରୁ ହରିଣ ଛୁଆକୁ ଉଦ୍ଧାର କରିଥିଲେ। ତାକୁ ବନ୍ତଲା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚିକିତ୍ସା କରାଯିବା ସହ ନିରୀକ୍ଷଣରେ ରଖାଯାଇଛି। ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର୍ ଶ୍ରୀନିବାସ ସାହୁ, ଫରେଷ୍ଟ ଗାର୍ଡ ସିତୁ ବେହେରା, ହାତୀ ସ୍କ୍ୱାଡ୍ ତରୁଣ ଦେହୁରୀ, ଯୁଗଳ ମୁଦୁଲି, ସରୋଜ ପ୍ରଧାନ ଓ ଗଜମିତ୍ର ସଞ୍ଜୟ ବେହେରା ପ୍ରମୁଖ ସାମିଲ ଥିଲେ।



ଶିଶୁବାଟିକା ଶିଶୁ ସେବିକା ନିଯୁକ୍ତିକୁ ଚାଲେଞ୍ଜ

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ

କଟକ, ୯। ୯(ସମିସ): ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁବାଟିକା ଶ୍ରେଣୀ ଖୋଲାଯାଇ ଏଥିରେ ଅଣପ୍ରଶିକ୍ଷିତ ଶିଶୁ ସେବିକାମାନଙ୍କୁ ନିଯୁକ୍ତି ପ୍ରଦାନକୁ ଚାଲେଞ୍ଜ କରି ମାମଲା ହାଇକୋର୍ଟରେ ପହଞ୍ଚିଛି। ନିଯୁକ୍ତି ଆଶାୟୀମାନେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ଅଦାଲତ। ଦିବ୍ୟଲୋଚନ ମହାନ୍ତ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନଗୁଡ଼ିକର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ କହିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ବିଭାଗ ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ପରେ ରାଜ୍ୟରେ ୬ ବର୍ଷରୁ କମ ବୟସର ଶିଶୁଙ୍କ ପାଇଁ ଗତ ୨୦୨୫ ଜୁନ୍ ୩୦ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଶିଶୁବାଟିକା ବର୍ଗ ଖୋଲାଯାଇଥିଲା। ସେହିଭଳି ଗତ ୨୦୨୫ ଅଗଷ୍ଟ୨୦ର ବିଜ୍ଞପ୍ତି ଅନୁସାରେ ଶିଶୁବାଟିକା ପାଇଁ ଶିଶୁ ସେବିକାମାନଙ୍କୁ ନିଯୁକ୍ତି ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ଶ୍ରେଣୀରେ ନାମ ଲେଖାଉଥିବା ଶିଶୁଙ୍କ ଯତ୍ନ ତଥା ମୂଳଦୁଆ ଶିକ୍ଷା ପାଇଁ ଇସିସିଇ (ଇଅରଲି ଚାଇଲଡହୁଡ କେୟାର ଆଣ୍ଡ ଏଜୁକେସନ)ରେ ପ୍ରଶିକ୍ଷଣପ୍ରାପ୍ତଙ୍କୁ ଶିଶୁ ସେବିକା ଭାବେ ନିଯୁକ୍ତ କରା ନଯାଇ ଅଣପ୍ରଶିକ୍ଷିତ ତଥା ମାଟ୍ରିକ୍ ପାସ୍ କରିନଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ଜାତୀୟ ଶିକ୍ଷା ନୀତିର ଉଲ୍ଲଙ୍ଘନ କରୁଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବା ସହ ଶିଶୁ ବାଟିକା ପାଇଁ ପ୍ରଶିକ୍ଷଣପ୍ରାପ୍ତ ଇସିସିଇ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ସେପ୍ଟେମ୍ବର୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ଝାରସୁଗୁଡ଼ା-ବାରକୋଟ୍, ଅନୁଗୋଳ-ତାଳଚେର, ତାଳଚେର-ବିମଳାଗଡ଼ ରେଳପଥ ସମୀକ୍ଷା

## ଧର୍ମେନ୍ଦ୍ର-ଅଶ୍ୱିନୀ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୯।୯(ସମିସ): ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ, ନାଗରିକଙ୍କ ଯାତାୟତ ସହ ପରିବହନ ପଥକୁ ସୁଗମ କରିବା ତଥା ରେଳ ନେଟୱାର୍କକୁ ସୁଦୃଢ଼ କରିବା ଦିଗରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଓଡ଼ିଶାର ଦଳୀୟ ସାଂସଦମାନଙ୍କ ମଧ୍ୟରେ ସବିଶେଷ ଆଲୋଚନା ହୋଇଛି। ଓଡ଼ିଶାରେ ରେଳ ବିଭାଗ ପକ୍ଷରୁ ନୂଆ ରେଳଲାଇନ, ରେଳ ଲାଇନର ଦୋହରୀକରଣ, ତୃତୀୟ ଲାଇନ, ଚତୁର୍ଥ ଲାଇନ ପାଇଁ ପାଖାପାଖି ୯୦ ହଜାର କୋଟି ଟଙ୍କାର କାମ କ୍ରିୟାନ୍ୱୟନ ହେଉଛି। ସେହିପରି ଝାରସୁଗୁଡ଼ା-ବାରକୋଟ୍, ଅନୁଗୋଳ-ତାଳଚେର, ତାଳଚେର-ବିମଳାଗଡ଼ ସହ ଓଡ଼ିଶାର ପ୍ରମୁଖ ରେଳ ପ୍ରକଳ୍ପ ତ୍ୱରାନ୍ୱିତ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ଆଲୋଚନା ପରେ ଶ୍ରୀ ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନାଗରିକଙ୍କ ଯାତାୟତ, ଶିଳ୍ପ ଏବଂ ଖଣିଜ କ୍ଷେତ୍ରର ବିକାଶ ସହ କୃଷି ଉତ୍ପାଦିତ ସାମଗ୍ରୀକୁ ଦେଶ ବଜାର ସହ ଯୋଡିବାରେ ରେଳ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ କଳ୍ପନା'ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଇଛନ୍ତି। ପୂର୍ବ ସରକାର ଅପେକ୍ଷା ମୋଦୀ ସରକାରରେ ବିଗତ ୧୧ ବର୍ଷରେ ଓଡ଼ିଶାକୁ ରେଳ ବଜେଟରେ ରେକର୍ଡସଂଖ୍ୟକ ଅର୍ଥ ମିଳୁଛି। କଂଗ୍ରେସ ଅମଳରେ ଓଡ଼ିଶାରୁ ବାର୍ଷିକ ଏକ ହଜାର କୋଟି ଟଙ୍କା ମିଳୁଥିଲା ବେଳେ ସମ୍ପ୍ରତି ପ୍ରତି ବର୍ଷ ଓଡ଼ିଶା ପାଇଁ ରେଳ ବଜେଟରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଆଜିର ବୈଠକରେ ଝାରସୁଗୁଡ଼ା- ବାରକୋଟ୍ ରେଳଲାଇନ, ଅନୁଗୋଳ-ତାଳଚେର ନୂଆ ରେଳଲାଇନ, ବରଗଡ଼ ରୋଡ-ନୂଆପଡ଼ା ରୋଡ-ରାୟପୁର ରେଳଲାଇନ, ତାଳଚେର-ବିମଳାଗଡ଼ ରେଳଲାଇନ, ବହୁପ୍ରତିକ୍ଷୀତ ଖୋର୍ଦ୍ଧା –ବଲାଙ୍ଗୀର ରେଳ ଲାଇନ, ସମ୍ବଲପୁର- ଜରପଡ଼ା ତୃତୀୟ ରେଳଲାଇନ ଓ ଚତୁର୍ଥଲାଇନର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜରପଡାରୁ ତେନ୍ତୁଲୋଇ ମଧ୍ୟ ଦେଇ ବୁଢ଼ାପଙ୍କ ପର୍ଯ୍ୟନ୍ତ ଆଉଟର କୋଲ୍ କରିଡର ଉପରେ ଆଲୋଚନା ହୋଇଛି। ବିଶେଷ ଭାବରେ ରେଳଲାଇନର କାର୍ଯ୍ୟକୁ ଆଗେଇ ନେବାରେ ଉପୁଜିଥିବା ଜମିଗ୍ରହଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଛି। ସେହିପରି ଅନୁଗୋଳର ବଇଁଣ୍ଡାରୁ ଏକ ସଂଯୋଗ ଲାଇନ କିପରି ବଲାଙ୍ଗିର - ଖୋର୍ଦ୍ଧା ଲାଇନରେ ବୌଦ୍ଧ ପର୍ଯ୍ୟନ୍ତ ଯୋଡିହେବ, ତାହାର ମଧ୍ୟ ପରିକଳ୍ପନା କରାଯାଇଛ। ଦକ୍ଷିଣ ଓଡ଼ିଶାରେ ଭଞ୍ଜନଗର ଓ ଆସ୍କା ସବଡିଭିଜନ ରେଳ ଲାଇନରୁ ବଞ୍ଚିତ ଅଛନ୍ତି। ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳଲାଇନ ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼ ଏବଂ ଗଞ୍ଜାମର ଆସ୍କା ଅଞ୍ଚଳକୁ ସଂଯୋଗ ହେଲେ ଓଡ଼ିଶାର ରେଳ ନେଟୱାର୍କ ସୁଦୃଢ଼ ହେବ। ଏହାବ୍ୟତୀତ କନ୍ଧମାଳର ଫୁଲବାଣୀ ପର୍ଯ୍ୟନ୍ତ ରେଳ ନେଟଓ୍ୱାର୍କ ସଂଯୋଗ ପ୍ରସଙ୍ଗରେ ବୈଠକରେ ବିଚାରବିମର୍ଶ ହୋଇଥିଲା। ଏହି ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ବୈଠକରେ କଟକ, ଢେଙ୍କାନାଳ, ବରଗଡ଼, ଆସ୍କା ଓ କନ୍ଧମାଳ ସାଂସଦ ଉପସ୍ଥିତ



## ସଂଗଠନ ସଜାଡୁଛି ଲାଲବାହିନୀ

■ ବସ୍ତର୍ ଉପରେ ପୁଣି କବ୍‌ଜା ପାଇଁ ଉଦ୍ୟମ
■ ତିରୁପତି ମାଓ ସଂଗଠନ ନୂତନ ମୁଖ୍ୟ ସଚିବ
■ ମାଓ ନେତା ହିଡମା ଜୋନାଲ କମିଟି ସଚିବ

ମାଲକାନଗିରି, ୯।୯ (ସମିସ): ଛତିଶଗଡ଼ରେ ସୁରକ୍ଷା ବାହିନୀର ମାଓ ଦମନ ଅପରେସନ୍ ଯୋଗୁଁ ମାଓ ସଂଗଠନ ଦୁର୍ବଳ ହେବାରେ ଲାଗିଛି। ବିଗତ ଦିନରେ ଅନେକ ଅନେକ ବଡ଼ ବଡ଼ ମାଓବାଦୀ ଯବାନଙ୍କ ଗୁଳିରେ ନିହତ ହୋଇଥିବା ବେଳେ ଅନେକ ମାଓ ନେତା ଆତ୍ମସମର୍ପଣ କରିଛନ୍ତି। ଏପରି ସ୍ଥିତିରେ ବର୍ତ୍ତମାନ ନୂତନ ନେତୃତ୍ୱ ସହାୟତାରେ ସମ୍ପୂର୍ଣ୍ଣ ବସ୍ତରକୁ ପୁଣି ନିଜର କବ୍‌ଜାକୁ ନେବା ପାଇଁ ମାଓବାଦୀମାନେ ଉଦ୍ୟମ ଆରମ୍ଭ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବସ୍ତର ଅଞ୍ଚଳରେ ସଂଗଠନରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ତେଲେଙ୍ଗାନାର କରିମନଗର ଜିଲ୍ଲାର ମାଓ ନେତା ତିରୁପତି ଓରଫ୍ ଦେବଜୀଙ୍କୁ ସଂଗଠନ ପକ୍ଷରୁ ନୂତନ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। କମାଣ୍ଡର ହିଡମା ଓରଫ ସନ୍ତୋଷଙ୍କୁ ସ୍ୱତନ୍ତ୍ର ଜୋନାଲ କମିଟି ସଚିବର ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି। ମେ' ୨୧ ତାରିଖରେ ନାରାୟଣପୁରର ଜଙ୍ଗଲରେ ଏକ ଏନ୍‌କାଉଣ୍ଟରରେ ସାଧାରଣ ସମ୍ପାଦକ ନାମବାଲା କେଶବ ରାଓ ଓରଫ୍ ବାସବରାଜୁଙ୍କ ସମେତ ୨୮ ମାଓବାଦୀ ନିହତ ହେବା ପରେ ଭାଙ୍ଗି ପଡ଼ିଥିବା ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି।

ନୂତନ ଦାୟିତ୍ୱ ପାଇଥିବା ମାଓନେତା ଦେବଜୀ ସଂଗଠନରେ ଦୀର୍ଘ ସମୟ ଧରି ଅନେକ ପଦବୀରେ କାମ କରିଛନ୍ତି। ପ୍ରାୟ ୭୦ ବର୍ଷ ବୟସ୍କ ଦେବଜୀ ଟିପ୍ପି ତିରୁପତି ଓରଫ୍ ସଞ୍ଜୀବ ରମେଶ ଓରଫ୍ ଚେତନ ଓରଫ୍ କୁମ୍ମା, ଦେବନ୍ନା ଏବଂ ସୁଦର୍ଶନ ଭଳି ବିଭିନ୍ନ ନାମ ରହିଛି। ସେ ନକ୍ସଲବାଦୀଙ୍କ ସାମରିକ ଗୁଇନ୍ଦା ଶାଖାର ମୁଖ୍ୟ ଥିଲେ। ବର୍ତ୍ତମାନ ଦେବଜୀଙ୍କୁ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ସେ ସଂଗଠନକୁ ପୁନଃ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସେହିପରି ମାଓ ସଙ୍ଗଠନର ସ୍ୱତନ୍ତ୍ର ଜୋନାଲ କମିଟି ସଚିବର ଦାୟିତ୍ୱ ଦିଆଯାଇଥିବା ହିଡମା ମଧ୍ୟ ଜଣେ କୁଖ୍ୟାତ ମାଓବାଦୀ। ତା' ନାମରେ ପୂର୍ବରୁ ୧ କୋଟି ଟଙ୍କାର ପୁରସ୍କାର ରାଶି ରହିଛି। ସୁକମାର ପୂର୍ବାଞ୍ଚଳରେ ଜନ୍ମଗ୍ରହଣ କରିଥିବା ହିଡମାଙ୍କୁ ବସ୍ତରର ନକ୍ସଲବାଦର ମେରୁଦଣ୍ଡ କୁହାଯାଏ। ତାଙ୍କୁ ବାଟାଲିୟନ କମାଣ୍ଡର ପଦବୀରୁ କେନ୍ଦ୍ରୀୟ କମିଟିର ସଦସ୍ୟ କରାଯାଇଥିଲା। ବର୍ତ୍ତମାନ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ଇନଚାର୍ଜ ପଦବୀକୁ ପଦୋନ୍ନତି ଦିଆଯାଇଛି। ପ୍ରଥମଥର ପାଇଁ ମାଓ ସଙ୍ଗଠନରେ ଜଣେ ଆଦିବାସୀ ନକ୍ସଲ ନେତାଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର ଦିଆଯାଇଛି।

ସକାଳ THE SAKALA



## ସହିଦ ଯୀଶୁଦାନଙ୍କୁ ଭୁଲିଗଲା ପ୍ରଶାସନ

# ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି ଦେଲେ ପରିବାର

କୋରାପୁଟ,୯।୯(ସମିସ): ୧୯୬୫ ମସିହାରେ ଭାରତ-ପାକିସ୍ଥାନ ଯୁଦ୍ଧରେ ଓଡ଼ିଶାରୁ ଜଣେ ମାତ୍ର ସହିଦ ହୋଇଥିବା କୋରାପୁଟ ମିଶନ କମ୍ପାଉଣ୍ଡର ଯୀଶୁଦାନ ଖୋସଲାଙ୍କର ୬୦ତମ ବଳିଦାନ ଦିବସ ପରିବାର ଓ ବନ୍ଧୁ ପରିଜନଙ୍କ ପକ୍ଷରୁ ପାଳିତ ହୋଇଛି। ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ପୁଲିସ ଡିଆଇଜି କାର୍ଯ୍ୟାଳୟ ନିକଟରେ ଥିବା ସହିଦ ଯୀଶୁଦାନ ପାର୍କରେ ସମସ୍ତେ ଏକତ୍ରିତ ହୋଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇ ସ୍ମୃତି ଚାରଣ କରିଥିଲେ। ସହିଦ ଯୀଶୁଦାନଙ୍କ ଭାଇ ବ୍ରଜାନନ୍ଦ ଖୋସଲାଙ୍କ ସମେତ ଅନ୍ୟ ମାନେ ସାମିଲ ହୋଇଥିଲେ। ୧୯୪୪ ଜୁନ ୧୫ରେ



କୋରାପୁଟ ମିଶନ କମ୍ପାଉଣ୍ଡରେ ଜନ୍ମିତ ସହିଦ ଯୀଶୁଦାନ ୧୯୬୧ରେ ଭାରତୀୟ ସେନାରେ ଯୋଗ ଦେବା ପୁର୍ବରୁ ଶିକ୍ଷକତା ଚାକିରୀ କରିଥିଲେ, ପରବର୍ତ୍ତୀ ସମୟରେ ସେ ଶିକ୍ଷକତା ଚାକିରି ଛାଡ଼ି ମାତୃଭୂମି ସେବା ପାଇଁ ୧୯୬୧ରେ ଭାରତୀୟ ସେନାରେ ସିଗ୍ନାଲ ମେନ୍ ଭାବେ ଯୋଗ ଦେଇଥିଲେ। ୧୯୬୨ ଭାରତ ଚୀନ ଯୁଦ୍ଧରେ ମଧ୍ୟ ସେ ସାମିଲ ହୋଇଥିଲେ। ୧୯୬୫ରେ ଭାରତ ପାକିସ୍ଥାନ ଯୁଦ୍ଧ ସମୟରେ ସେପ୍ଟେମ୍ବର ୯ ତାରିଖରେ ସେ ପଞ୍ଜାବର ଆମ୍ବାଲାରେ ଡ୍ୟୁଟି କରୁଥିବାବେଳେ ଶତ୍ରୁ ପକ୍ଷର ଆକ୍ରମଣରେ ସହିଦ ହୋଇଥିଲେ। ଅନ୍ୟ ପକ୍ଷରେ ପ୍ରତି ବର୍ଷ ସହିଦ ଦିବସ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥାଏ, ଜିଲ୍ଲାପାଳ, ଏସପିଙ୍କ ସମେତ ଅନ୍ୟ ଅଧିକାରୀ ମାନେ ମଧ୍ୟ ଏଥିରେ ସାମିଲ ହୋଇ ଥାଆନ୍ତି। ପୁଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆ ଯାଇଥାଏ କିନ୍ତୁ ବିଡ଼ମ୍ବନାର ବିଷୟ ଚଳିତ ବର୍ଷ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କେହି ଯୋଗ ଦେଇ ନଥିଲେ। ଜିଲ୍ଲାପାଳ, ଏସପି, ଅନ୍ୟ ବରିଷ୍ଠ ଅଧିକାରୀ ରାଜ୍ୟପାଳଙ୍କ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାବେଳେ ଜିଲ୍ଲା ସଦର ମହକୁମାରେ ଉପସ୍ଥିତ ଥିବା ଅନ୍ୟ ପ୍ରଶାସନିକ ଅଧିକାରୀ କେହି ଯୋଗ ନଦେବା ଦୁର୍ଭାଗ୍ୟ ଜନକ ବୋଲି ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଯୁବତୀଙ୍କୁ ଦୁଷ୍କର୍ମ, ଯୁବକ ଗିରଫ

ଉମରକୋଟ,୯।୯(ସମିସ): ଯୁବତୀକୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି। ଯୁବକ ଜଣକ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଝଟିଆରପାରା ଗ୍ରାମର ଡାକେଶ ସାହୁ ବୋଲି ଜଣାପଡ଼ିଛି । ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦୨୨ ମସିହାରେ ସେ ସ୍ଥାନୀୟ ଏକ କଲେଜରେ ଯୁକ୍ତ ଦୁଇ ପଢୁଥିବା ବେଳେ ଡାକେଶ ତାଙ୍କୁ ହଇରାଣ ହରକତ କରୁଥିଲା। ପୀଡ଼ିତା ରାଇଘର ଡିଗ୍ରୀ କଲେଜକୁ ପଢିବାକୁ ଯିବା ସମୟରେ ଗତ ଜୁଲାଇ ମାସରେ କଲେଜରୁ ଫେରିବା ସମୟର ଧମକଚମକ ଦେଇ ଡାକେଶର୍ ବାଇକ୍‌ରେ ବସାଇ ନିଜ ଘରେ



ଏକ ଅଲଗା କୋଠରୀ ମଧ୍ୟରେ ତାଲା ପକାଇ ରଖିଥିଲା। ପରିବାର ଲୋକେ ଝିଅ ଘରକୁ ନ ଫେରିବାରୁ କୁନ୍ଦେଇ ଥାନାରେ ଲିଖିତ ଜଣାଇବା ପରେ ଏକ ନିରୁଦ୍ଦିଷ୍ଟ ମାମଲା ରୁଜୁ ହୋଇଥିଲା । ପରେ ଡାକେଶ ନିଜ ଘରେ ଲୁଚେଇ ରଖିଥିବା ଜାଣିପାରି ତାକୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଯୁବତୀଙ୍କୁ ଉକ୍ତ ବନ୍ଦ କୋଠରୀରେ ଡରାଇ ଧମକାଇ ଜୋର ଜବରଦସ୍ତ ଦୁଷ୍କର୍ମ କରି ଆସୁଥିଲା । ଗତ କିଛି ଦିନ ପୂର୍ବେ ହୋଇଥିବା ତିଜା ପର୍ବରେ ପରିବାର ଲୋକେ ଯୁବତୀକୁ ଘରକୁ ଡାକିଥିଲେ। ଘରେ ଆସି ଯୁବତୀ ଜଣକ ପରିବାର ଲୋକଙ୍କୁ ତା ଉପରେ ହେଉଥିବା ଅତ୍ୟାଚାର ବିଷୟରେ ଜଣାଇଥିଲା। ଏହାପରେ ଯୁବତୀ ଜଣକ କୁନ୍ଦେଇ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଯୁବତୀଙ୍କ ଅଭିଯୋଗକୁ ଆଧାର କରି କୁନ୍ଦେଇ ପୁଲିସ ଡାକେଶକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ନାଁରେ ଅଭିଯୋଗ

ନନ୍ଦପୁର,୯।୯ (ସମିସ): ମଙ୍ଗଳବାର କୋରାପୁଟ ନୂତନ ଜିଲ୍ଲାପାଳ ନନ୍ଦପୁର ବ୍ଲକ୍ ପରିଦର୍ଶନ ସାରି ଫେରିବା ସମୟରେ ସବାଇ କନ୍ୟା ଆଶ୍ରମ ପହଞ୍ଚି ଥିଲେ। ଏହି ସମୟରେ ସୁବାଇ ଗ୍ରାମର କିଛି ମହିଳା ଜିଲ୍ଲାପାଳଙ୍କୁ ଭେଟି ବିଦ୍ୟାଳୟ ସମସ୍ୟା ସହ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟରେ ଅବହେଳା ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତେବେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଜଣାପଡ଼ିଛି।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର, ୯।୯(ସମିସ): ନବରଙ୍ଗପୁର ସ୍ୱତନ୍ତ୍ର ପୋକସୋ କୋର୍ଟର ବିଚାରପତି ବାସୁଦେବ ଆଚାର୍ଯ୍ୟ ଏକ ଦୁଷ୍କର୍ମ ଘଟଣାର ବିଚାରଣା କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଯୋଗେଶ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ , ନବରଙ୍ଗପୁର ଥାନା ଅନ୍ତର୍ଗତ ତାରାଗାଁ ଗ୍ରାମର ସୋମନାଥ ହରିଜନ ଗତ ୨୦୨୩ ନଭେମ୍ବର ୬ ତାରିଖ ଦିନ ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିଲେ। ବିଚାରପତି ବାସୁଦେବ ଆଚାର୍ଯ୍ୟ ଅଭିଯୁକ୍ତ ଯୋଗେଶ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

## ୫ ବର୍ଷ ପରେ ନିଖୋଜ ଦାଦନ ଶ୍ରମିକ ଉଦ୍ଧାର

ପାପଡାହାଣ୍ଡି/ମୈଦଲପୁର,୯।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ବାଲେଙ୍ଗା ପଞ୍ଚାୟତର ନନ୍ଦ ରାଉତ ୫ ବର୍ଷ ତଳେ ସାଙ୍ଗ ମାନଙ୍କୁ ସହ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। କେଉଁ ଆଡେ ଚାଲିଯାଇଥିଲେ ତାଙ୍କର ଦେଖା ମିଳି ନ ଥିଲା। ପରିବାର ଲୋକ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। କିନ୍ତୁ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ଚରାମୂଳା ଗ୍ରାମର କିଛି ଯୁବକ ନନ୍ଦଙ୍କୁ ଉଦ୍ଧାର କରି ସେବା କରି ଗ୍ରୁପରେ ତାଙ୍କ ଫଟୋକୁ ଛାଡିଥିଲେ। ପରେ ପରିବାର ଲୋକ ଚିହ୍ନି ପାରି ଚରାମୁଳା ଗ୍ରାମକୁ ପହଞ୍ଚି ଆମ୍ବୁଲାନ୍ସ ସାହାର୍ଯ୍ୟରେ ପାପଡାହାଣ୍ଡି ମେଡିକାଲ ନେଇଛନ୍ତି। ନିଖୋଜ ଯୁବକ ଉଦ୍ଧାର ସମୟରେ କଥା କହି ପାରୁ ନ ଥିବାବେଳେ ଚାଲିବା ମଧ୍ୟ କଷ୍ଟକର ହେଉଛି। ଶୁଦ୍ଧି କ୍ରିୟା ପାଇଁ ପ୍ରସ୍ତୁତ ହେଉଥିବା ପରିବାର ଲୋକେ ୫ ବର୍ଷ ପରେ ପୁଅକୁ ପାଇ ଖୁସି ପ୍ରକାଶ କରିଛନ୍ତି।

## ପୋଡାଗଡ଼ ଛାତ୍ର ପୁରସ୍କୃତ

ପୋଡ଼ାଗଡ଼,୯।୯(ସମିସ) : ରାଉରକେଲା ଠାରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ରେ ଆୟୋଜିତ ୨୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାଲକୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବଜେନ୍ଦ୍ର ପ୍ରତାପ ସିଂହ ଯୋଗଦେଇ ମୋଟ ୧୯୪୮ ଜଣଙ୍କୁ ଡିଗ୍ରୀ ଉପାଧି ପ୍ରଦାନ କରିଥଲେ। ସେଥିମଧ୍ୟରୁ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକ ରୁଦ୍ର ନାରାୟଣ ପାଢ଼ିଙ୍କ ପୁଅ ଆଶିଷ ପାଡି ଶ୍ରେଷ୍ଠ ପୁରସ୍କାର ପାଇଥିବା କହିଛନ୍ତି ଛାତ୍ରର ପିତା ରୁଦ୍ର ନାରାୟଣ ପାଢ଼ି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

● ପ୍ରଥମ ଏଜୁକେସନ ଫାଉଣ୍ଡେସନ

## ସେକେଣ୍ଡ ଚାନ୍ସର ୫୬ % ବିଦ୍ୟାର୍ଥୀଙ୍କ ସଫଳତା

ବିଷମ କଟକ, ୯।୯(ସମିସ) ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଠାରେ ଚାଲିଥିବା ସର୍ବ ଭାରତୀୟ ସ୍ତରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ପ୍ରଥମ ସେକେଣ୍ଡ ଚାନ୍ସ ପ୍ରୋଗ୍ରାମ ତରଫରୁ ଶିକ୍ଷାର ଅଗ୍ରଗତି ପାଇଁ ମାଟ୍ରିକରୁ ବଞ୍ଚିତ ଥିବା ମହିଳା ଓ ବାଳିକାଙ୍କୁ ଦଶମ ପାସ୍ କରିବାରେ ସାହାଯ୍ୟ କରୁଛି । ଏହି ସଂଗଠନ ରାୟଗଡା ଜିଲ୍ଲାରେ ୨୦୧୨ ମସିହା ଠାରୁ କାର୍ଯ୍ୟ କରି ଆସୁଛି । ଚଳିତ ବର୍ଷ ମଧ୍ୟ ସେକେଣ୍ଡ ଫେଜରେ ମଧ୍ୟ ୭୯ ଜଣ ମହିଳା ଓ ବାଳିକା ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ୪୪ ଜଣ ପାସ୍ କରିଥିଲେ,। ବିଦ୍ୟାର୍ଥୀମାନେ



ଭକ୍ଷକିଆପଦର, ଭୈରଗଡ଼, କୁମୁଡାବାଲି, ଜଗଦଲପୁର, ବିର୍ଲି, ତେଲେଙ୍ଗାପଦର, ନିଆଳି କ୍ଲଷ୍ଟର ରେ ପାଠ ପଢୁଥିଲେ। ଏହି ଅନୁଷ୍ଠାନର ଭାଷା ଶିକ୍ଷକ ବବି ସୂର୍ଯ୍ୟ, ସାମାଜିକ ଶିକ୍ଷୟିତ୍ରୀ ସୁବର୍ଣ୍ଣ କରକରିଆ, ଚିତ୍ରକଳା ଶିକ୍ଷକ ପୂର୍ଣ୍ଣ କାର୍ଜୀ ଏବଂ ଗୃହ ବିଜ୍ଞାନ ଶିକ୍ଷକ ହରିଶଚନ୍ଦ୍ର କରକରିଆ, ପ୍ରଭୃତି ଶିକ୍ଷା ଦାନ କରୁଥିଲେ କ୍ଷ ପରୀକ୍ଷାର ଫଳା ଫଳର ଅଭିଭାବକ ଓ ବିଦ୍ୟାର୍ଥୀମାନେ ପ୍ରଥମ ଏଜୁକେସନର ରାଜ୍ୟ ସଂଯୋଜିକା ପୁଷ୍ପାଞ୍ଜଳି ପରିଡା, ରାଜ୍ୟ କୋଡିନେଟର ରାମ ପ୍ରସାଦ ମହାନ୍ତି ଏବଂ ଜିଲ୍ଲା ସଂଯୋଜକ ସୁରେନ୍ଦ୍ର କୁମାର ପଶାୟତଙ୍କୁ ଧନ୍ୟବାଦ ଜଣାଇଛନ୍ତି ଅଭିଭାବକ ସଂଘ।

## ଟ୍ୱିନଟନାଲ ଓ ଦେଓମାଳି ପରିଦର୍ଶନ କଲେ ରାଜ୍ୟପାଳ

ପଟ୍ଟାଙ୍ଗି,୯।୯(ସମିସ): ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟି କୋରାପୁଟ ଜିଲ୍ଲା ଗସ୍ତରେ ପହଞ୍ଚି ବିଭିନ୍ନ ସ୍ଥାନକୁ ଗସ୍ତ କରିଛନ୍ତି। ଭାରତମାଳା ପରିଯୋଜନା ଦ୍ୱାରା ପଟ୍ଟାଙ୍ଗିରେ ନିର୍ମାଣ ହୋଇଥିବା ଟ୍ୱିନଟନାଲ ପରିଦର୍ଶନ କରିଥିଲେ। ସେଠାରୁ ସେ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିରେ ଜଙ୍ଗଲ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କଟେଜରେ ପହଞ୍ଚିଥିଲେ। ସେ ଏକ ବଟ ବୃକ୍ଷ ଚାରା ରୋପଣ କରିବା ସହ ୧୦ ନଂ କଟେଜରେ ପହଞ୍ଚି ପାହାଡ ଉପର ମନୋରମ ଦୃଶ୍ୟ ଉପଭୋଗ କରିଥିଲେ। ଏହି ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଡି ଏଫ୍ ଓ କେଭି ଭାସ୍କର, ଉପଜିଲ୍ଲାପାଳ ଜୟପୁର ଆକାଭରମ ସସ୍ୟା ରେଡ୍ଡୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ସାମଲ, ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

## ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ନାଲ୍‌କୋ ବିଦ୍ୟାମନ୍ଦିର ଛାତ୍ରୀଙ୍କ କୃତିତ୍ୱ

ଦାମନଯୋଡି/ ସେମିଳିଗୁଡା, ୯।୯ (ସମିସ): କୋରାପୁଟ ଜିଲ୍ଲା ଦାମନଯୋଡି ସ୍ଥିତ ନାଲକୋ ସରସ୍ୱତୀ ?ଦ୍ୟା ମନ୍ଦିରର ତିନି ଜଣ +୨ ପ୍ରଥମ ବର୍ଷ ବିଜ୍ଞାନର ଛାତ୍ରୀ ସାନ୍ତପନା ବେହେରା ବିଜ୍ଞାନ ପ୍ରକଳ୍ପ (ଫ୍ୟୁଚର ଫୁଏଲ), କେ ହାରିକା ବିଜ୍ଞାନ ପ୍ରୟୋଗ ଓ ଜୈଶ ମେରୀ ଚେଟ୍ଟି ବିଜ୍ଞାନ ସେମିନାରରେ ଗତ ୬ ଓ ୭ ତାରିଖରେ କଟକ ଗତିରାଉତ ପାଟଣା ସ୍ଥିତି ସରସ୍ୱତୀ ବିଦ୍ୟା ମନ୍ଦିର ଠାରେ ତରୁଣ ବର୍ଗରେ ଅଂଶ ଗ୍ରହଣ କରି ଅନୁଷ୍ଠାନ ପାଇଁ ଗୌରବ ଆଣି ଦେଇଛନ୍ତି। କଲ୍ୟାଣୀ ଦାସଙ୍କ ନେତୃତ୍ୱରେ ଉକ୍ତ ତିନି ଜଣ ଛାତ୍ରୀ ଓଡ଼ିଶା ଶିକ୍ଷା ବିକାଶ ସମିତି ଦ୍ୱାରା କେଶବଧାମ ଠାରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିଥିଲେ। ଡ଼ାଃ ନରେଶ ଚନ୍ଦ୍ର ସାହୁଙ୍କ ସମେତ ସୋନାଲି ପତି, ସ୍ମୃତି ପାଢ଼ୀ, ମମତା ସାହୁ ଓ ସୁନୀଲ କୁମାର ମିଶ୍ର ଉକ୍ତ ପ୍ରତିଭଗୀଙ୍କୁ ପ୍ରସ୍ତୁତ କରିବାରେ ସହାୟକ ହୋଇଥିଲେ। ଉକ୍ତ ତିନି ଜଣ ମଧ୍ୟରୁ ସକ୍ଷନ୍ତପନା ବେହେରାଙ୍କ ବିଜ୍ଞାନ ପ୍ରକଳ୍ପ ଫ୍ୟୁଚର ଫୁଏଲ ରାଜ୍ୟ ସ୍ତରରେ ତରୁଣ ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ଦକ୍ଷିଣ ବଙ୍ଗ ସ୍ଥିତ ଲାଥୁରାମ ତୋଷ୍ଟି ୱାଲା ଶାରଦା ବିଦ୍ୟା ମନ୍ଦିର, କାସିମ୍ ବଜାର ଠାରେ ଅକ୍ଟୋବର ୭ଓ୮ ରେ ହେବାକୁ ଥିବା କ୍ଷେତ୍ରୀୟ ବିଜ୍ଞାନ ମେଳା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି କେ ହାରିକା ବିଜ୍ଞାନ ପ୍ରୟୋଗ ଦ୍ୱିତୀୟ ସ୍ଥାନ ହାସଲ କରି ବିଦ୍ୟାମନ୍ଦିର ପାଇଁ ଗୋରବ ଆଣି ଦେଇଛନ୍ତି। ତାଙ୍କର ସଫଳତା ପାଇଁ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତି , ସମ୍ପାଦକ ଡଃ ଚିତ୍ତରଂଜନ ମିଶ୍ର ଓ ପରିଚାଳନା ସମିତିର ସଭାପତିଙ୍କ ସମେତ ସମସ୍ତ ସଭ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ବିଧାୟକଙ୍କ ସ୍ୱଚ୍ଛଭାରତ ଅଭିଯାନ

ଉମରକୋଟ,୯।୯ (ସମିସ): ନବରଙ୍ଗପୁର ଜିଲା ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚିକିତ୍ସାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ବିଜେପି କର୍ମୀ ମାନେ ମିଳିମିଶି ସମ୍ପୂର୍ଣ ପରିସରକୁ ସଫା କରି ଆବର୍ଜନା ମୁକ୍ତ କରିଥିଲେ। ଏହି ଅବସରରେ ମା ପାଇଁ ଗଛ ଟିଏ ଅଭିଯାନରେ ଚାରାରୋପଣ ମଧ୍ୟ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା, ମେଡିକାଲ ନିରୀକ୍ଷକ ଡକ୍ଟର ଶରତ ଚନ୍ଦ୍ର ସେଠି, ରାଜ୍ୟ ବିଜେପି ସଂପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ବାବୁଲା ସାହୁ, ପ୍ରଦୀପ ମିଶ୍ର, ଗୋପୀନାଥ ସାହୁ, ବାବୁ ଶର୍ମା, ଶଙ୍କର ଡାକୁଆ, ପ୍ରଭାତ କୁମାର ନାୟକ, ମାନସିକ ଦାସ, ରମେଶ ଦାସ ଓ ସତ୍ୟ ବେହେରା, ମିଲୁ ପଣ୍ଡା, ପ୍ରମୁଖ ରହିଥିବା ବେଳେ ହସ୍ପିଟାଲ ମେନେଜର ଶୁଭ୍ରାଂଶୁ ଭୂଷଣ ପାଲଟାସିଂ, ବିଶ୍ୱଜିତ ସୁନା, ବିପିନି ମାଝୀ ଙ୍କ ସହ ଚିକିତ୍ସାଳୟ ର ସମସ୍ତ କର୍ମଚାରୀ ଓ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାମକୃଷ୍ଣ ମିଶନ ପ୍ରଚାରକଙ୍କ ପରଲୋକ

ଉମରକୋଟ,୯।୯ (ସମିସ): ରାମକୃଷ୍ଣ ମିଶନର ଦୀକ୍ଷିତ ତଥା ମିଶନର ଧର୍ମ ପ୍ରଚାରକ ଦୁଃଖୀଶ୍ୟାମ ସାମଲଙ୍କର ଆଜି ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ହୋଇ ଥିଲା। ଦୁଃଖୀ ଶ୍ୟାମ ସାମଲ ଉମରକୋଟ ଏକ୍ସ୍ ବୋର୍ଡ ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଭାବେ ଚାକିରିରୁ ଅବସର ଗ୍ରହଣ କରିବା ପରେ ରାମକୃଷ ମିଶନର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ରାମ କୃଷ୍ଣ ମିଶନ ପକ୍ଷରୁ ତାଙ୍କ ନାମ ପରିବର୍ତ୍ତନ କରାଯାଇ ସ୍ୱାମୀ ସତ୍ୟାନନ୍ଦ ପୁରୀ କରାଯାଇଥିଲା। ଯାହାକି ଓଡ଼ିଶା ସରକାରଙ୍କ ଗେଜେଟରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେ ଉମରକୋଟ ତହସିଲ ଅଫିସ ନିକଟରେ ଏକ ଆଶ୍ରମ କରି ସେଠାରେ ପୂଜା ପାଠ କରି ଶେଷ ଜୀବନ ବିତାଉ ଥିଲେ। ଖବର ପାଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଦୁଃଖୀ ଶ୍ୟାମ ସାମ ଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଇନ୍ଦ୍ରାବତୀ-ନବରଙ୍ଗପୁର ରାସ୍ତାର ପ୍ରଶସ୍ତୀକରଣ ପାଇଁ ଜମି ଚିହ୍ନଟ

ତେନ୍ତୁଲିଖୁଣ୍ଟି,୯।୯ (ସମିସ): ନବରଙ୍ଗପୁର -ଇନ୍ଦ୍ରାବତୀ ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଜାରିରହିଛି। ନବରଙ୍ଗପୁର ଠାରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଇନ୍ଦ୍ରାବତୀ ଅନେକ ସ୍ଥାନ ଜବରଦଖଲରେ ରହିଛି। ସୋମବାର ଠାରୁ ତେନ୍ତୁଲିଖୁଣ୍ଟି ତହସିଲ ପ୍ରଶାସନ ଏବଂ ରାସ୍ତା ନିର୍ମାଣ କର୍ତ୍ତୃପକ୍ଷଙ୍କ ସମେତ ଠିକାସଂସ୍ଥା କର୍ତ୍ତୃପକ୍ଷ ମିଳିତ ଭାବେ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଇତି ମଧ୍ୟରେ ଆଉଁଳିଗୁମା ଛକ ଠାରୁ ଇନ୍ଦ୍ରାବତୀ ମୁଖ୍ୟ ଦପ୍ତର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ ଚିହ୍ନଟ କରାଯାଇଛି। ଖୁବ ଶୀଘ୍ର ଜବରଦଖଲରେ ଥିବା ସ୍ଥାନ ଗୁଡିକ ଖାଲି କରିବା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ ପ୍ରଦାନ କରାଯିବା ନେଇ ସୂଚନା ମିଳିଛି। ମୁଖ୍ୟ ରାସ୍ତାର ମଧ୍ୟ ଭାଗରୁ ଉଭୟ ପାଶ୍ୱର୍ରେ ୩୩ ଫୁଟ ଲେଖାଏଁ ମୋଟ ୬୬ ଫୁଟ ଚିହ୍ନଟ କରାଯାଇଛି। ଏହି ଚିହ୍ନଟ ପ୍ରକ୍ରିୟାରେ ତେନ୍ତୁଲିଖୁଣ୍ଟି ତହସିଲ କାର୍ଯ୍ୟାଳୟର ରାଜସ୍ୱ ବିଭାଗ ର ସୁମିତ୍ରା ବେହେରା, ସନ୍ତୋଷ ଗରଡ଼ା, ସନ୍ତୋଷ ମାହାଙ୍କୁଡ, ବଳରାମ ହରିଜନଙ୍କ ସମେତ ଇଂ ଉମାକାନ୍ତ ବେହେରା ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ଉତ୍କଳ ସାମ୍ବାଦିକ ସଂଘର ସମ୍ବର୍ଦ୍ଧନା



ମାଲକାନଗିରି, ୯।୯(ସମିସ): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ କାର୍ଯ୍ୟାଳୟରେ ସଂଘ ପକ୍ଷରୁ ଆଜି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଆୟୋଜିତ ବୈଠକରେ ସଂଘର ଜିଲ୍ଲା ସଭାପତି ଅଶୋକ ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଅସ୍ମି ଏ ଏଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ସଂଘର ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୃସିଂହ ଚରଣ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ଅତିଥି ମାନେ ଶିକ୍ଷକ ଶ୍ରୀ ରଣାଙ୍କ ନିଆରା କାର୍ଯ୍ୟଶୈଳୀ ଓ ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଭୂମିକାକୁ ବେଶ ପ୍ରଶଂସା କରିବା ସହ ଶ୍ରୀ ରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସଂଘର କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ପ୍ରଭାକର ସୁନା, ମନୋଜ ସାହା, ଦିଲୀପ ପଟ୍ଟନାୟକ, ରାହୁଲ ଗୋଲରି, ମାଣିକ ବାଚାର, ରାଜେସ ବେପାରୀ, ମ୍ରିଣାଳ ମଣ୍ଡଲ, ପଙ୍କଜ ଖରା, ବାଦଲ ବିଶ୍ୱାଳ, ବିଜନ ମଣ୍ଡଲ ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଚନ୍ଦ୍ରପୁର ବ୍ଲକ୍‌ର ଦୁଇ ଶିକ୍ଷକ

ଚନ୍ଦ୍ରପୁର, ୯।୯(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା କ୍ଲଷ୍ଟରର ପାଣ୍ଡରାଖାଲ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରସାନ୍ତ କୁମାର ପ୍ରଧାନ କାର୍ଯ୍ୟରତ। ସେ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପାଇଛନ୍ତି। ସେହିପରି



ପୂର୍ବତନ ଡାଙ୍ଗସରଡା କ୍ଲଷ୍ଟରଆଞ୍ଚଳିକ ସାଧନା କେନ୍ଦ୍ରର ସଂଯୋଜକ ନିରଞ୍ଜନ ପ୍ରଧାନଙ୍କୁ ସାଧନା କେନ୍ଦ୍ରର କାର୍ଯ୍ୟ ଦକ୍ଷତା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷକ ପୁରସ୍କାର ପାଇଛନ୍ତି। ରାୟଗଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସମ୍ମାନରେ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତି ମାଝୀ, ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଅସୀମା ରାଓ, ଜିଲ୍ଲା ପ୍ରଶିକ୍ଷଣର ଅଧକ୍ଷ ଜଗନ୍ନାଥ ମେହେର, ଚନ୍ଦ୍ରପୁର ବ୍ଲକ ଶିକ୍ଷାଧିକାରୀ ଗଣେଶ ଶବରଙ୍କ ଉପସ୍ଥିତରେ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଚନ୍ଦ୍ରପୁର ବ୍ଲକର ଦୁଇ ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ପୁରସ୍କାର ସମ୍ମାନରେ ସମ୍ମାନିତ ହୋଇଥିବାରୁ ସ୍କୁଲର ପ୍ରଧାନ ଶିକ୍ଷକ ସିକ୍ଷତ୍ରୀ ଛାତ୍ର ଛାତ୍ରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।

# ହିଣ୍ଡାଲ୍‌କୋ ସହଯୋଗରେ ଫୁଟବଲ ଟୁର୍ଣ୍ଣାମେଣ୍ଟ

ସେମିଳିଗୁଡ଼ା, ୯।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକର ଦଲେଇଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କଣ୍ଟାଗୁଡା ଗ୍ରାମ ପଡିଆ ଠାରେ ହିଣ୍ଡାଲକୋର ସହଯୋଗରେ ଅନ୍ତଃଗ୍ରାମ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ଉଦଘାଟନୀ ଉତ୍ସବରେ ହିଣ୍ଡାଲକୋ ସେମିଳିଗୁଡାର ମାନବ ସମ୍ବଳ ହେଡ ଅମିତ ସର, କମ୍ପାନୀର ପ୍ରକାଶ ସାହୁ, ସନ୍ତୋଷ ପଟ୍ଟନାୟକ, ଅଶୋକ ସିହ୍ନା ଆଦି ଯୋଗ ଦାନ କରିଥିଲେ। ପଟ୍ଟାଙ୍ଗିର ପୂର୍ବତନ ବିଧାୟକ ପିତମ ପାଢ଼ୀ, ସେମିଳିଗୁଡା ବ୍ଲକର ଉପାଧ୍ୟକ୍ଷ ଶିବା ବାଙ୍ଗାରି ଅତିଥି ଭାବେ ଯୋଗଦେଇ ଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟକୁ




କଣ୍ଟାଗୁଡା ଗ୍ରାମର ରୟାଲ କ୍ଲବ ଆୟୋଜନ କରିଥିବା ବେଳେ ହିଣ୍ଡାଲକୋ କମ୍ପାନୀ ସହଯୋଗ ପ୍ରଦାନ କରିଥିଲେ। ଚାରି ଦିନ ଧରି ଚାଲିବାକୁ ଥିବା ଏହି ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪୦ ଗୋଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ପ୍ରଥମ ଦିବସରେ ଆର. କେ ମାଳିଗୁଡ଼ା ଓ ରୟାଲ କ୍ଲବ ହିଣ୍ଡାଲକୋ, ଖାଲପାଡ଼ି ଓ ଆଳିଗାଁ, ସୁନାବେଡା ଚର୍ଚ୍ଚ କଲୋନୀ ଓ ରାଣୀ କଣା, କଙ୍କଡା ଆମ୍ବ ଓ ନେତାଜୀ ରାଣୀକଣା, ପାଟା ମାଳି କୁଡମୁଲ୍ ଓ ବ୍ଲାକ କମାଣ୍ଡ, ସେମିଳିଗୁଡା, ବେହେରଗୁଡ଼ା ବି ଓ କକିଗାଁ ବି, ସେମେଲା ବି ଓ ରେଡ ଏଫ୍‌ସି , ଦାମନ ଯୋଡ଼ି, ଭେଜପୁଟ ଓ ଆନ୍ଧ୍ରବଡର, ବାବୁତି କଲୋନୀ ଓ ଭୁବନ ୧୧ ମଧ୍ୟରେ ଖେଳ ହୋଇଥିଲା। କଣ୍ଟାଗୁଡ଼ା ଯୁବକ ସଂଘର ସଦସ୍ୟ ସୁନିଲ କୁଲଦୀପ, ରାଜେଶ୍ କୁଲଦୀପ, ଅମିତ୍ ଖୋସଲା, କିରଣ, ଅଜୟ, ରଞ୍ଜନ, ବାବୁଲି, ପୂର୍ଣ୍ଣ, ଟୁନା ଓ ବିକାଶ ଖେଳ ପରିଚାଳନା କରିଥିଲେ।

# ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୯।୯(ସମିସ): ଦିବ୍ୟାଙ୍ଗମାନେ କୌଣସି କ୍ଷେତ୍ରରେ ଅକ୍ଷମ ନୁହଁନ୍ତି ବରଂ ଉପଯୁକ୍ତ ପରିବେଶ ଓ ସୁଯୋଗ ମିଳିଲେ ବିଶ୍ୱବିଜୟୀ ହେବାର ସମ୍ଭାବନା ସେମାନଙ୍କ ପାଖରେ ରହିଛି । କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ଆୟୋଜିତ ଭିନ୍ନକ୍ଷମ ସଚେତନତା କାର୍ଯ୍ୟକ୍ରମରେ ଏଭଳି ବାର୍ତ୍ତା ଦିଆ ଯାଇଛି। ରାଜ୍ୟ ଭିନ୍ନକ୍ଷମ ଆୟୋଗ ଏବଂ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଜୟପୁରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲାର ୮ଟି ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରୁ ୧୦୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆୟୋଜକ ସରକାରୀ ଡିଏଭି ମହାବିଦ୍ୟାଳୟ ସମେତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର, ଗାଙ୍ଗେଶ୍ୱରୀ ମହାବିଦ୍ୟାଳୟ, ପଟାଙ୍ଗୀ, ସେମିଳିଗୁ?ା ମହାବିଦ୍ୟାଳୟ, ସିଦ୍ଧେଦେବୀ ମହାବିଦ୍ୟାଳୟ, ନନ୍ଦପୁର, ସୁନାବେଡ଼ା ମହିଳା ମହାବିଦ୍ୟାଳୟ, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ, କୁନ୍ଦ୍ରା ପ୍ରଭୃତି ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗଦେଇ କୁଇଜ୍ ପ୍ରତିଯୋଗୀତାରେ ମଧ ଭାଗ ନେଇଥିଲେ। ସରକାରୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହିତ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ମହାବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ. ସୁଶୀଳ କୁମାର ଗଡ଼ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ରାଜ୍ୟ ଭିନ୍ନକ୍ଷମ ଆୟୋଗର ସ୍ୱତନ୍ତ୍ର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ବର୍ତ୍ତମାନର ଛାତ୍ର ସମାଜ ପାଇଁ ଏହାର ଆବଶ୍ୟକତା ବିଷୟରେ ବକ୍ତବ୍ୟ ଦେଇଥିଲେ। ଜୟପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଗୋପାଳ ହାଲଦର୍ ଏ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମଧ୍ୟ ବକ୍ତବ୍ୟ ରଖିଥିଲେ। ଜାତୀୟ ଭିନ୍ନକ୍ଷମ ସେବା କେନ୍ଦ୍ରର ଅବସରପ୍ରାପ୍ତ ସହ ନିର୍ଦ୍ଦେଶକ ରାଜକୁମାର ଶର୍ମା କୁଇଜ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଦୁଇଛାତ୍ର ବିଜୟୀ ହୋଇ ପୁରସ୍କାର ଫଳକ ଓ ଅର୍ଥରାଶି ଗ୍ରହଣ କରିଥିବାବେଳେ ଭାଗନେଇଥିବା ଅନ୍ୟ ସମସ୍ତ ଛାତ୍ରଛାତ୍ରଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜକ ମହାବିଦ୍ୟାଳୟର ଡ. ଲୋପାମୁଦ୍ରା ସ୍ୱାଇଁ ପରିଚାଳନା କରିଥିବାବେଳେ ପରିଶେଷରେ କୋରାପୁଟ ଜିଲ୍ଲା ସାମାଜିକ ଅଧିକାରୀ ଶ୍ରୀମତୀ ନିଶା ନାୟର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଡ. ଦୁର୍ଗାପ୍ରସାଦ ପାଣିଗ୍ରାହୀ, ଡ. ରଞ୍ଜନ କୁମାର ବାରିକ, ଡ. ସୈରିନ୍ଧ୍ରୀ ମହାରଣା, ଡ. ଶ୍ରୀଚନ୍ଦନ ମିଶ୍ର, ମନୋଜ କୁମାର ବେହେରା, କୋବିଦ ପ୍ରଧାନ, ଏମ୍ ଦୀପକ କୁମାର ଓ ନିରଞ୍ଜନ ମହାକୁଳଙ୍କ ସମେତ ଏନ୍‌ସିସି., ଯୁବ ରେଡକ୍ରସ୍ ଓ ଜାତୀୟସେବା ଯୋଜନାର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

## ଶିକ୍ଷା ବିଭାଗ ଓ ବିଧାୟକଙ୍କ ବୈଠକ

ନନ୍ଦାହାଣ୍ଡି,୯।୯(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ନବରଙ୍ଗପୁର ବିଧାୟକଙ୍କ ଉପସ୍ଥିତିରେ ଶିକ୍ଷା ବିଭାଗ ଅଧିକାରୀ ଓ ଶିକ୍ଷକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ଦାନରେ ଗୁଣାତ୍ମକ ମାନ ବୃଦ୍ଧି, ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା, ପୁଷ୍ଟିକର ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ପରିବେଶ ସଫାସୁତୁରା, ଶିକ୍ଷକଙ୍କ ସମୟାନୁନବର୍ତ୍ତିତା ଓ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ପୋଷାକର ମାନ ତଥା ଯୋଗାଣ ସଂସ୍ଥା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ନନ୍ଦାହାଣ୍ଡି ବ୍ଲକ୍ ଗୋଷ୍ଠି ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁ ସଭାପତିତ୍ୱରେ ଆୟୋଜିତ ଏହି ବୈଠକ ଅବସରରେ ମୁଖ୍ୟ ଅତିଥି ରୂପେ ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନୀ , ଜିଲ୍ଲା ଶିକ୍ଷା ସଂଯୋଜକ ଚିତ୍ତ ରଂଜନ ପଟ୍ଟନାୟକ ଙ୍କ ସମେତ ବ୍ଲକର ୮୦ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଧାୟକ ଓ ଜିଲ୍ଲାପାଳଙ୍କ ନବରଙ୍ଗପୁର ପରିଦର୍ଶନ

# ବଦଳିବ ସହରର ରୂପ, ହେବ ୩ ରିଂରୋଡ



ନବରଙ୍ଗପୁର,୯।୯(ସମିସ): ନବରଙ୍ଗପୁର ସହରର ବିକାଶ, ସ୍ୱଚ୍ଛତା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଅଣ୍ଟା ଭିଡ଼ିଲେ ବିଧାୟକ, ଜିଲ୍ଲାପାଳ ଏବଂ ପୌର ଅଧ୍ୟକ୍ଷ। ମଙ୍ଗଳବାର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଏବଂ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ପୌର ଅଧ୍ୟକ୍ଷ କୁନୁ ନାୟକ ନବରଙ୍ଗପୁର ସହରର ସମ୍ପୂର୍ଣ୍ଣ ବିକାଶ , ସୌନ୍ଦର୍ଯ୍ୟ କରଣ ପୌରାଞ୍ଚଳର ସ୍ୱଚ୍ଛତା, ପ୍ରତ୍ୟେକ ସାହି ରାସ୍ତା,ନାଳ ନିର୍ମାଣ, ସହରର ମୁଖ୍ୟ ରାସ୍ତା ଓସାର, ରିଙ୍ଗ ରୋଡ ନିର୍ମାଣ ସାହିର ଓସାର ଭଳି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟନେଇ ଆଜି ସମ୍ପୂର୍ଣ୍ଣ ସହର ପରିଦର୍ଶନ କରିଥିଲେ ବିଧାୟକ ଏବଂ ଜିଲ୍ଲାପାଳ। ଏହି ଅବସରରେ ନବରଙ୍ଗପୁର ମାଝୀଗୁଡ଼ା ସର୍କିଟ ହାଉସ ଛକ , ସୁବାସ ବୋଷ ଛକ, ଚଉଁରିଆ ଗୁଡା ପୁରୁଣା ଗେଟ ଛକ ବା ଶ୍ମଶାନ ରାସ୍ତା, ତହସିଲ କାର୍ଯ୍ୟାଳୟ ନିକଟ ଟ୍ରାଫିକ ଛକ ରେ ରିଂ ରୋଡ ନିର୍ମାଣ ହେବା ସହିତ ଅତିରିକ୍ତ ସର୍କିଟ ହାଉସ ନିର୍ମାଣ, ଆମିଷ ବଜାରର ନିର୍ମାଣ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଆଜିର ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସଂପତ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, କାଉନସିଲର ଏ ସତିଶ , କାଉନସିଲର ଶର୍ମିଷ୍ଠା ଦେଓଙ୍କ ସମେତ ବହୁ କାଉନସିଲର,ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହନିର୍ମାଣ ଖିର୍ଧର କନ୍ଧପାନ, ଅଧିକ୍ଷଣ ଯନ୍ତ୍ରୀ ଟିପିଏସଓଡିଏଲ ସିବେଶ ରାମ ସାହୁ , ,ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ପ୍ରମୁଖ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

## ତିନି ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର



କୋଷାଗୁମୁଡା,୯।୯ (ସମିସ): ଚଳିତ ବର୍ଷ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ନବରଙ୍ଗପୁର ଜିଲ୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ , ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ , ପଲକ୍ ରବୀନ୍ଦ୍ର , ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ , ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ଏବଂ ପ୍ରକାଶ ମଲ୍ଲିକ , ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ ଏବଂ ପ୍ରଧାନ ଶିକ୍ଷକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ତିନି ଜଣ ଶିକ୍ଷକଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରେ ଜିଲ୍ଲାର ବିଧାୟକ ଗୌରୀଶଙ୍କର ମାଝୀଙ୍କ କରକମଳରେ ବିଜ୍ଞାନ କ୍ଷେତ୍ରରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀଧନୁଆର ପ୍ରଧାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଷାଗୁମୁଡାର ବରିଷ୍ଠ ବିଜ୍ଞାନ ଶିକ୍ଷକ ନଳିନୀକାନ୍ତ ପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ମାଝି ଧନୁଆ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଡକ୍ଟର ମଧୁସୂଦନ ସାହୁଙ୍କୁ ତୃତୀୟ ଭାଷା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୋଷାଗୁମୁଡା ବ୍ଲକ୍‌ରୁ ପ୍ରାୟ ୧୭ଜଣ ଯୁବଶିକ୍ଷକ, ଜୁନିୟର ରେଡକ୍ରସ, ନବରଙ୍ଗପୁର ଆନୁକୂଲ୍ୟରେ ହୋଇଥିବା ରକ୍ତଦାନ ଶିବିରରେ ରକ୍ତ ଦେଇଥିଲେ।

## ଚାରା ବଣ୍ଟନ ଯାନର ଶୁଭାରମ୍ଭ




ନନ୍ଦପୁର,୯।୯ (ସମିସ): 'ଏକ ପେଡ଼ ମା' କେ ନାମ' ଅବସରରେ ବାଲଡ଼ା ବନାଞ୍ଚଳ ଅଧୀନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଦୂର୍ଗା ପ୍ରସାଦ ଦୋରାଙ୍କ ସମେତ ବନ ବିଭାଗର ଅଧିକାରୀ ଓ କର୍ମକର୍ତ୍ତାମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତକୁ ବିଭିନ୍ନ କିସମର ଚାରା ବଣ୍ଟନ କରାଯାଇଥିଲା। ପରିବେଶ ସୁରକ୍ଷା, ସବୁଜମୟ ଓ ସଚେତନତା ବୃଦ୍ଧି କରିବା ଇତ୍ୟାଦି ମହତ ଉଦ୍ଦେଶ୍ୟ ରଖି ଏହି ଚାରା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିବା ରେଞ୍ଜର ବାଲଡ଼ା ବାଦଲ ମହାନ୍ତି କହିଛନ୍ତି। ବିଡିଓ ଦୂର୍ଗା ପ୍ରସାଦ ଦୋରା ଚାରାରୋପଣକୁ ଆଗାମୀ ପିଢ଼ି ପାଇଁ ଅମୂଲ୍ୟ ସମ୍ପଦ ଭାବେ ସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶଶୀଭୂଷଣ ପାତ୍ର, ବାଲଡ଼ା ସରପଞ୍ଚ ବିକ୍ରମ ସୀସା, ବାଲଡ଼ା ଜୀବିକା ମିଶନର ସିଆରପ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫରେଷ୍ଟର ସୁରେନ୍ଦ୍ର ଗୌଡ଼, ସ୍ୱର୍ଣ୍ଣାଞ୍ଜଳି କହ୍ନର, ଫରେଷ୍ଟ ଗାର୍ଡ ଜିତେନ୍ଦ୍ର ଖରା, ଭାସ୍କର ଗୁଣ୍ଟା, ପୁଷ୍ପାଞ୍ଜଳି ଟାକ୍ରି, ସରସ୍ୱତୀ ବଡ଼ନାୟକଙ୍କ ସହିତ ବାଲଦା ଅରଣ୍ୟ ରେଞ୍ଜର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଦକ୍ଷିଣ ଜୟପୁର ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ

ଜୟପୁର,୯।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଅନ୍ୟତମ ପୁରାତନ ଦକ୍ଷିଣ ଜୟପୁର ଦୁର୍ଗାପୂଜା କମିଟିର ଏକ ବୈଠକ ଗତ ସୋମବାର ପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରୁ ଗତବର୍ଷ ଦୁର୍ଗାପୂଜା ଆୟୋଜନର ଖର୍ଚ୍ଚ ନେଇ ସମସ୍ତ ତଥ୍ୟ ପୁରାତନ କମିଟି ପ୍ରଦାନ କରିଥିଲେ। ଏହାପରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପୂର୍ବତନ କାଉନ୍‌ସିଲର ଆଶୁତୋଷ ସାନ୍ତାପାତ୍ର, ସମ୍ପାଦକ ପ୍ରତିଷ ପଟ୍ଟନାୟକ, କୋଷାଧକ୍ଷ ଅନିଲ କୁମାର ମହାପାତ୍ର, ଉପସଭାପତି ରାଜେନ୍ଦ୍ର ପାଣିଗ୍ରାହୀ, ଉପ କୋଷାଧକ୍ଷ ଅମିତ ପଟ୍ଟନାୟକ ଏବଂ ସହ ସମ୍ପାଦକ ସମିତ ପଟ୍ଟନାୟକଙ୍କ ଉପସ୍ଥିତ ପୂଜାକମିଟିର ସଦସ୍ୟ ମାନେ ମନୋନୀତ କରିଥିଲେ। ଏହି ଅବସରରେ କମିଟିର ବରିଷ୍ଠ ସଦସ୍ୟ ସଦାଶିବ ମିଶ୍ର, ପ୍ରମୋଦ ମାଝି, ଉମାଚରଣ ମହାପାତ୍ର, ବିନୋଦିନୀ ସାନ୍ତାପାତ୍ର, ମନୋଜ ପାଢୀ, ରାମପ୍ରସାଦ ଗନ୍ତାୟତ, ଜ୍ୟୋତରଞ୍ଜନ ମହାପାତ୍ର, ବିଭୂ ପ୍ରସାଦ ପଣ୍ଡା, ଦାମଦୋର ପଣ୍ଡା, ବଲ୍ଲଭ ନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଖଣ୍ଡ ଭାଗବତ ପରାୟଣ ଉଦ୍‌ଯାପିତ

ଦୁର୍ଗୀ, ୯।୯(ସମିସ): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଥିବା ଭାଗବତ ଟୁଙ୍ଗିରେ ଆଧ୍ୟାତ୍ମିକେ ପରିବେଶରେ ଭାଗବତ ଜନ୍ମ ଉତ୍ସବ ପାଳନ ହୋଇଛି । କମିଟିର ଅଧ୍ୟକ୍ଷ ଟି. ବି ଲକ୍ଷ୍ମୀ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗାଁର ବ୍ରାହ୍ମଣ, ମହାଜନ, ଯୁବସାଥି ଓ ଆଧ୍ୟାତ୍ମିକ ପ୍ରେମୀ ଯୋଗ ଦେଇଥଲେ। ପଣ୍ଡିତ ଶିବ ଷଡ଼ଙ୍ଗୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ରାଜ୍ୟପାଳଙ୍କ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ




ସୁନାବେଡ଼ା,୯।୯(ସମିସ): ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆଜ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପରିଦର୍ଶନ କରି ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୁଖୀ କାର୍ଯ୍ୟ ଓ ଶିକ୍ଷାନୁଷ୍ଠାନର ପ୍ରଗତି ବିଷୟରେ ସମୀକ୍ଷା କରିଥିଲେ। ରାଜ୍ୟପାଳଙ୍କୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରୋଫେସର ନରସିଂହ ଚରଣ ପଣ୍ଡା, ଭାରପ୍ରାପ୍ତ କୁଳସଚିବ ଡ. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ବରିଷ୍ଠ ଅଧ୍ୟାପକ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଅଧିକାରୀମାନେ ସ୍ୱାଗତ କରିଥିଲେ। ସମୀକ୍ଷା ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପଣ୍ଡା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ ଉପସ୍ଥାପନ କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷକ ଅତ୍ୟନ୍ତ ଆବଶ୍ୟକ। ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଓ ଗୁଣାତ୍ମକ ଶିକ୍ଷକଙ୍କୁ ଦୃଷ୍ଟିରେ ରଖି କେଉଁ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବେ ତାହା ବାଛିପାରିବା ଅଧିକାର ରଖିଛନ୍ତି। ବିଶ୍ୱବିଦ୍ୟାଳୟରେ ନାମଲେଖା ହ୍ରାସ ପଛରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରଫେସର ପଣ୍ଡା ରାଜ୍ୟପାଳଙ୍କୁ ଉତ୍ତରୀୟ, ସ୍ମୃତିଚିହ୍ନ ଓ ତାଙ୍କର ଗ୍ରନ୍ଥ "ବୌଦ୍ଧ ସ୍ତୂପ: ଭାରତ ଓ ଦକ୍ଷିଣ ପୂର୍ବ ଏସିଆରେ" ଉପହାର ଦେଇ ସମ୍ମାନିତ କରିଥିଲେ। ଔପଚାରିକ ବୈଠକ ପରେ ରାଜ୍ୟପାଳ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ସହ ବାର୍ତ୍ତାଳାପ କରିଥିଲେ। ଏହି ପରିଦର୍ଶନ ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ଶ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପୁଲିସ୍ ସୁପରିଟେଣ୍ଡେଣ୍ଟ ରୋହିତ ବର୍ମା, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଡ. ଲଳିତେନ୍ଦୁ ସାହୁ, ଏଡିସିଟୁ ଗଭର୍ଣ୍ଣର, କୁଳଦୀପ୍ ମୀଣା ଉପସ୍ଥିତ ଥିଲେ। ହାଲ କାରଖାନା ପରିଦର୍ଶନ କରି କୋରାପୁଟ ପ୍ରଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା ସହ ବିଭିନ୍ନ ବିକାଶମୁଖୀ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ।

## ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ

ନବରଙ୍ଗପୁର,୯।୯(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ସବୁଜ ପତାକା ଦେଖାଇ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥଟି ଆସନ୍ତା ୧୦ ଦିନ ଧରି ସମସ୍ତ ବ୍ଲକ ସହିତ ଗ୍ରାମପଞ୍ଚାୟତକୁ ଗଡ଼ିବା ସହିତ ପ୍ରବାସୀ ଶ୍ରମିକମାନଙ୍କୁ ନିରାପଦ ତଥା ଆଇନ୍ ସମ୍ମତ ଭାବେ ବାହାର ରାଜ୍ୟକୁ ଯାଇ କାର୍ଯ୍ୟ କରିବା ସମ୍ବନ୍ଧରେ ବାର୍ତ୍ତା ଓ ସଚେତନତା ପ୍ରସାର କରିବ। ଏହା ସହ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡିକ ବିଷୟରେ ସଚେତନ କରାଯିବା ସହ ସେମାନେ ଯିବା ପୂର୍ବରୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କିମ୍ବା ବ୍ଲକ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ତାଙ୍କର ନାମ, ଠିକଣା ଓ କେଉଁ ରାଜ୍ୟକୁ କେତେଦିନ ପାଇଁ ଯାଉଛନ୍ତି, ଶ୍ରମ ଠିକାଦାର ଏଜେଣ୍ଟ ସହାୟତାରେ ଯାଉଥିଲେ ତାଙ୍କର ନାମ ଠିକଣା ଯୋଗାଯୋଗ ନମ୍ବର ଇତ୍ୟାଦି ଦାଖଲ ଓ ପଞ୍ଜିକରଣ କରି ଯିବା ସମ୍ବନ୍ଧରେ ସଚେତନତା କରିବ। ଆଜିର ଏହି ଶୁଭାରମ୍ଭ ସମୟରେ ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କ ସମେତ ବହୁ ବିଭାଗୀୟ କର୍ମଚାରୀ ଓ ଟ୍ରେଡ ୟୁନିଅନ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ରାଜୁପୁଟ ପଞ୍ଚାୟତ ମିଲେଟ୍ ୟୁନିଟ ଦେଖିଲେ ରାଜ୍ୟପାଳ

ସେମିଳିଗୁଡ଼ା,୯।୯ (ସମିସ): କୋରାପୁଟ ଜିଲ୍ଲାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ଦୁଇ ଦିନ ଗସ୍ତ ଅବସରରେ ମଙ୍ଗଳବାର ସେମିଳିଗୁଡା ଆସିଥିଲେ। ବ୍ଲକ୍ ଅନ୍ତର୍ଗତ ରାଜୁପୁଟ ପଞ୍ଚାୟତ ଠାରେ ଥିବା ଅତ୍ୟାଧୁନିକ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟକୁ ରାଜ୍ୟପାଳ ବୁଲି ଦେଖିଥିଲେ। ୟୁନିଟ୍ କାର୍ଯ୍ୟକୁ ଦେଖି ସେ ଅତ୍ୟନ୍ତ ଖୁସି ଅନୁଭବ କରିଛନ୍ତି । ଆଗାମୀ ଦିନରେ ଆହୁରି ଅଧିକ ଉତ୍ପାଦନ ସହ ବଜାର ବ୍ୟବସାୟୀ ବଢ଼ାଇବାକୁ ମହିଳାମାନଙ୍କୁ ବୁଝାଇଥିଲେ। ଏହି ରାଜୁପୁଟର ମାଣ୍ଡିଆରେ ତିଆରି ସାମଗ୍ରୀ ସାରା ରାଜ୍ୟସ୍ତରରେ ପହଞ୍ଚିବ ବୋଲି କହିଥିଲେ। ସେ ସ୍ୱୟଂସହାୟିକା ଗୋଷ୍ଠୀ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ମହିଳା ସଶକ୍ତି କାରଣ କରିବାକୁ ଆହ୍ୱାନ ଦେଇଥିଲେ। ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗ ଦେଇଥିଲେ। ସାଥିରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ , କୋଟପାଡ଼ ବିଧାୟକ ରୂପ ବତ୍ରା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସପି ରୋହିତ ବର୍ମା, ସେମିଳିଗୁଡା ବ୍ଲକ



ଅଧକ୍ଷା ଲିଲି ଅଣ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରୀ ସୁନାବେଡା ପୌର ପରିଷଦ ଅଧକ୍ଷ ରାଜେନ୍ଦ୍ର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର୍ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ପୁଙ୍ଗରର ଏକଲବ୍ୟ ଆଦର୍ଶ ବିଦ୍ୟାଳୟକୁ ରାଜ୍ୟପାଳ ପରିଦର୍ଶନ କରିଥିଲେ।

## ପଟାଙ୍ଗୀ କଂଗ୍ରେସର ସୃଜନ ଅଭିଯାନ କାର୍ଯ୍ୟକ୍ରମ



ସେମିଳିଗୁଡ଼ା, ୯।୯ (ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ କଂଗ୍ରେସ ପକ୍ଷରୁ କରାଯାଇଛି। ସେମିଳିଗୁଡ ସ୍ଥିତ ପୌରା ପରିଷଦ କଲ୍ୟାଣ ମଣ୍ଡପଠାରେ ସୋମବାର ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମରେ ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସେମିଳିଗୁଡା, ନନ୍ଦପୁର, ପଟାଙ୍ଗୀ ବ୍ଲକ୍ ସୁନାବେଡ଼ା ପୌରାଞ୍ଚଳର କର୍ମୀମାନେ ସଭାପତି ଚୟନ ପ୍ରକ୍ରିୟାରେ ନିଜ ନିଜ ମତାମତ ପ୍ରଦାନ କରିଥିଲେ ଏବଂ ଏଆଇସିସି ପକ୍ଷରୁ ନିଯୁକ୍ତ ଓଡ଼ିଶା ପ୍ରଭାରୀ ଏଆଇସିସି ସାଧାରଣ ସମ୍ପାଦକ ଗଣେଶ ଯାଦବ ଯୋଗଦେଇ ସଭାପତି ଚୟନ ଉପରେ ମତ ଦେଇଥିଲେ। ଆୟୋଜିତ କର୍ମୀ ସମ୍ମିଳନୀରେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ କାର୍ଯ୍ୟକ୍ରମର ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସଭାପତି ଶଶିଭୂଷଣ ପାତ୍ର ,ପଟାଙ୍ଗି ବ୍ଲକ୍ କଂଗ୍ରେସ ସଭାପତି ଅର୍ଜୁନ ବଙ୍କା, ନେତା ଜଗଦୀଶ ଖରା, ଶୁକ୍ର ଖରା, କ୍ରିଷ୍ଣା କୁଲଦୀପ, ରୂପକ ତୁରୁକ୍, ଗୁପ୍ତ ଶଙ୍କର, କମେଶ, ବିମଳା ,ବାବୁଲା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଦଳୀୟ ଜିଲ୍ଲା ପରିଷଦ ସଦସ୍ୟ, ପୌରାଞ୍ଚଳର, ଯୁବ, ଛାତ୍ର ଓ ମହିଳା କଂଗ୍ରେସର କର୍ମକର୍ତ୍ତାମାନଙ୍କ ସମେତ ସକ୍ରିୟ କର୍ମୀମାନେ ଉପସ୍ଥିତ ରହିଥିଲେ।

## ସେରୁବନ୍ଧ ସୁରକ୍ଷା ସମିତିର ସାମ୍ବାଦିକ ସମ୍ମିଳନୀ



ପଟାଙ୍ଗି,୯।୯(ସମିସ): କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ ଅନ୍ତର୍ଗତ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଆଲମେ ଫୁଲଙ୍କ ଘରେ ସେରୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ସଂଘର ସଭାପତି ରବି ଖରାଙ୍କ ସଭାପତିତ୍ୱରେ କରାଯାଇଥିଲା। କାର୍ଯ୍ୟକ୍ରମରେ ୪ଟି ପଞ୍ଚାୟତର ସେରୁବନ୍ଧ ସଂଘର ନେତୃ ମଣ୍ଡଳୀ ଉପସ୍ଥିତ ରହିଥିଲେ। ଏହାସହ ପଟାଙ୍ଗିର ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି, ପଟାଙ୍ଗି ସରପଞ୍ଚ ଆଲମେ ଫୁଲ ,ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା , ନୂଆଗାଁ ସରପଞ୍ଚ ସୁବାଷ ଖରା ପ୍ରମୁଖ ଉପସ୍ଥିତ ରହିଥିଲେ। ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି ନିଜ ପ୍ରତିକ୍ରିୟା ରେ ଆଗମୀ ଖଣି ଖନନ ନିମନ୍ତେ ସେରୁବନ୍ଧ ସୁରକ୍ଷା ଦ୍ୱାରା ବୁଧବାର ଖଣି ଖନନ ବିରୋଧରେ ଶୋଭାଯାତ୍ରାର ଯୋଜନା ରହିଥିଲା। କିନ୍ତୁ ରାଜ୍ୟପାଳଙ୍କ ଗସ୍ତ ଯୋଗୁଁ ଉକ୍ତ କାର୍ଯ୍ୟକ୍ରମକୁ ଆସନ୍ତା ୧୫ ତାରିଖ ଦିନ କରାଯିବା ସହ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ତହସିଲଦାରଙ୍କ ସାଧରଣ ବିଜ୍ଞାପନ ପତ୍ର ନଂ ୪/୨୫ ରେ ନୂଆଗାଁ ପଞ୍ଚାୟତର ନୂଆଗାଁ ଗ୍ରାମରେ ଇଡ୍‌କୋ ଦ୍ୱାରା ପଲ୍ଲୀସଭା କରିବାକୁ ଯୋଜନା ରହିଛି। ଏହାକୁ ବିରୋଧ କରାଯାଉଛି।

## ବ୍ଲକ୍‌ସ୍ତରୀୟ ଯନ୍ତ୍ରାଂଶ ବଣ୍ଟନ ଓ ପରିମାପକ ଶିବିର

ମାଥିଲି,୯।୯(ସମିସ): ମାଲକାନଗିରି ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ୍ ବିଶ୍ୱାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ ଯନ୍ତ୍ରାଂଶ ବଣ୍ଟନ ଓ ପରିମାପକ ଶିବିର ମାଥିଲି ନୂଆଗୁଡ଼ା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସମଗ୍ର ଶିକ୍ଷା ମାଲକାନଗିରି ଓ ଆଲିମକୋ ଭୁବନେଶ୍ୱର ମିଳିତ ପ୍ରୟାସରେ ଆୟୋଜିତ ଏହି ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ୍ ବିଶ୍ୱାସ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଆଲିମକୋର ପ୍ରତିନିଧି ଅର୍ଥୋପ୍ରୋସ୍ଥେଷ୍ଟିକ୍ସ ବିକ୍ରମ କୁମାର ମହାରଣା ଅର୍ଥଟେକ୍‌ନିକ୍ ମହାବୀର ସିଂହ , ଆକାଶ କୁମାରରାୟ ଅମନ ଦ୍ୱିବେଦୀ ଯୋଗଦେଇ ଆବଶ୍ୟକ ଉପକରଣର ମାପ ନେଇଥିଲେ। ଶିବିରକୁ ବରିଷ୍ଠ ଶିକ୍ଷକ ତଥା ଭାରପ୍ରାପ୍ତ ବିଆରପି ରତ୍ନାକର ପାଳ ପରିଚାଳନା କରିଥିଲେ। ବିଭିନ୍ନ ପ୍ରକାରର ଉପକରଣ ଓ ଯନ୍ତ୍ରାଂଶର ଯତ୍ନ ସମ୍ପର୍କରେ ଅବିଭାବକ ଓ ବିଦ୍ୟାର୍ଥୀ ମାନଙ୍କୁ ଶ୍ରୀ ପାଳ ପରାମର୍ଶ ଦେଇ ଖୁବ୍ ଶୀଘ୍ର ନୂତନ ଯନ୍ତ୍ରାଂଶ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବୀଣା ପାଣି ସେଠୀ, ଶିକ୍ଷୟିତ୍ରୀ , କେ ୱରା ଲକ୍ଷ୍ମୀ, ଲକ୍ଷ୍ମୀପ୍ରିୟା ବେହେରା ସିଆରସିସି ଚିନ୍ତାମଣି ବିଷୋୟୀ, ମନୋଜ କୁମାର ବେହେରା, ବରିଷ୍ଠ ଶିକ୍ଷକ ମଧୁସୂଦନ ନାୟକ, ସହକାରୀ ତୁଷାରକାନ୍ତ ପଣ୍ଡା, ମନୋଜ କୁମାର ପାଳ, ବୈଷ୍ଣମ୍ବ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ୬୦ରୁ ଅଧିକ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସମେତ ସେମାନଙ୍କ ଅବିଭାବକ ଯୋଗ ଦେଇଥିଲେ। ୩୨ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ପ୍ରକାରର ଉପକରଣ ବଣ୍ଟନ କରାଯାଇଥିଲା। ୨୫ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ନୂତନ ଉପକରଣ ପ୍ରଦାନ ପାଇଁ ମାପ ନିଆଯାଇଥିଲା।

## ଚାରା ବିତରଣ ଯାନର ଶୁଭାରମ୍ଭ

ଡାବୁଗାଁ,୯।୯(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିତରଣ ଯାନର ସୋମବାର ଶୁଭାରମ୍ଭ ହୋଇଛି। ଏଥିରେ ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତ୍ରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୀଣା ମାଝୀ, ସମ୍ମାନିତ ଅତିଥି ଡାବୁଗାଁ ସରପଞ୍ଚ ବିନୋଦ ସୌରା, ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ମଇଦଲପୁର ବନପାଳ ମଧୁସୂଦନ ପାତ୍ର, ଜଟାବାଲ ବନପାଳ ବିଷ୍ଣୁ ବିଶୋୟୀ ପ୍ରମୁଖ ମଞ୍ଚାସୀନ ରହି 'ବୃକ୍ଷ ହିଁ ଜୀବନ' ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଡାବୁଗାଁ ବନାଞ୍ଚଳ ଅଧୀନରେ ୧୮ ପ୍ରକାର ଚାରା ଡାବୁଗାଁ ବ୍ଲକ, ପାପଡାହାଣ୍ଡି ବ୍ଲକ ଓ ଝରିଗାଁ ବ୍ଲକର ୨୬ ଗ୍ରାମ୍ୟ ସଂରକ୍ଷିତ ଜଙ୍ଗଲରେ ୧୩୦୦୦ ଚାରାରୋପଣ କାର୍ଯ୍ୟକ୍ରମ ପାଇଁ ଆଜି "ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଚାରା ବିତରଣ ଯାନର ଶୁଭାରମ୍ଭ କରାଯାଇଛି।


## ରେଡମଡ୍ ପଣ୍ଡ ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଧମକ



କୋରାପୁଟ,୯।୯(ସମିସ): ନାଲ୍‌କୋ ରେଡମଡ୍ ପଣ୍ଡ ଯୋଗୁଁ ଲୋକେ ଚର୍ମ ,ଆଖି ଓ ଶ୍ୱାସ ରୋଗରେ ପୀଡ଼ିତ ହୋଇ ଜୀବନ ହରାଉଛନ୍ତି। ଗୃହ ପାଳିତ ପ୍ରାଣୀ ସମ୍ପଦ ମଧ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ କରି ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡେଙ୍ଗାଜାନୀଗୁଡା ଗ୍ରାମବାସୀ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡେଙ୍ଗାଜାନିଗୁଡ଼ାରେ ୧୩୦ ପରିବାର ବସବାସ କରୁଛନ୍ତି। ଗତ ୪ ବର୍ଷ ପୂର୍ବରୁ ଗାଁ ଠାରୁ ମାତ୍ର ୧କିଲୋମିଟର ଦୂରରେ ନାଲକୋ ଦ୍ୱାରା ନୂତନ ରେଡମଡ ପଣ୍ଡ ନିର୍ମାଣ କରାଯାଇଛି। ରେଡମଡ ପଣ୍ଡର ଶୁଖିଲା ଗୁଣ୍ଡ ପବନରେ ଉଡ଼ି ଗ୍ରାମର ପରିବେଶକୁ ଦୂଷିତ କରୁଛି। କେବଳ ଏତିକି ନୁହେଁ, ଏଥିପୂର୍ବରୁ ଗାଁ ଠାରୁ ୪ କିମି ଦୂରରେ ନାଲ୍‌କୋ ରେଡମଡ ପଣ୍ଡ ନିର୍ମାଣ କରିଥିବାରୁ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ପୁଣି ନାଲକୋ ଗ୍ରାମରେ ଦ୍ୱିତୀୟ ରେଡମଡ ପଣ୍ଡ ନିର୍ମାଣ କରିଥିବାରୁ ଆହୁରି ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଡେଙ୍ଗାଜାନୀଗୁଡା ଗ୍ରାମର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଏକ ଦାବିପତ୍ର ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ସ୍ଥାନାନ୍ତର ଲୋକଙ୍କ ପାଇଁ ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଓ ବିଦ୍ୟୁତକରଣର ବ୍ୟବସ୍ଥା କରିବା ସହ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣଙ୍କୁ ନାଲ୍‌କୋ କମ୍ପାନୀରେ ଚାକିରି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ସଂସଦ ଓ ବିଧାନସଭାରେ ଉଠାଇ ନାଲକୋ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀଙ୍କ ସମସ୍ୟା ଦୂର କରିବାକୁ ଦାବି କରିଥିଲେ। କିନ୍ତୁ କୌଣସି ଫଳ ମିଳିନାହିଁ ବୋଲି ଗ୍ରାମର ବଳ ବିଶୋଇ, ବୃନ୍ଦାବନ ବିଶୋଇ, ପୁରୁଷୋତ୍ତମ ଜାନି ପ୍ରତିକ୍ରିୟା ଦେଇଛନ୍ତି। ଦାବି ପୂରଣ ନ ହେଲେ ଗ୍ରାମବାସୀ ରାସ୍ତାରୋକ କରିବା ସହିତ ନାଲକୋ କମ୍ପାନୀର ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସମ୍ପାଦକୀୟ



ଜୀବନରେ ଆନନ୍ଦ ପାଇବାକୁ ହେଲେ ଜନାସକ୍ତ ଓ ବିଷୟାସକ୍ତ ନ ହୋଇ ଏକ ମହତ୍ ଲକ୍ଷ୍ୟ ସହିତ ଚୁକ୍ତି କର।
-ଆଲବର୍ଟ ଆଇନଷ୍ଟାଇନ୍

THE SAKALA

## ନେପାଳରୁ ସନ୍ଦେଶ

ସାମ୍ପ୍ରତି ନେପାଳରେ ଯାହା ଘଟିଛି, ଘଟୁଛି ଓ ଘଟିବାକୁ ଯାଉଛି ତାହାର ପ୍ରଭାବ କେବଳ ସେହି ଦେଶ ଭିତରେ ସୀମିତ ନାହିଁ। ସେଠାରେ ସୃଷ୍ଟ ହିଂସା, ଜୀବନହାନି ପଛରେ କାରଣ ଯାହା ବି ଥାଉ ନା କାହିଁକି, ମନମୁଖି ଶାସନ ବ୍ୟବସ୍ଥା ବିରୋଧରେ ଛାତ୍ରସମାଜ ଭିତରେ ନବଜାଗରଣର ବାତାବରଣ କ୍ରମେ ଯେ ବିଶ୍ୱ ରାଜନୀତିରେ ନୂଆ ସମ୍ଭାବନା ସୃଷ୍ଟି କରୁଛି ତାହା ସ୍ୱୀକାର କରିବାକୁ ହେବ। ଏଥିସହିତ ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ସୃଷ୍ଟ ନୂତନ ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ହିମାଳୟ ପାଦଦେଶରୁ ଏକ ସତର୍କ ଘଣ୍ଟିର ସୂଚନା ମଧ୍ୟ ମିଳିଛି।

ନେପାଳ ଘଟଣାରୁ ଅବଶିଷ୍ଟ ବିଶ୍ୱକୁ ଅନ୍ତତଃ ତିନିଟି ସନ୍ଦେଶ ଯାଇଛି। ପ୍ରଥମତଃ, ଜନତା, ବିଶେଷକରି ଯୁବବର୍ଗଙ୍କ ଉପରେ ମୁଖ୍ୟସ୍ରୋତର ଗଣମାଧ୍ୟମ ତୁଳନାରେ ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ଆଦୃତି ବଢ଼ିବାରେ ଲାଗିଛି। ଏପରିକି ସାମାଜିକ ଗଣମାଧ୍ୟମ ନିର୍ବାଚନ ଫଳାଫଳ ନିର୍ଣ୍ଣୟରେ ବଡ଼ ଭୂମିକା ନିର୍ବାହ କରୁଛି, ଯାହାର ପ୍ରଭାବରୁ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ମଧ୍ୟ ବର୍ତ୍ତିପାରିନାହିଁ। ସରକାରୀ କଳର ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସାମାଜିକ ଗଣମାଧ୍ୟମ ହିଁ ସାମ୍ପ୍ରତିକ କୋଳାଶ୍ରିତ ଗଣମାଧ୍ୟମ ଯୁଗରେ ନିର୍ଭୀକ ସାମ୍ବାଦିକତାର ଭୂମିକା ନିର୍ବାହ କରୁଛି। ତେଣୁ ସ୍ୱାଭାବିକ ଭାବେ ସାମାଜିକ ଗଣମାଧ୍ୟମକୁ ନେପାଳ ସରକାର ନିଷେଧ ଘୋଷଣା କରିବା ପରେ ତାହାର ତତ୍କାଳ ପ୍ରତିକ୍ରିୟା ଛାତ୍ର ଓ ଯୁବ ସମାଜରେ ପ୍ରତିଫଳିତ ହୋଇଛି। ଦ୍ୱିତୀୟତଃ, ସାମ୍ପ୍ରତିକ ଯୁବପିଢ଼ି(ଜେନ୍-ଜେଡ୍)କୁ ସାମାଜିକ ଗଣମାଧ୍ୟମ ନିଜର ମୋହ-ମାୟାଜାଲ୍‌ରେ ଏତେ ଆସକ୍ତ କରି ରଖିଛି ଯେ ତା'ବିନା ଦଣ୍ଡେ ମଧ୍ୟ ତିଷ୍ଠିବା ଅସମ୍ଭବ ହୋଇପଡ଼ିଛି। ସାମାଜିକ ଗଣମାଧ୍ୟମର ସମାଜ ଉପରେ ଏହି ନକାରାତ୍ମକ ପ୍ରଭାବ ଆଦୌ ଶୁଭଙ୍କର ନୁହେଁ।

ତୃତୀୟ ସନ୍ଦେଶଟି ଉଭୟ ଚିନ୍ତାଜନକ ଓ ସକାରାତ୍ମକ। ଯଦି ଶାସନ ବିରୋଧୀ ଆନ୍ଦୋଳନ ଓ ବିଦ୍ରୋହ ପଛରେ ବାହ୍ୟଶକ୍ତିର ହାତ ଥିବା ଧରାନିଆଯାଏ ତେବେ ତାହା ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଏକତା ପ୍ରତି ବଡ଼ ଆହ୍ୱାନ। ଗତବର୍ଷ ବାଂଲାଦେଶ, ଚଳିତ ବର୍ଷ ଇଣ୍ଡୋନେସିଆ ଏବଂ ଏବେ ନେପାଳରେ ଶାସନତନ୍ତ୍ର ବିରୋଧରେ ସୃଷ୍ଟ ବିରୋଧ, ବିକ୍ଷୋଭ ଓ ବିଦ୍ରୋହ ଆଦୌ କାକତାଳିକ ହୋଇ ନ ପାରେ। ବାଂଲାଦେଶରେ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପଛରେ ଆମେରିକା, ଚୀନ୍ ଓ ପାକିସ୍ତାନର ପ୍ରଚ୍ଛନ୍ନ ହାତ ଥିବା ଅଭିଯୋଗ କେତେକାଂଶରେ ପ୍ରମାଣିତ। ତେଣୁ ଇଣ୍ଡୋନେସିଆ ଓ ନେପାଳରେ ସେଭଳି ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। କିନ୍ତୁ ସକାରାତ୍ମକ ଦିଗରୁ ବିଚାର କଲେ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବାଂଲାଦେଶର ଛାତ୍ର ଆନ୍ଦୋଳନ ପଛରେ ଥିଲା ନିରଙ୍କୁଶ କ୍ଷମତାର ମନମୁଖି ଶାସନରେ ଅତିଷ୍ଠ ପୁଞ୍ଜିଭୂତ ଅସନ୍ତୋଷର ବାସ୍ତବ ପ୍ରତିଫଳନ। ଗତ ସପ୍ତାହରେ ଇଣ୍ଡୋନେସିଆରେ ଶାସନତନ୍ତ୍ର ବିରୋଧରେ ସମାନ କାରଣରୁ ଜନପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ସେହିପରି ସମ୍ପ୍ରତି ନେପାଳ ଘଟଣା ପଛର ପୃଷ୍ଠଭୂମି ଯଦି କେବଳ ସାମାଜିକ ଗଣମାଧ୍ୟମର ନିଷେଧାଦେଶରେ ସୀମିତ ଥା'ନ୍ତା ତେବେ ନେପାଳ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ନ ଥା'ନ୍ତେ। ନେପାଳରେ ଜେନ୍‌ଜେଡ୍‌ର ହିଂସାତ୍ମକ ଆନ୍ଦୋଳନ ପଛରେ ସାମାଜିକ ଗଣମାଧ୍ୟମ ନିଷେଧକୁ ବିରୋଧ ଏକ ବାହାନାମାତ୍ର। ଅସଲ କାରଣ ଶାସନତନ୍ତ୍ରର ଦୁର୍ନୀତି, ଭ୍ରଷ୍ଟାଚାର ଓ ସ୍ୱୈରଚାର, ଏହା ଏକ ଅପ୍ରିୟସତ୍ୟ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସକଙ୍କୁ ଗାଦିଚ୍ୟୁତ କରିବା ପାଇଁ ଯଦି ରାଜତନ୍ତ୍ର ବ୍ୟବସ୍ଥା ଭଳି ପ୍ରଜାତନ୍ତ୍ରଙ୍କୁ ବିଦ୍ରୋହର ପଥ ଆପଣେଇବାକୁ ପଡ଼େ, ଗଣତନ୍ତ୍ର ପାଇଁ ଏହାଠାରୁ ବଳି ବିପଦ ଆଉ କ'ଣ ହୋଇପାରେ? ତେଣୁ ଇଣ୍ଡୋନେସିଆ ଓ ନେପାଳ ଘଟଣାକୁ ଆଞ୍ଚଳିକ ସମସ୍ୟା ଭାବେ ଆଦୌ ଅଣଦେଖା କରାଯାଇ ନ ପାରେ। ଗଣତନ୍ତ୍ର ହେଉ କି ରାଜତନ୍ତ୍ର ନିରଙ୍କୁଶ ଓ ନିରବଚ୍ଛିନ୍ନ କ୍ଷମତା ଯେତେବେଳେ ଜନତାନ୍ତ୍ରିକ ଓ ଜନକଲ୍ୟାଣ ବିମୁଖୀ ହୋଇଯାଏ ସେତେବେଳେ ଜନଅସନ୍ତୋଷ ଆଉ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବ ନାହିଁ, ଏହା ସାମ୍ପ୍ରତିକ ଦୃଶ୍ୟପଟ୍ଟର ସବୁଠାରୁ ବଡ଼ ସଙ୍କେତ। ସେଭଳି ଘୁଣଖିଆ ଶାସନର ଅବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାରେ ଆଗାମୀ ଦିନରେ ଛାତ୍ରସମାଜ ସାରଥି ସାଜିବେ ସେହି ଶୁଭସଙ୍କେତ ମଧ୍ୟ ମିଳୁଛି।

## ଆଧାରକୁ ସ୍ୱୀକୃତି

ଭୋଟର ତାଲିକାରେ ନାମ ସାମିଲ୍ ପାଇଁ ପ୍ରମାଣସିଦ୍ଧ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପରିଚୟ ପତ୍ର ଭାବରେ 'ଆଧାର'କୁ ଗ୍ରହଣ କରିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ନିର୍ବାଚନ ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ବିହାରରେ ଆରମ୍ଭ ହୋଇଥିବା ସଘନ ଭୋଟର ତାଲିକା ସଂଶୋଧନରେ ଯେଉଁ ବିବାଦ, ବିତର୍କ ଓ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ତାହାର ଆପାତତଃ ସମାଧାନର ବାଟ ବାହାରିଛି। ଏଥିସହିତ ନିର୍ବାଚନ ଆୟୋଗ 'ଆଧାର'କୁ ଭୋଟର ପରିଚୟ ଭାବେ ବୈଧ ନ କରିବା ପାଇଁ ଯେଉଁ କସରତ କରିଥିଲେ ତାହା ମଧ୍ୟ ନିଷ୍ଫଳ ହୋଇଛି।

ବିହାରରେ ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭରୁ ବିବାଦ ଓ ବିତର୍କ ସୃଷ୍ଟି ହୋଇଥିଲା। ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିପାଇଁ ନିର୍ବାଚନ ଆୟୋଗ ଭୋଟରଙ୍କଠାରୁ ଯେଉଁ ପ୍ରମାଣପତ୍ର ଲୋଡ଼ିଥିଲେ ତାହା ହିଁ ସମସ୍ୟା ସୃଷ୍ଟି କରିଥିଲା। ୧୨କୋଟି ଜନସଂଖ୍ୟା ବିଶିଷ୍ଟ ବିହାର ଭଳି ସବୁକ୍ଷେତ୍ରରେ ଏକ ପଛୁଆ ରାଜ୍ୟରେ ଭୋଟରମାନେ ମାତ୍ର ମାସକ ଭିତରେ ସେହିସବୁ ପ୍ରମାଣପତ୍ର ଯୋଗାଡ଼ କରିବା ଦୁରୁହ ବ୍ୟାପାର ଥିଲା। ସରକାରୀ ବ୍ୟବସ୍ଥାର ସବୁକ୍ଷେତ୍ରରେ 'ଆଧାର' ବାଧ୍ୟତାମୂଳକ ଓ ଅପରିହାର୍ଯ୍ୟ ଥିବାରୁ ସାମ୍ପ୍ରତିକ ଜଟିଳ ପରିସ୍ଥିତିରେ ଭୋଟର ପରିଚୟ ପାଇଁ ତାହାକୁ ସ୍ୱୀକାର କରିଥିଲେ ଆକାଶ ଛିଡ଼ି ପଡ଼ିନଥା'ନ୍ତା। କିନ୍ତୁ ନିର୍ବାଚନ ଆୟୋଗ ତାଙ୍କ ଜିଦ୍‌ରେ ଅଡ଼ି ବସିବାରୁ ଲୋକେ ତ ହଇରାଣ ହେଲେ, ସଂସଦର ମୌସୁମୀ ଅଧିବେଶନ ପ୍ରାୟତଃ ଅଚଳ ହୋଇଗଲା। ସର୍ବୋଚ୍ଚ ନ୍ୟାୟାଳୟର ବହୁମୂଲ୍ୟ ସମୟ ମଧ୍ୟ ନଷ୍ଟ ହେଲା।

'ଆଧାର'କୁ ନାଗରିକ ପ୍ରମାଣପତ୍ର ରୂପେ ଗ୍ରହଣ କରାଯିବ ନାହିଁ, ଅଥଚ ପରିଚୟପତ୍ର ରୂପେ ଗ୍ରହଣ କରିବାରେ ଅସୁବିଧା ନାହିଁ ବୋଲି ନ୍ୟାୟାଳୟଙ୍କ ରାୟ ପରେ ଏହି ସମସ୍ୟାର ଅବସାନ ଘଟିଛି। ଓଡ଼ିଆରେ ଏକ ଲୋକକଥା ଅଛି, ଯାହାର ମର୍ମାର୍ଥ ହେଉଛି - ଯାହା ଅବଧାର୍ଯ୍ୟ ତାହା ହିଁ ଶେଷରେ ହୁଏ, ଅଥଚ ତାହାକୁ ପ୍ରଥମରୁ ଅସ୍ୱୀକାର କଲେ ଅଯଥା ସମାଜର ସମ୍ମାନ ଓ ସମୟ ହାନି ହୁଏ। ନିର୍ବାଚନ ଆୟୋଗଙ୍କ ବିହାର ଭୋଟର ତାଲିକା ସଂଶୋଧନ କସରତରୁ ସେହି ଆପ୍ତବାକ୍ୟଟି ପ୍ରମାଣିତ ହେଉଛି।

# କିପରି ଧନୀ ହେବେ?

ଡ. ଅବଶ ପରିଡ଼ା

କିପରି ଧନୀ ହେବେ? ବାକ୍ୟଟି ଠିକ୍ ଚୁମ୍ବକ ପରି, ଯାହା ଆମକୁ ଆକର୍ଷଣ କରେ। ନଜର ଆପେ ଆପେ ଟାଣି ହୋଇଯାଏ। ଏଥିରେ କିଛି ମନ୍ଦ ବି ନାହିଁ। ପ୍ରାୟ ଅଧିକାଂଶ ଲୋକ ଧନୀ ଏବଂ ଏକ ସମୃଦ୍ଧ ଜୀବନ ବଞ୍ଚିବାକୁ ଇଚ୍ଛା ରଖନ୍ତି। କିଛିଦିନ ତଳେ 'ଧନୀ ହେବାର ଆକାଂକ୍ଷା' ଶୀର୍ଷକ ଏକ ସର୍ବେକ୍ଷଣରେ ପ୍ରକାଶ ପାଇଛି ଯେ ଶତକଡ଼ା ୬୫ ପ୍ରତିଶତଙ୍କ ପାଇଁ ପୂର୍ବାପେକ୍ଷା ଟଙ୍କା ଓ ସମ୍ପତ୍ତି ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ପୃଥିବୀର ସବୁ ଯାଗାରେ ସମାନ ପରିସ୍ଥିତି। ବିଶ୍ୱ ଅର୍ଥନୀତିର ତିନି-ଚତୁର୍ଥାଂଶ ପ୍ରତିନିଧିତ୍ୱ କରୁଥିବା ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ଅତ୍ୟଧିକ ଟଙ୍କା ସଞ୍ଚୟ କରିବା, ଧନୀ ହେବା ପାଇଁ ବାଟ ଖୋଜିବା ସହିତ ଏକ ସମୃଦ୍ଧ ଜୀବନକୁ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିରୁ ଭାରତୀୟମାନେ ମଧ୍ୟ ଭିନ୍ନ ନୁହନ୍ତି। ଆମମାନଙ୍କ କ୍ଷେତ୍ରରେ ଧନୀ ହେବାର, ବିଶେଷକରି କୋଟିପତି ହେବାର ଆଶା ଓ ଆକାଂକ୍ଷା ବଢ଼ୁଛି। କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ କୋଟିପତି ହେବା ପାଇଁ ଭାରତୀୟମାନେ ଅବୈଧ ନୁହେଁ, ବରଂ ନୈତିକ ଓ ଆଇନଗତ ଉପାୟକୁ ପସନ୍ଦ କରୁଛନ୍ତି। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ନିଜର ଅଭ୍ୟାସ ଓ ଜୀବନଶୈଳୀକୁ ମଧ୍ୟ ପରିବର୍ତ୍ତନ କରିବାକୁ ଭାରତୀୟମାନେ ଇଚ୍ଛୁକ।

ଏଠାରେ ଏକ ସାଧାରଣ ପ୍ରଶ୍ନ ଆସିପାରେ ଯେ ଧନୀ ହେବାର ଆକାଂକ୍ଷା ବଢ଼ୁଛି କାହିଁକି? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କେବଳ ଭଲ ଭାବେ ବଞ୍ଚିବା ପାଇଁ ନୁହେଁ, ବରଂ ପରିବର୍ତ୍ତନ ପାଇଁ ଏହି ଆକାଂକ୍ଷାର ସୃଷ୍ଟି। ଆଧୁନିକୀକରଣର ଚାପ, ଅସରନ୍ତି ଆଶା, ଅସମାନ ଆୟ, ଉପଭୋକ୍ତାବାଦର ଅଭ୍ୟାସ ଏବଂ ବ୍ୟକ୍ତିଗତ ସ୍ୱପ୍ନ ଭଳି ଅନେକ କାରଣ ଏଥିପାଇଁ ସହାୟକ। 'ଧନୀ ହେବାର ପ୍ରକ୍ରିୟା' କିଛି ଅଛି କି? ଆପଣଙ୍କ ମନକୁ ଏ ପ୍ରଶ୍ନ ବି ଆସୁଥିବ। ହଁ, ଏହି ପ୍ରକ୍ରିୟାର ଗୋଟେ ଲମ୍ବା ତାଲିକା ଅଛି।

ପ୍ରଥମଟି ହେଉଛି, ସାଂଗଠନିକ ଓ ଗଠନମୂଳକ ପ୍ରକ୍ରିୟା। ଅନେକ ଏହାକୁ ଧନୀ ହେବାର ପ୍ରକୃତ ପଥ ବୋଲି ମତ ରଖନ୍ତି। ଶିକ୍ଷା, ଦକ୍ଷତା-ନିର୍ମାଣ, ଉଦ୍ୟୋଗିତା ସହାୟତା, ସରକାରୀ ଯୋଜନା, ଋଣ, ନିଯୁକ୍ତି, ସମ୍ପତ୍ତି ସୃଷ୍ଟି ଉପକରଣ ଯଥା ସେୟାର ବଜାର, ମ୍ୟୁଚୁଆଲ୍ ଫଣ୍ଡ, ରିଅଲ୍ ଇଷ୍ଟେଟ୍ ଓ ନିବେଶ ଇତ୍ୟାଦି ଏହାର ଉପାଦାନ। ଦ୍ୱିତୀୟଟି ହେଉଛି ଶୋଷଣମୂଳକ କିମ୍ବା ଭ୍ରମାତ୍ମକ ପ୍ରକ୍ରିୟା। ଏଥିରେ ନିଜେ ଧନୀ ହେବାକୁ ହେଲେ ଅନ୍ୟଲୋକଙ୍କୁ ବୋକା କିମ୍ବା ବିଭ୍ରାନ୍ତ କରାଯାଏ। ଠକେଇପୂର୍ଣ୍ଣ ନିବେଶ ମଡେଲ, ଯେପରିକି ଚିଟ୍‌ଫଣ୍ଡ, ମିଛ ବ୍ୟବସାୟ ଟିପ୍ସ, କ୍ରିପ୍ଟୋ ଠକେଇ, ଉଚ୍ଚ-ଦେୟ ଯୁକ୍ତପାଠ୍ୟକ୍ରମ, ଲଟେରୀ ଓ ଜୁଆ ଅର୍ଥନୀତି ଇତ୍ୟାଦି ଏଥିରେ ଅନ୍ତର୍ଭୁକ୍ତ। ଆଚରଣଗତ ପ୍ରକ୍ରିୟା ହେଉଛି ତୃତୀୟ, ଯେଉଁଥିରେ ବ୍ୟକ୍ତିର ଆଶାକୁ ପରିଚାଳନା କରାଯାଏ। ଏହି ପ୍ରକ୍ରିୟା 'ଆକାଂକ୍ଷୀ ମାର୍କେଟିଂ' ଉପରେ ନିର୍ଭରଶୀଳ। ଏହାର ମାନେ ହେଉଛି ବିଳାସପୂର୍ଣ୍ଣ ବିଜ୍ଞାପନ ଏବଂ ଧନୀ ହେବାର ସଫଳ କାହାଣୀକୁ ବିଶ୍ୱାସ କରିବା ପାଇଁ ଏକ ଚାପ ପ୍ରୟୋଗ କରାଯାଏ। ଆଚରଣଗତ ପ୍ରକ୍ରିୟାର ସବୁଠାରୁ ଆଧୁନିକ ଉପାଦାନ ହେଉଛି ଆପ୍‌ସ ଏବଂ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ନିବେଶ। ଏସବୁକୁ ଏକ ଖେଳ ଭାବରେ ଉପସ୍ଥାପନ କରାଯିବା ସହିତ ଏକ ବିପଦପୂର୍ଣ୍ଣ ଅର୍ଥନୈତିକ ଆଚରଣକୁ ପ୍ରୋତ୍ସାହିତ କରାଯାଏ। ଚତୁର୍ଥ ତଥା ଶେଷ ହେଉଛି ସାଂସ୍କୃତିକ ଓ ପ୍ରତୀକାତ୍ମକ ପ୍ରକ୍ରିୟା। ଏଥିରେ ଆକାଂକ୍ଷୀ ବର୍ଣ୍ଣନା ହୁଏ ଏବଂ ପୁସ୍ତକ, ଭିଡିଓ, ଗଣମାଧ୍ୟମ, ଜ୍ୟୋତିଷ ଓ ପାଠ୍ୟକ୍ରମ ଇତ୍ୟାଦି ଏହାର ଉପାଦାନ। ଚୁମ୍ବକରେ କହିବାକୁ ଗଲେ ଧନୀ ହେବାର ପ୍ରକ୍ରିୟାରେ ବୈଧ ଅର୍ଥନୈତିକ ଉପଦେଶଠାରୁ ଆରମ୍ଭ କରି ପ୍ରତୀକାତ୍ମକ ଓ ଶୋଷଣମୂଳକ ରଣନୀତି ପରିସରଭୁକ୍ତ। ଲୋକମାନେ ଏଠି ଦୁଇପ୍ରକାରର ବ୍ୟବହାର କରନ୍ତି। ଯଥା ଧନୀ ହେବାର ସ୍ୱପ୍ନ ଆଡ଼କୁ ଅଗ୍ରସର ହୁଅନ୍ତି କିମ୍ବା କେତେକ ସମୟରେ ଭ୍ରମିତ ମଧ୍ୟ ହୁଅନ୍ତି।

'କିପରି ଧନୀ ହେବେ' କେବଳ ଏକ ବାକ୍ୟ ନୁହେଁ ଏହା ଏକ ଶିଳ୍ପ, ଏକ ବିଶାଳ ଅର୍ଥନୀତି। ଲୋକଙ୍କ ଆକାଂକ୍ଷା ଉପରେ ନିର୍ମିତ ଏକ ମେଟା-ମାର୍କେଟ। ଆମେ ଯେଉଁ ସମାଜରେ ରହୁଛେ, ସେଠାରେ ଉଭୟ ବସ୍ତୁବାଦୀ ଓ ବ୍ୟକ୍ତିଗତ ସଫଳତାକୁ ପ୍ରାଥମିକତା ଦିଆଯାଏ। ସମାଜବିଜ୍ଞାନୀ ମ୍ୟାକ୍ସ ୱେବରଙ୍କ ପ୍ରୋଟେଷ୍ଟାଣ୍ଟ ନୀତି ଏଠି ଖୁବ ପ୍ରାସଙ୍ଗିକ। ୱେବରଙ୍କ ମତରେ ଧନ ହେଉଛି ଶୃଙ୍ଖଳା, ପ୍ରୟାସ ଓ ଭାଗ୍ୟର ଏକ ନୈତିକ ଚିହ୍ନ। ଧନ ଓ ସମ୍ପତ୍ତି ଆମ ନିମନ୍ତେ କେବଳ ବଞ୍ଚିବାର ଏକ ମାଧ୍ୟମ ନୁହେଁ, ବରଂ ସାମାଜିକ ସ୍ଥିତି, ସ୍ୱାଧୀନତା ଏବଂ ଆତ୍ମମୂଲ୍ୟର ପ୍ରତୀକ। କହିବାକୁ ଗଲେ 'ଧନୀ ହେବି' ଏକ ସାଂସ୍କୃତିକ ଆବେଗ। ତେଣୁ ଏହି ଆବେଗକୁ ନେଇ ବେପାର ହେବା ମଧ୍ୟ ସ୍ୱାଭାବିକ। ପୁସ୍ତକ, ଟକ୍ ଶୋ, ପାଠ୍ୟକ୍ରମ ଓ ଜ୍ୟୋତିଷଶାସ୍ତ୍ର ଦ୍ୱାରା ଏକ ବଜାର ସୃଷ୍ଟି ହୁଏ। ପ୍ରତିବଦଳରେ ବଜାର ଦିଏ ଆର୍ଥିକ ସମୃଦ୍ଧିର ପଥ ଓ ସମାଧାନର ପ୍ରତିଶ୍ରୁତି। ଏହା ସତ ଯେ ବ୍ୟକ୍ତିର ଆଶାକୁ ବ୍ୟବସାୟରେ ପରିବର୍ତ୍ତନ କରୁଛନ୍ତି କିଛି ପୁସ୍ତକ ପ୍ରକାଶକ, ପ୍ରେରଣାଦାୟକ ବକ୍ତା ଓ ଗଣମାଧ୍ୟମ। ଏକ ସ୍ୱୟଂ-ସହାୟକ ପୁସ୍ତକ କିମ୍ବା ଏକ ୟୁଟ୍ୟୁବ୍ ସେମିନାରରେ କେବଳ ଶବ୍ଦ ବା ଭାଷଣ ବିକ୍ରି ହୁଏ ନାହିଁ। ବରଂ ପରିବର୍ତ୍ତନର ସମ୍ଭାବନାକୁ ବିକ୍ରୟ କରାଯାଉଛି। ପିଏରେ ବୋର୍ଡିୟୁଙ୍କ 'ସାଂସ୍କୃତିକ ପୁଞ୍ଜି' ବା କଲଚରାଲ୍ କ୍ୟାପିଟାଲ୍‌ର ଧାରଣା ଏଠାରେ ପ୍ରଯୁଜ୍ୟ।

ଯେତେବେଳେ 'ସଫଳତା'ର ଭାଷା ଏକ ପ୍ରତୀକାତ୍ମକ ପୁଞ୍ଜି ହୋଇଯାଏ ସେତେବେଳେ ଗ୍ରାହକମାନେ ଏହାକୁ ଅର୍ଥନୈତିକ ପୁଞ୍ଜିରେ ରୂପାନ୍ତରିତ କରିବା ଆଶାରେ କିଣନ୍ତି। ଉଦାହରଣ ସ୍ୱରୂପ, 'ରିଚ୍ ଡ୍ୟାଡ୍ ପୋର ଡ୍ୟାଡ୍' କିମ୍ବା 'ଥିଙ୍କ୍ ଆଣ୍ଡ ଗ୍ରୋ ରିଚ୍' ଭଳି ପୁସ୍ତକ ସାରା ବିଶ୍ୱରେ କୋଟିକୋଟି ସଂଖ୍ୟାରେ ବିକ୍ରି ହୋଇସାରିଛି। ପ୍ରତିଦିନ ଏହାର ବହୁଭାଷୀ ନକଲ ମଧ୍ୟ ବଜାରକୁ ଆସୁଛି। ଏକ ଆକଳନ ଅନୁଯାୟୀ, ୨୦୨୪ ମସିହାରେ ବିଶ୍ୱ ସ୍ୱୟଂ ସହାୟକ ଶିଳ୍ପର ମୂଲ୍ୟ ପ୍ରାୟ ଚାରିଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା, ଯେଉଁଥିରେ ବ୍ୟକ୍ତିତ୍ୱ ବିକାଶ, ସଫଳତା, ସ୍ୱୟଂ-ସହାୟକ ପୁସ୍ତକ, ପ୍ରଶିକ୍ଷଣ, ପାଠ୍ୟକ୍ରମ ଏବଂ ପ୍ରେରଣାଦାୟକ ଭାଷଣ ଅନ୍ତର୍ଭୁକ୍ତ। ଆଗାମୀ ପାଞ୍ଚ ବର୍ଷରେ ଏହି ଅର୍ଥନୀତି ୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ।

ଏଠାରେ ଦୁଇଟି କଥା ଆଲୋଚନା କରିବା। ଉଭୟ ଆର୍ଲି ହଚସଚିଲ୍ଡଙ୍କ ଭାବପ୍ରବଣ ଶ୍ରମ(ଇମୋସନାଲ୍ ଲେବର) ଏବଂ ଇଭା ଇଲୁଜଙ୍କ ଭାବପ୍ରବଣ ପୁଞ୍ଜିବାଦ(ଇମୋସନାଲ୍ କ୍ୟାପିଟାଲିଜିମ୍) ବ୍ୟାଖ୍ୟା କରେ ଯେ ଧନୀ ହେବାର ବିଷୟବସ୍ତୁ ଆଶା, ଆତ୍ମବିଶ୍ୱାସ ଏବଂ ସମ୍ପର୍କ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି। ତେଣୁ ଏହାକୁ ପାଥେୟ କରି ଇଭେଣ୍ଟ ଏବଂ ଟକ୍ ଶୋ' ଆମ ସାମୂହିକ ଭାବନାକୁ ପରିଚାଳନା କରୁଛନ୍ତି। ଉଦାହରଣ ସ୍ୱରୂପ, ଦର୍ଶକଙ୍କ କରତାଳି, ସାକ୍ଷ୍ୟ, 'ପୂର୍ବ-ପର' କାହାଣୀ ଓ ପରାମର୍ଶର ପ୍ରଭାବ ହେଉଛି ପୁନରାବୃତ୍ତି-କ୍ରୟ କରିବାର ଏକ ଫାଶ। ଏଠି ଜାଣି ରଖନ୍ତୁ ଯେ ଧନ ରୋଜଗାର ଓ ଯୋଜନା ପାଇଁ ହେଉଥିବା ପ୍ରେରଣାଦାୟକ ଭାଷଣର ବଜାର ଅତ୍ୟନ୍ତ ଲାଭଦାୟକ, କୋଡ଼ିଏ ହଜାର କୋଟି ଟଙ୍କାର ବେପାର।

ପୃଥିବୀର ଅଧାରୁ ଅଧିକ ଯୁବବର୍ଗଙ୍କ ଚିନ୍ତା ହେଉଛି ବେକାରୀ ସମସ୍ୟା ଓ ଅନିଶ୍ଚିତ ଚାକିରି। ତେଣୁ ଯେତେବେଳେ ସାଂରଚନିକ ବ୍ୟବସ୍ଥା ଏହି ସମସ୍ୟାର ସମାଧାନ ଯୋଗେଇପାରୁନାହିଁ ସେତେବେଳେ ଏହାର ସମାଧାନ ପାଇଁ ବ୍ୟକ୍ତିଗତକୃତ 'ମହାଜାଗତିକ ସମାଧାନ' ଆଡ଼କୁ ଯୁବବର୍ଗ ମୁହାଁଉଛନ୍ତି। ଏହାର ଅର୍ଥ ହେଉଛି, ଜ୍ୟୋତିଷଶାସ୍ତ୍ର, ସଂଖ୍ୟା ବିଜ୍ଞାନ, 'ଭାଗ୍ୟ-ଆଧାରିତ' ଧନ ପରାମର୍ଶ। ସାମାଜିକ ବ୍ୟବସ୍ଥା ଯେବେ ସ୍ଥିରତା ପ୍ରଦାନ କରିବାରେ ବିଫଳ ହୁଏ, ସେସମୟରେ ଲୋକମାନେ ଅର୍ଥ ପାଇଁ କୌଣସି ଏକ ପ୍ରତୀକାତ୍ମକ ପ୍ରଣାଳୀ ଉପରେ ଆସ୍ଥା ରଖନ୍ତି। ସମ୍ଭବତଃ, ସେଇଥିପାଇଁ ସାମଗ୍ରିକ ଜ୍ୟୋତିଷ ବଜାର ଯେମିତିକି ପାଠ, ଆପ୍ସ, ରହସ୍ୟମୟ ସେବା ଇତ୍ୟାଦିର ବଜାର ମୂଲ୍ୟ ପ୍ରାୟ ୯୫ ହଜାର କୋଟି ଟଙ୍କା ବୋଲି ଆକଳନ କରାଯାଇଛି।

ବିଶ୍ୱରେ ଏମିତି ଗୋଟିଏ ମାତ୍ର ବ୍ୟବସାୟ ଯାହା କେବେ ଭାଙ୍ଗିବ ନାହିଁ ତାହା ହେଉଛି ଲୋକଙ୍କୁ ଶିଖାଇବା ଯେ ସେମାନେ କିପରି ଭାଙ୍ଗି ନ ପଡ଼ିବେ। ଏହା ମଜାକଥା ନୁହେଁ। ଉଦାହରଣ ହେଉଛି ଯେ ସର୍ବାଧିକ ବିକ୍ରି ହେଉଥିବା ପୁସ୍ତକର ଲେଖକଙ୍କଠାରୁ ଆରମ୍ଭ କରି ୟୁଟ୍ୟୁବ୍ ଗୁରୁ ପର୍ଯ୍ୟନ୍ତ, ସମସ୍ତେ ଧନୀ ହେବାର ରହସ୍ୟ ଜାଣନ୍ତି। କିନ୍ତୁ ସେ ବହି କିଣୁଥିବା ଲୋକ କିମ୍ବା ଭିଡିଓକୁ ରାତି ଅନିଦ୍ରା ହୋଇ ଦେଖୁଥିବା ଲୋକ ଧନୀ ହେବାର ଫର୍ମୁଲା କେବେବି ଜାଣିପାରେନାହିଁ। ଏଇ ଯେମିତି ଜ୍ୟୋତିଷ ଆପ୍‌ସ। ପ୍ରତିଶ୍ରୁତି, ମିଳେ ଯେ ଶୁକ୍ର ଆସନ୍ତା ଚନ୍ଦ୍ର ଗ୍ରହଣ ପରେ ଆପଣଙ୍କୁ କୋଟିପତି କରିବ। ପରବର୍ତ୍ତୀ ସୂଚନା ଆସେ କି ଅଧିକ ପ୍ରିମିୟମ୍ ଭବିଷ୍ୟବାଣୀ ପ୍ୟାକ୍ ପାଇଁ ୯୯୯ ଟଙ୍କା ପୈଠ କରନ୍ତୁ। ତେଣୁ ଏଠାରେ ପରାମର୍ଶ ରହିବ ଯେ ଯଦି ଆପଣ ପ୍ରକୃତରେ ଧନୀ ହେବାକୁ ଚାହାନ୍ତି, ତେବେ କେବଳ ସୂତ୍ର ଅନୁସରଣ କରନ୍ତୁ ନାହିଁ। ଏହାକୁ ଲେଖନ୍ତୁ, ପ୍ରକାଶ କରନ୍ତୁ, ପ୍ରୟୋଗ କରନ୍ତୁ ଏବଂ ନିଜ ପ୍ରତିଭା ଓ ଦକ୍ଷତାକୁ ବିକ୍ରୟ କରନ୍ତୁ। କାରଣ ଏହି ସ୍ୱପ୍ନର ବଜାରରେ ବିକ୍ରେତାମାନେ ସର୍ବଦା କ୍ରେତାଙ୍କ ଅପେକ୍ଷା ଅଧିକ ଧନୀ ହୁଅନ୍ତି।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ରୋଷେଇ ଘରର ସ୍ୱାସ୍ଥ୍ୟ ଚିନ୍ତା

ବିଚିତ୍ର ବିଶ୍ୱାଳ

'ଏଇଟି ଆମର ରୋଷେଇ ଘର, ଏ ଘର ଭିତର ସଫାସୁତର / ଏଇଠାରେ ମା' ପରିବା କାଟେ, ବେସର ବାଟେ, ଜାଇ ରଗଡ଼େ, ଶାଗ ଖରଡ଼େ / ଗଢ଼ଇ ପିଠା, ଆରିସା କାକରା ଆହା କି ମିଠା।' ରୋଷେଇ ଘର ବିଷୟରେ ଶୈଶବରେ ପଢ଼ିଥିବା ଏହି ଗୀତଟି ଏବେ ବି ଅନେକଙ୍କ ସ୍ମୃତିରେ ତାଜା ହୋଇ ଥିବ ନିଶ୍ଚୟ। ଇଞ୍ଜିନ୍ ଯେମିତି ଗାଡ଼ିଟିକୁ ଟାଣିଥାଏ, ସେମିତି ରୋଷେଇ ଘର ହିଁ ଘରର ଇଞ୍ଜିନ୍ ଭାବେ କାମ କରିଥାଏ। ଆମ ସଂସ୍କୃତିରେ ରୋଷେଇ ଘରକୁ ଏକ ପବିତ୍ର ସ୍ଥାନ ଭାବେ ବିବେଚନା କରାଯାଏ। ଅପରିଷ୍କାର ହାତ ଓ ଗୋଡ଼ ନେଇ ରୋଷଇ ଘରକୁ ଯିବା ମନା। ଯଦିଓ ଏହାର ବୈଜ୍ଞାନିକ କାରଣ ବି ରହିଛି, କିନ୍ତୁ ଏହାକୁ ସଂସ୍କୃତି ସହିତ ଯୋଡ଼ି ଦିଆଯାଇ ଚଳଣିର ଏକ ଅଭିନ୍ନ ଅଂଶରେ ପରିଣତ କରିଦିଆଯାଇଛି।

ଆଦିବାସୀ ସମାଜରେ ମଧ୍ୟ ରୋଷେଇ ଘରର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଚକୋଟିଆ- ଭୁଞ୍ଜିଆ ଆଦିବାସୀ ସଂପ୍ରଦାୟର ରୋଷେଇ ଘରକୁ 'ଲାଲ୍ ବଙ୍ଗଳା' କୁହାଯାଏ। ନିଜ ପରିବାର ଲୋକଙ୍କ ବ୍ୟତୀତ ବାହାର ଲୋକ ତାଙ୍କ ରୋଷେଇ ଘରକୁ ଛୁଇଁବା ମନା। ସେମାନଙ୍କ ବିଶ୍ୱାସ ଅନୁସାରେ 'ଲାଲ୍ ବଙ୍ଗଳା'ରେ ସେମାନଙ୍କ ଦେବାଦେବୀ ଅବସ୍ଥାନ କରିଥା'ନ୍ତି। ଆମ ଓଡ଼ିଆ ପରମ୍ପରା ଓ ବିଶ୍ୱାସ ଅନୁସାରେ ରୋଷେଇ ଘରେ ବା ଭିତର ଘରେ 'ଦେଇପିଣ୍ଡି' ଅବସ୍ଥାନ କରିଥା'ନ୍ତି, ଯାହାଙ୍କୁ ପୂଜା କରାଯାଏ। ଆମ ଦେଶରେ ରୋଷେଇ ଘରର ପବିତ୍ରତା ବିଷୟ ବଖାଣିଲେ ଅନେକ ହେବ। ଏତଦ୍‌ବ୍ୟତୀତ ଛୋଟରୁ ବଡ଼ ଯାଏଁ ସମସ୍ତଙ୍କ ମନ ଥାଏ ରୋଷେଇ ଘରେ। ଆଜି କ'ଣ ରୋଷେଇ ହେଉଛି ଓ କ'ଣ ଖାଇବାକୁ ମିଳିବ! ଏହି ଦୃଷ୍ଟିରୁ ରୋଷେଇ ଘରର ଗୁରୁତ୍ୱ ଯଥେଷ୍ଟ ଅଧିକ।

ଆଜିକାଲି ରୋଷେଇ ଘରର ପରିଚୟ ଦ୍ରୁତଗତିରେ ବଦଳିବାରେ ଲାଗିଛି। ଆଜିକାଲି ଆମେ ଶରୀରରେ ବହନ କରୁଥିବା ପ୍ରାୟ ସମସ୍ତ ରୋଗର କାରଣ ଖାଦ୍ୟ ବୋଲି ଡାକ୍ତରମାନେ ମତ ଦେଉଛନ୍ତି। ସେହି ଖାଦ୍ୟ ପ୍ରସ୍ତୁତ ହେଉଛି ଆମ ରୋଷେଇ ଘରେ। ଆଜିକାଲି ଆମେ ବ୍ୟବହାର କରୁଥିବା ଖାଦ୍ୟ ସାମଗ୍ରୀ ସବୁ, ତାହା ପ୍ୟାକେଟ୍ ଖାଦ୍ୟ ସାମଗ୍ରୀ ହେଉ କି ପନିପରିବା ହେଉ, ସବୁଥିରେ ପ୍ରଚୁର ପରିମାଣର କୀଟନାଶକର ଅବଶିଷ୍ଟାଂଶର ଉପସ୍ଥିତି ରହୁଛି, ଯାହା ମଣିଷର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମ ରୋଷେଇ ଘରକୁ ଏହି ସବୁ ପନିପରିବା ଓ ଫଳ ଖାଦ୍ୟ ଭାବେ ତ ଆସୁଛି, କିନ୍ତୁ ଅସଲରେ ଏହା ବିଷ ଭାବେ ଆମର ଓ ଆମ ପିଲାମାନଙ୍କର ପେଟକୁ ଯାଉଛି।

ଆମ ଦେଶରେ ଏହିପରି ବିଷାକ୍ତ କୀଟନାଶକର ବ୍ୟବହାର ୧୯୭୦ ମସିହା ସବୁଜ ବିପ୍ଳବ ପରଠାରୁ ବହୁଳ ଭାବେ ବୃଦ୍ଧି ପାଇଛି। ୧୯୯୯-୨୦୦୦ରେ ଆମ ଦେଶରେ କୃଷିକ୍ଷେତ୍ରରେ ୪୬.୨୦ ହଜାର ଟନ୍ କୀଟନାଶକର ବ୍ୟବହାର ହେଉଥିବା ବେଳେ ୨୦୨୨-୨୩ରେ ଏହା ୫୨୪୬୬.୪୫ ଟନରେ ପହଞ୍ଚିଛି। ୨୦୨୪ରେ ଆମ ଦେଶରେ କୀଟନାଶକ ବଜାରର ପରିମାଣ ହେଉଛି ୨୬ ହଜାର କୋଟି ଟଙ୍କା। ଆମ ରୋଷେଇ ଘରକୁ ବଜାରରୁ ଆସୁଥିବା ସମସ୍ତ ପନିପରିବାରେ ଯଥେଷ୍ଟ ପରିମାଣର ବିଷ ଭରିରହିଛି। ଯାହାକୁ ଆମେ ପ୍ରତ୍ୟେକ ଦିନ ଖାଦ୍ୟ ଭାବେ ଖାଉଛନ୍ତି। ଏହିସବୁ ବିଷର ପ୍ରଭାବ ଯୋଗୁଁ ସଂପ୍ରତି କ୍ୟାନ୍ସର, ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ ଓ ସ୍ନାୟବିକ ରୋଗର ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲୁଛି।

ଫସଲରେ ବ୍ୟବହାର ହେଉଥିବା କୀଟନାଶକର ସର୍ବାଧିକ ପ୍ରଭାବ ଶିଶୁ ଓ ଗର୍ଭବତୀଙ୍କ ଉପରେ ପଡ଼ିଥାଏ। ତେଣୁ ଏହି ସବୁ ବିଷ କେବଳ ଯେ ବର୍ତ୍ତମାନ ପିଢ଼ିକୁ ରୋଗଗ୍ରସ୍ତ କରୁଛି ତାହା ନୁହେଁ, ଭବିଷ୍ୟତ ପିଢ଼ିକୁ ମଧ୍ୟ ରୋଗୀଣା କରୁଛି। ଏହାସହିତ ଆଜିକାଲି ବଜାର ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଥିବା ଆମ ରୋଷେଇ ଶୈଳୀ ବି ଆମ ଶରୀରରେ ରୋଗ ସୃଷ୍ଟି କରିବାର ଅନ୍ୟ ଏକ କାରଣ ସାଜିଛି। ପୂର୍ବ ଲୋକମାନେ ଯେଉଁଭଳି ଭାବେ ରୋଷେଇ କରୁଥିଲେ, ସଂପ୍ରତି ସେଥିରେ ବହୁତ ପରିବର୍ତ୍ତନ ଆସିଛି। ଆଜିକାଲି ରୋଷେଇରେ ତେଲ, ଚିକ୍କଣ ମଇଦା, ପଲିସ୍ ଚାଉଳ ଆଦିର ପରିମାଣ ବହୁତ ବଢ଼ିଛି, ଯାହା ଆମ ଶରୀରରେ କୋଲେଷ୍ଟ୍ରଲ ଓ ଶର୍କରା ବଢ଼ିବାର ଅନ୍ୟତମ କାରଣ। ସଂପ୍ରତି ଏମିତି ପରିବାର ନ ଥିବ, ଯେଉଁଠି ଲୋକଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା କୋଲେଷ୍ଟ୍ରଲ ହୋଇନଥିବ। ଏହିସବୁ ରୋଗର ମୂଳ କାରଣ ହେଉଛି ଆମେ ଖାଉଥିବା ଖାଦ୍ୟ।

ସମୟ ଥିଲା, ଜନସଂଖ୍ୟାର ଅଧିକ ଭାଗ ଲୋକ ଭୂତାଣୁ ଜନିତ ରୋଗର ଶିକାର ହେଉଥିଲେ। ଆଜି ଜନସଂଖ୍ୟାର ଅଧାରୁ ଅଧିକ ଭାଗ ଲୋକ ଜୀବନଶୈଳୀ ଜନିତ ରୋଗରେ ଆକ୍ରାନ୍ତ। ଏହି ରୋଗ ମୁଖ୍ୟତଃ ଅନୁପଯୋଗୀ ବିଷାକ୍ତ ଖାଦ୍ୟ ଖାଇବା ଯୋଗୁଁ ହିଁ ହେଉଛି, ଯାହା ରୋଷେଇ ଘର ବାଟ ଦେଇ ଆମ ଶରୀରକୁ ଆସୁଛି। ତେଣୁ ସଂପ୍ରତି ସ୍ୱାସ୍ଥ୍ୟକର ଜୀବନ ବଞ୍ଚିବା ପାଇଁ ପ୍ରଥମେ ଆମ ରୋଷେଇ ଘରକୁ ବିଷାକ୍ତ ଖାଦ୍ୟ ଆଣିବା ବନ୍ଦ କରିବାକୁ ହେବ। ରୋଷେଇ ଘର ବିଷମୁକ୍ତ ରହିଲେ ଆମ ଶରୀର ବି ରୋଗମୁକ୍ତ ରହିବ। ଏଥିପାଇଁ ଆମ ଚାଷବାସ ବ୍ୟବସ୍ଥାକୁ ଜୈବିକ କରିବା ସହିତ ପ୍ରକ୍ରିୟାକୃତ ପ୍ୟାକେଟ୍ ଖାଦ୍ୟକୁ ଆମ ରୋଷେଇଘରୁ ବାହାର କରିବାକୁ ହେବ।

ତିରଣ(ଜଗତସିଂହପୁର), ମୋ: ୯୪୩୮୪୬୮୪୭୪

# ରାଘବ ଦାସ ମଠ ଓ ଅନବସର ନୀତି

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ମହାରାଜା ଚୋଳଗଙ୍ଗ ଦେବ ଉତ୍କଳର ସିଂହାସନ ଆରୋହଣ କଲା ପରେ ତାଙ୍କର ହୃଦ୍‌ବୋଧ ହେଲା ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ଉତ୍କଳୀୟମାନଙ୍କର ପ୍ରାଣର ପ୍ରାଣ। ହିନ୍ଦୁ, ବୌଦ୍ଧ ଓ ଆଦିବାସୀ ନିର୍ବିଶେଷରେ ସମସ୍ତ ପ୍ରଜା ତାଙ୍କୁ ନିଜର ଇଷ୍ଟ ରୂପେ ଆରାଧନା କରୁଥିଲେ। ଶାସକ ଓ ଶାସିତଙ୍କ ଧର୍ମ ଭିତରେ ସମନ୍ୱୟ ଏକ ଜରୁରୀ ପ୍ରଶାସନିକ ଆବଶ୍ୟକତା ବୋଲି ରାଜାଙ୍କୁ ଜଣା ଥିଲା। ତେଣୁ ସେ ବିଷ୍ଣୁ ଜଗନ୍ନାଥଙ୍କୁ ନିଜର ଇଷ୍ଟରୂପେ ଗ୍ରହଣ କଲେ। ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଯାତ୍ରା କଲେ। ମନ୍ଦିର ଭିତରକୁ ତାଙ୍କର ପ୍ରଥମ ପ୍ରବେଶରେ ସେ ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ ୩୮ ହାତ ମାପର ମନ୍ଦିରର ଭଗ୍ନାବସ୍ଥା ଦେଖି ମର୍ମାହତ ହେଲେ। ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟ ଅନୁରୂପ ଏକ ମନ୍ଦିର ନିର୍ମାଣ କରିବା ପାଇଁ ସଂକଳ୍ପ ନେଲେ।

ମନ୍ଦିର ନିର୍ମାଣର ଦାୟିତ୍ୱ ରାଜା ସେ ସମୟର ବିଖ୍ୟାତ ଶିଳ୍ପାଚାର୍ଯ୍ୟ ହଳଧର ବ୍ରହ୍ମାଙ୍କ ହାତରେ ନ୍ୟସ୍ତ କଲେ। ଓଡ଼ିଶାର ଅଭ୍ୟନ୍ତର ପ୍ରଦେଶରୁ ପଥରସବୁ ଚାପ-ଡଙ୍ଗାରେ ଲଦା ହୋଇ ମହାନଦୀ ଓ ତା'ର ଶାଖା ନଦୀ ଦେଇ ଶ୍ରୀକ୍ଷେତ୍ର ଆସିବା ପରେ ସ୍ୱତନ୍ତ୍ର ଶଗଡ଼ରେ ଲଦା ହୋଇ ନୀଳାଚଳ ପର୍ବତର ପାଦ ଦେଶରେ ପହଞ୍ଚିଲା। ଯୋଜନା ହେଲା ଯେ ପର୍ବତର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ଚାର(କାଠ ଓ ଶକ୍ତ କାଠ ପଟାର ଗଡ଼ା) ବନ୍ଧା ଯିବ। କିନ୍ତୁ ମହାରଣାମାନେ ଯେତେ ଚେଷ୍ଟା କଲେ ମଧ୍ୟ ଚାର ଗଡ଼ାଯାଇ ପାରିଲା ନାହିଁ।

ଚାର ଗଣେଶଙ୍କ ମନ୍ଦିର ନିକଟରେ ଗୋପୀନାଥ ମନ୍ଦିର ଥିଲା। ମହାପ୍ରଭୁଙ୍କର ପରମ ଭକ୍ତ ପରମ ବୈଷ୍ଣବ ଗୁରୁ ରାଘବ ଦାସ ନିକଟସ୍ଥ ଏକ ଆଶ୍ରମରେ ଅବସ୍ଥାନ କରି ଗୋପୀନାଥଙ୍କୁ ଆରାଧନା କରୁଥିଲେ। କ୍ଷେତ୍ରବାସୀ ତାଙ୍କୁ ଗୁରୁ ମାନ୍ୟ କରୁଥିଲେ ଏବଂ ଯେକୌଣସି ସମସ୍ୟାର ସମାଧାନ ପାଇଁ ପରାମର୍ଶ ଲୋଡୁଥିଲେ। ଚାର ବାନ୍ଧିବାରେ ବାରମ୍ବାର ଅସଫଳ ହୋଇ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ରାଘବ ଦାସଙ୍କ ପାଖକୁ ଯାଇ ପରାମର୍ଶ ଲୋଡ଼ିଲେ। ରାଘବ ଦାସ କିଛିସମୟ ଧ୍ୟାନସ୍ଥ ହେଲେ ଏବଂ ମହାପ୍ରଭୁ ସହୁଥିବା ଯନ୍ତ୍ରଣା କଥା ଦେଖି ଶିଶୁପରି କାନ୍ଦିବାକୁ ଲାଗିଲେ। କିଛି ସମୟପରେ ସେ ପ୍ରକୃତିସ୍ଥ ହେଲେ ଏବଂ କହିଲେ, 'ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅନବସର ଘରେ ଚିକିତ୍ସିତ ହେଉଛନ୍ତି। ତୁମର ଚାର ନିର୍ମାଣ ସମୟର କଠୋର ଶବ୍ଦ ଓ ଶ୍ରମିକମାନଙ୍କର ଚିତ୍କାର ମହାପ୍ରଭୁଙ୍କ ରୋଗଯନ୍ତ୍ରଣାକୁ ବହୁଗୁଣିତ କରୁଛି। ତେଣୁ ପ୍ରତିଦିନ ଚନ୍ଦନ ଘୋରି ନେଇ ଅନବସର ଘରେ ଦେବା ପରେ ସ୍ୱର୍ଗବୈଦ୍ୟ ଧନ୍ୱନ୍ତରୀ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରୁଛନ୍ତି। ମହାପ୍ରଭୁଙ୍କ ଅନବସର ଶେଷ ପର୍ଯ୍ୟନ୍ତ ତୁମର ଚାର ବନ୍ଧା କାମ ସ୍ଥଗିତ ରଖିବା ପାଇଁ ମୁଁ ପରାମର୍ଶ ଦେବି।'

ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଜ୍ୱରାକ୍ରାନ୍ତ ହେଉଥିବା କଥା ଶିଳ୍ପାଚାର୍ଯ୍ୟ ସହଜରେ ଗ୍ରହଣ କରିପାରିଲେ ନାହିଁ। ଏହି ସମୟରେ ରାଜଗୁରୁ ଶୈବ ବାସୁଦେବ ରଥ ସେଠାରେ ପହଞ୍ଚିଲେ। ସେ ମଧ୍ୟ ରାଘବ ଦାସଙ୍କ କଥାରେ ବିଶ୍ୱାସ କରିପାରିଲେ ନାହିଁ। ତେଣୁ ପ୍ରମାଣ ଦେବା ପାଇଁ ରାଘବ ଦାସ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ଓ ରାଜଗୁରୁ ବାସୁଦେବଙ୍କୁ ନେଇ ମେରଦା ନୃସିଂହଙ୍କ ପାଖରେ ଥିବା ସେତେବେଳର ଅନବସର ଘର ପାଖରେ ପହଞ୍ଚିଲେ। ଧନ୍ୱନ୍ତରୀ ମହାପ୍ରଭୁଙ୍କ ଚିକିତ୍ସା ପରେ ମୁକ୍ତେଶ୍ୱର ମନ୍ଦିର ପଟୁ ବାହାରି ଆସିଲେ। ସେ ଶିଳ୍ପାଚାର୍ଯ୍ୟ ଓ ରାଜଗୁରୁଙ୍କ ସନ୍ଦେହ ଦୂର କରିବା ପାଇଁ କହିଲେ, 'ଆପଣମାନେ ପରମଭକ୍ତ ରାଘବ ଦାସଙ୍କୁ ପରୀକ୍ଷା କରିବା ପାଇଁ ଆସି ମହାପ୍ରଭୁଙ୍କୁ ପରୀକ୍ଷା କରିବାର ଅପରାଧ କରିଛନ୍ତି। ଚାର ଗଢ଼ାହେବା ଦିନଠାରୁ ନିର୍ମାଣର ଶବ୍ଦ ଯୋଗୁଁ ମହାପ୍ରଭୁଙ୍କର ରୋଗଯନ୍ତ୍ରଣା ବହୁଗୁଣିତ ହୋଇଯାଇଛି। ରାଘବ ଦାସଙ୍କ ପ୍ରଦତ୍ତ ଚନ୍ଦନ କିଛି ପରିମାଣରେ ଠାକୁରଙ୍କ ଯନ୍ତ୍ରଣା ଉପଶମ କରିବାରେ ସହାୟକ ହୋଇଛି। ଅନବସର ସମୟରେ କୌଣସି ଶବ୍ଦ ଶାସ୍ତ୍ରର ବିରୁଦ୍ଧାଚରଣ କରେ।' ଏତିକି କହି ସ୍ୱର୍ଗବୈଦ୍ୟ ଅନ୍ତର୍ଦ୍ଧାନ ହୋଇଗଲେ। ବ୍ରହ୍ମା ଓ ରଥ ରାଘବ ଦାସଙ୍କୁ କ୍ଷମା ପ୍ରାର୍ଥନା କଲେ। ଚାର ଗଢ଼ିବା କାମ ଅନବସରର ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରହିଲା।

ରାଜାଙ୍କ ଅନୁରୋଧରେ ରାଘବ ଦାସ ଅନବସର ବେଳେ ପାଳନ କରାଯିବାକୁ ଥିବା ନିୟମ ପ୍ରଣୟନ କଲେ। ଅନବସର ଘରେ ବାର୍ତ୍ତାଳାପ, ବାଦ୍ୟ, ଘଣ୍ଟ, ଘଣ୍ଟା, ନୃତ୍ୟ, ସଙ୍ଗୀତ, ମନ୍ତ୍ର ଉଚ୍ଚାରଣ ଆଦି ହେବ ନାହିଁ। ରଙ୍ଗୀନ ଫୁଲ ଲାଗି କରାଯିବ ନାହିଁ କି ପୁରାଣଶାସ୍ତ୍ର ପଢ଼ାଯିବ ନାହିଁ। ଗନ୍ଧ ଦ୍ରବ୍ୟ ଓ ରନ୍ଧା ଦ୍ରବ୍ୟ ସମର୍ପଣ ହେବ ନାହିଁ। ରାଘବ ଦାସ ରହୁଥିବା ଆଶ୍ରମର ନାମ ପରବର୍ତ୍ତୀ କାଳରେ ରାଘବ ଦାସ ମଠ ନାମରେ ଖ୍ୟାତି ଲାଭ କଲା। ଏହି ମଠ ଆଜିପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି।

ମୋ: ୯୯୦୦୦୮୩୪୩୩


THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୨୫ ● ପାଉଣ୍ଡ ୧୧୯.୦୮
- ୟୁରୋ ୧୦୩.୬୪ ● ୟେନ୍ ୦.୬୦


## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୦୧,୧୦୦ (ନୂଆଦିଲ୍ଲୀ)
- ରୁପା : ୧,୪୦,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୧୦୧.୦୦
- ନିଫ୍ଟି ୨୪,୮୬୮.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଜିଏସ୍‌ଟି ହାର ହ୍ରାସ ପରେ | ଅଟୋ ବିକ୍ରେତାଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ**

# ସବୁ ସୋ' ରୁମ୍‌ରେ ଲାଗିବ ମୋଦିଙ୍କ ଫଟୋ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି)

ନିକଟରେ କେନ୍ଦ୍ର ସରକାର ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରରେ ହ୍ରାସ ଘଟାଇଛନ୍ତି। ଏଥିରେ ଅଟୋମୋବାଇଲ କ୍ଷେତ୍ରରେ ମଧ୍ୟ ବଡ଼ ଧରଣର ଟିକସ ହ୍ରାସ ହୋଇଛି। ଜିଏସ୍‌ଟିରେ ଏହି ହ୍ରାସ ପରେ ଏବେ ଏହାର ବାହାବା ନେବାକୁ କେନ୍ଦ୍ର ସରକାର ପ୍ରସ୍ତୁତ। ଏଥିପାଇଁ ବର୍ତ୍ତମାନ ପ୍ରତ୍ୟେକ କାର ଏବଂ ବାଇକ୍ ଡିଲରସିପ୍ ବା ଶୋ' ରୁମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଆଇ) ଦେଶର ସମସ୍ତ କାର ଏବଂ ବାଇକ୍ କମ୍ପାନୀଗୁଡ଼ିକୁ ସେମାନଙ୍କ ଡିଲରସିପ୍‌ରେ ପୁରୁଣା ମୂଲ୍ୟ ଏବଂ ଜିଏସ୍‌ଟି ହ୍ରାସ ପରେ ନୂତନ ମୂଲ୍ୟ ଦର୍ଶାଇ ପୋଷ୍ଟର ଲଗାଇବାକୁ କହିଛି।

ଭାରୀ ଶିଳ୍ପ ମନ୍ତ୍ରଣାଳୟ ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକଚର୍ସ (ସିଆମ୍) ମାଧ୍ୟମରେ ଅଟୋ କମ୍ପାନୀଗୁଡ଼ିକୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ପଠାଇଛି। ଏବେ କମ୍ପାନୀଗୁଡ଼ିକର ଅଧିକାରୀମାନେ ପୋଷ୍ଟରଗୁଡ଼ିକୁ ଡିଜାଇନ୍ କରୁଛନ୍ତି ଏବଂ ମନ୍ତ୍ରଣାଳୟରୁ ଅନୁମୋଦନ ପାଇବା ପରେ ହିଁ ସେଗୁଡ଼ିକୁ




ଡିଲରସିପ୍‌ରେ ଲଗାଇବେ। ହେଲେ ଏ କ୍ଷେତ୍ରରେ ପୋଷ୍ଟରଗୁଡ଼ିକର ମୁଦ୍ରଣ ଏବଂ ବର୍ଣ୍ଟନ ଖର୍ଚ୍ଚ କମ୍ପାନୀ କିମ୍ବା ଡିଲରସିପ୍ ବହନ କରିବେ କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଅଧିକାରୀମାନେ କହିଛନ୍ତି ଯେ ପୋଷ୍ଟରଗୁଡ଼ିକ ବିଭିନ୍ନ ସ୍ଥାନ ପାଇଁ ସ୍ଥାନୀୟ ଭାଷାରେ ପ୍ରସ୍ତୁତ କରାଯିବ। ଏଭଳି ସ୍ଥଳେ ପ୍ରତ୍ୟେକ ଭାଷାରେ ପୋଷ୍ଟର ପାଇଁ ପୃଥକ ଅନୁମୋଦନ ଆବଶ୍ୟକ ପଡ଼ିବ କି ନାହିଁ ତାହା ଏବେ ବଡ଼ ପ୍ରଶ୍ନ। ଏକ ଶିଳ୍ପ ସୂତ୍ର ଅନୁଯାୟୀ, ଅଟୋମୋବାଇଲ୍ କମ୍ପାନୀଗୁଡ଼ିକ ଏହି ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଅତି କମ୍‌ରେ ୨୦-୩୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଚଳିତ ସପ୍ତାହ ଶେଷ ସୁଦ୍ଧା ଏହି ପୋଷ୍ଟରଗୁଡ଼ିକ ଡିଲରସିପ୍‌ରେ ଲଗାଯିବାର ଆଶା କରାଯାଉଛି। ଏହି ନିୟମରୁ ବିଳାସପୂର୍ଣ୍ଣ କାର କମ୍ପାନୀଗୁଡ଼ିକୁ ମୁକ୍ତ କରାଯାଇଛି। ମାରୁତି ସୁଜୁକି, ହ୍ୟୁଣ୍ଡାଇ, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟୟୋଟା ଏବଂ କିଆ ଭଳି ପ୍ରମୁଖ କାର କମ୍ପାନୀଗୁଡ଼ିକ ପୂର୍ବରୁ କହିସାରିଛନ୍ତି ଯେ ସେମାନେ ଜିଏସ୍‌ଟି ହ୍ରାସର ସମ୍ପୂର୍ଣ୍ଣ ଲାଭ ଗ୍ରାହକମାନଙ୍କୁ ଦେବେ, ଯାହା ଫଳରେ ସମସ୍ତ କାରର ମୂଲ୍ୟ ହ୍ରାସ ପାଇବ। ଜିଏସ୍‌ଟି ପରିଷଦ ସମ୍ପ୍ରତି ଛୋଟ କାର ଉପରେ ଟିକସ ୨୯-୩୧% ରୁ ୧୮% କୁ ହ୍ରାସ କରିଛି। ଅନ୍ୟପକ୍ଷରେ ବଡ଼ କାର ଉପରେ ଟିକସ ହାର ୫୦% ରୁ ୪୦% କୁ ହ୍ରାସ କରାଯାଇଛି ଏବଂ କ୍ଷତିପୂରଣ ସେସ୍ ହଟାଇ ଦିଆଯାଇଛି।

# ହିରୋ ଗ୍ଲାମର 'ଏକ୍ସ ୧୨୫'ର ବଜାର ପ୍ରବେଶ

ଭୁବନେଶ୍ୱର, ୯।୯ (ସମିସ)

ଏକ୍ସଟ୍ରିମ୍ ୧୨୫ଆର୍‌ର ଅତୁଳନୀୟ ସାଫଲ୍ୟ ପରେ ହିରୋ ମୋଟୋକର୍ପ ପକ୍ଷରୁ ନୂତନ ଗ୍ଲାମର 'ଏକ୍ସ ୧୨୫'ର ବଜାର ପ୍ରବେଶ କରାଯାଇଛି। ଏହା ଭାରତର ସବୁଠାରୁ ଅତ୍ୟାଧୁନିକ ୧୨୫ସିସି ମୋଟରସାଇକେଲ। ଗ୍ଲାମର ବ୍ରାଣ୍ଡର ଷ୍ଟାଇଲ୍ ଓ ଉଦ୍ଭାବନାର ପରମ୍ପରା ଏବଂ ୫୦ ଲକ୍ଷ ସନ୍ତୁଷ୍ଟ



ଗ୍ରାହକଙ୍କ ଭରସା ଉପରେ ଭିତ୍ତି କରି, ଗ୍ଲାମର 'ଏକ୍ସ ୧୨୫' ନିର୍ମାଣ କରାଯାଇଛି।

ଏହାର ନୂତନ ଓ ଆକର୍ଷଣୀୟ ଡିଜାଇନ୍, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅତୁଳନୀୟ ପରଫରମାନ୍ସ ଏବଂ ଅସାଧାରଣ ସୁବିଧା ବୈଶିଷ୍ଟ୍ୟ ଗୁଡ଼ିକ ନୂତନ ଯୁଗର ଉଚ୍ଚାକାଂକ୍ଷୀ ଚାଳକର ପ୍ରୟୋଜନଗୁଡ଼ିକ ସମାଧାନ କରେ। ଡିଲକ୍ସ ୧୨୫ସିସି ସେଗମେଣ୍ଟକୁ ଏକ ନୂତନ ରୂପରେ ଉପସ୍ଥାପନା କରିବା ମାଧ୍ୟମରେ ଗ୍ଲାମର ଏକ୍ସରେ ଅନେକ ଗୁଡ଼ିଏ କ୍ୟାଟେଗରିର ପ୍ରଥମ ଉଦ୍ଭାବନା ସମୂହ ଉପଲବ୍ଧ ଥିବା ହିରୋ ମୋଟୋକର୍ପର ଚିଫ୍ ବିଜନେସ ଅଫିସର୍, ଇଣ୍ଡିଆ, ବିଜନେସ୍ ୟୁନିଟ୍ ଆଶୁତୋଷ ବର୍ମା କହିଛନ୍ତି। ଗ୍ଲାମର ଗ୍ଲାମର 'ଏକ୍ସ ୧୨୫'ସମଗ୍ର ଦେଶରେ ସମସ୍ତ ହିରୋ ମୋଟୋକର୍ପ ଡିଲରଶିପରେ ଦୁଇଟି ଭାରିଆଣ୍ଟରେ ଉପଲବ୍ଧ। ଡ୍ରମର ମୂଲ୍ୟ(ଏକ୍ସ-ଶୋରୁମ ଦିଲ୍ଲୀ) ୮୯,୯୯୯ ଓ ଓ ଡିସ୍କର ମୂଲ୍ୟ ୯୯,୯୯୯ ଟଙ୍କା।

## ଡୋରଭେରୀର ପ୍ରଥମ ତ୍ରୈମାସିକ ରାଜସ୍ୱରେ ଅସାଧାରଣ ଅଭିବୃଦ୍ଧି

ଭୁବନେଶ୍ୱର, ୯।୯ (ସମିସ): ବିଟୁବି ଗ୍ରୋସରି ଡିଲିଭେରି ପ୍ଲାଟଫର୍ମ ଡୋରଭେରୀ ଏହାର ସଞ୍ଚାଳନର ପ୍ରଥମ ତ୍ରୈମାସିକରେ ଅସାଧାରଣ ରାଜସ୍ୱ ଅଭିବୃଦ୍ଧି ହାସଲ କରିଛି। କମ୍ପାନୀ ୭.୫ କୋଟି ବାର୍ଷିକ ଆବର୍ତ୍ତିତ ରାଜସ୍ୱ (ଏଆର୍‌ଆର୍) ପ୍ରାପ୍ତ କରିଛି ଏବଂ ପ୍ରତିମାସ ୮୫-୯୦% ବୃଦ୍ଧି ରେକର୍ଡ କରୁଛି। ଏହା ଭାରତର ଶୀଘ୍ର ବିକଶିତ ହେଉଥିବା ବିଟୁବି ଗ୍ରୋସରି ପ୍ରକ୍ୟୋରମେଣ୍ଟ ସେକ୍ଟରରେ ଡୋରଭେରୀ କମ୍ପାନୀର ମଜବୁତ ସ୍ଥିତିକୁ ପ୍ରକାଶ କରୁଛି। ହେଉଥିବା ଭାରତର ବିଟୁବି ଗ୍ରୋସରି ସପ୍ଲାଇ ଇଣ୍ଡଷ୍ଟ୍ରିରେ ପରିବର୍ତ୍ତନରୁ ଲାଭ ଉଠାଇବା ପାଇଁ କୌଶଳମୂଳକ ଭାବରେ ସ୍ଥାନିତ ଅଛି ଏବଂ ରିଟେଲ ଓ ହସ୍ପିଟାଲିଟି କ୍ଷେତ୍ର ସହିତ ବିଭିନ୍ନ ବ୍ୟବସାୟ ପାଇଁ ପ୍ରୟୋଜନମୂଳକ ପ୍ରକ୍ୟୋରମେଣ୍ଟ ସମାଧାନ ପ୍ରଦାନ କରୁଛି। ଡୋରଭେରୀର ନିର୍ଦ୍ଦେଶକ ଜି. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, ପ୍ରାରମ୍ଭିକ ସଫଳତା ଆମର ବ୍ୟବସାୟ ମୋଡେଲର ମଜବୁତି ଏବଂ ସୁସଂଗଠିତ ଗ୍ରୋସରି ପ୍ରକ୍ୟୋରମେଣ୍ଟର ବଢୁଥିବା ଚାହିଦାକୁ ପ୍ରତିଫଳିତ କରେ।

DOORVERY



## ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କ ପାଇଁ ବହୁବିଧ ଟଚ୍ ପଏଣ୍ଟ

ଭୁବନେଶ୍ୱର, ୯।୯ (ସମିସ): ଦ୍ରୁତ ଗତିରେ ରୂପାନ୍ତରିତ ହୋଇଥିବା ଓଡିଶାରେ ବିଦ୍ୟୁତ୍ ଆଉ କେବଳ ଏକ ଉପଯୋଗିତା ନୁହେଁ, ଏହା ହେଉଛି ଏକ ସେବା ଅନୁଭୂତି। ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସକମ୍ ଯଥା ଟିପିସିଓଡିଏଲ, ଟିପିଏସଓଡିଏଲ, ଟିପିଏନଓଡିଏଲ ଏବଂ ଟିପିଡବ୍ଲ୍ୟୁଓଡିଏଲର ନେତୃତ୍ୱ ଅଧୀନରେ ରାଜ୍ୟରେ ବିଲିଂଠାରୁ ବହୁ ଆଗକୁ ବଢ଼ି ଗ୍ରାହକ ସେବା କ୍ଷେତ୍ରରେ ଏକ ବିପ୍ଳବ ଦେଖିବାକୁ ମିଳିଛି, ଯାହା ସେବା ହାସଲ କରିବା, ସହାନୁଭୂତି ଓ ନବସୃଜନ ପାଇଁ ଗଭୀର ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହେଉଛି। ଓଡିଶାରେ ପ୍ରାୟ ୧୦ ନିୟୁତ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ଏହି ଡିସକମଗୁଡିକ ଭାରତର ସବୁଠାରୁ ବ୍ୟାପକ ଏବଂ ଗ୍ରାହକ କୈନ୍ଦ୍ରୀକ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଗଠନ କରିଛନ୍ତି। ମୋବାଇଲ୍ ଆପ୍ ଏବଂ ହ୍ୱାଟସ୍‌ଆପ୍ ବିଲିଂରୁ ଆରମ୍ଭ କରି ଗ୍ରାମାଞ୍ଚଳ ସେବା ଶିବିର ଏବଂ ସ୍ଥାନୀୟ ସେବା କେନ୍ଦ୍ର ପର୍ଯ୍ୟନ୍ତ ଟାଟା ପାୱାର ଓଡିଶାରେ ବିଦ୍ୟୁତ୍ ସେବା ପ୍ରଦାନ, ବିଦ୍ୟୁତ୍ ସେବା ଅନୁଭୂତିକୁ ପୁନଃବ୍ୟାଖ୍ୟା କରିଛି। ଗ୍ରାହକମାନେ ଅନଲାଇନ୍ କିମ୍ବା ଏକ ମିସ୍ କଲ୍ ସେବା ମାଧ୍ୟମରେ ନୂତନ ସଂଯୋଗ ପାଇଁ ମଧ୍ୟ ଆବେଦନ କରିପାରିବେ ଯାହାଦ୍ୱାରା କାଗଜପତ୍ର ଏବଂ ଅଫିସ୍ ପରିଦର୍ଶନ ଏବେ ଅତୀତ ହୋଇଛି।



# ନେପାଳ ସଙ୍କଟ; ଆଶଙ୍କାରେ ସୀମା ପାର ବାଣିଜ୍ୟ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ନେପାଳ ଏବଂ ଭାରତ ମଧ୍ୟରେ ବାଣିଜ୍ୟ ସମ୍ପର୍କ ବହୁତ ପୁରୁଣା। ନେପାଳ ଏହାର ଅଧିକାଂଶ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାରତରୁ କିଣେ। ଜେନ୍ ଜେଡ୍‌ର ପ୍ରତିବାଦ ଏବଂ ସରକାରର ପତନ ଏହି ବାଣିଜ୍ୟକୁ ପ୍ରଭାବିତ କରିବାର ସମ୍ଭାବନା ଅଛି। ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ବିରୋଧରେ ନେପାଳରେ ଏହି ପ୍ରତିବାଦ। ପରେ ଏଥିରେ ଦୁର୍ନୀତି ଏବଂ ବେକାରୀ ଭଳି ପ୍ରସଙ୍ଗ ଜୋରଦାର ହେଲା। ଏହି କାରଣରୁ ଭାରତର ସୀମାପାର ବାଣିଜ୍ୟରେ ବାଧା ସୃଷ୍ଟି ହୋଇପାରେ। ଅର୍ଥାତ୍, ନେପାଳ ପାଇଁ ଏବେ ଭାରତର ଅର୍ଥନୈତିକ 'ଜୀବନରେଖା' ବିପଦରେ। ତେବେ ଭାରତ ଏବଂ ନେପାଳ ଉଭୟ ବାଣିଜ୍ୟକୁ ସ୍ୱାଭାବିକ ରଖିବାକୁ ଚେଷ୍ଟା କରୁଛନ୍ତି।

ନେପାଳ ଏହାର ଅନେକ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାରତରୁ ମଗାଇଥାଏ। ଏଥିରେ ଔଷଧ, ଲୁହା, ମେସିନ, ପେଟ୍ରୋଲିୟମ ଉତ୍ପାଦ, ଚାଉଳ ଏବଂ ପନିପରିବା ଭଳି ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ। ଭାରତ ଏବଂ ନେପାଳ ମଧ୍ୟରେ ଭଲ ବାଣିଜ୍ୟ କାରବାର ରହିଛି। ଏପରି ପରିସ୍ଥିତିରେ ଦୁଇ ଦେଶ ମଧ୍ୟରେ ଦୃଢ଼ ଆର୍ଥିକ ସମ୍ପର୍କ ରହିଛି। ନେପାଳ ଭାରତରୁ ଚାଉଳ, ଶସ୍ୟ, ପନିପରିବା, ମସଲା ଏବଂ ଚିନି ଭଳି ଅଧିକାଂଶ ଖାଦ୍ୟ ସାମଗ୍ରୀ ଆମଦାନୀ କରେ। ନେପାଳରେ ଭାରତୀୟ ଔଷଧର ମଧ୍ୟ ବହୁତ ଚାହିଦା ଅଛି। ଏହା ବ୍ୟତୀତ ନେପାଳ ଭାରତରୁ ବୈଦ୍ୟୁତିକ ଉପକରଣ ସହ ଶକ୍ତି ଏବଂ ଇନ୍ଧନ ମଧ୍ୟ ଆମଦାନୀ କରିଥାଏ। ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ତାଲିକାରେ ପେଟ୍ରୋଲିୟମ୍ ଉତ୍ପାଦ ଶୀର୍ଷରେ ରହିଥିବାବେଳେ ପ୍ଲାଷ୍ଟିକ୍, ରବର ଭଳି କଞ୍ଚାମାଲ ଏବଂ କପଡ଼ା ଏବଂ କାଗଜ ଭଳି ଜିନିଷ ମଧ୍ୟ ରହିଛି ଆର୍ଥିକ ଦୃଷ୍ଟିରୁ, ଭାରତ ନେପାଳ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ନେପାଳରେ ଅନେକ ଜିନିଷ ତିଆରି ହୁଏ ନାହିଁ। ଏପରି ପରିସ୍ଥିତିରେ, ଭାରତରୁ ଆସୁଥିବା ସାମଗ୍ରୀ ନେପାଳର ଲୋକଙ୍କ ଶିଳ୍ପ ଏବଂ ଦୈନନ୍ଦିନ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ଆର୍ଥିକ ସମ୍ପର୍କ ଦୁଇ ଦେଶ ମଧ୍ୟରେ ସହଯୋଗ ଏବଂ ବାଣିଜ୍ୟକୁ ମଜବୁତ କରେ।


**AFFIDAVIT**

By virtue of an affidavit sworn before the Executive Magistrate, Tangi, Dist.: Khordha, **I, Fakir Charan Panda,** aged about 68 years, S/o: Bhramarbar Panda of Village: Balarampur, PO.: Rameswar, PS: Nirakarpur, Dist.: Khordha declare by this Affidavit No.: 1166, Dated: 29.07.2025 that now onwards my wife's name will be known as **Susama Rani Panda** for all future purposes.

**Fakir Charan Panda**

**AFFIDAVIT**

By virtue of an affidavit C.F No.-22, dtd. 01.09.2025 in the court of the Executive Magistrate, Bhubaneswar, I , Pratap Kumar Dash have changed my name from Swadhin Kumar Das to Pratap Kumar Dash. Henceforth I shall be known as Pratap Kumar Dash for all purposes.

**Sd/-Pratap Kumar Dash**

**AFFIDAVIT**

By virtue of an Affidavit before Notary Public, Malkangiri, I, **Suruja Hembram**, aged about 60 years, W/o.: Rupae Hembram resident of Village: M.V-03, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1253/25, Dated: 02.09.2025 that I have changed my & my husband surname from Suraj Mardi, W/o.: Rupae Mardi to **Suruja Hembram, W/o.: Rupae Hembram**. Henceforth I shall be known as **Suruja Hembram, W/o.: Rupae Hembram** for all future purposes.

**AFFIDAVIT**

By virtue of an affidavit C.F No.-23, dtd. 01.09.2025 in the court of the Executive Magistrate, Bhubaneswar, I , Manguli Charan Dash have changed my name from Manguli Bhoi to Manguli Charan Dash. Henceforth I shall be known as Manguli Charan Dash for all purposes.

**Sd/-Manguli Charan Dash**

**AFFIDAVIT**

By virtue of an Affidavit before Notary Public, Malkangiri, I, **Lachmi Padiami**, aged about 25 years, W/o.: Ram Padiami, D/o.: Muka Madkami, resident of Village/PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1540/2025, Dated: 08.09.2025 that I have changed my name from Lachmi Madkami to **Lachmi Padiami**. Henceforth I shall be known as **Lachmi Padiami**, for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Rairangpur, Mayurbhanj dated-30/07/2025. I, Paresh Hembram, S/o Late Lalmohan Hembram, Address: Village- Kalimati, PO- Sanpurunapani, PS- Bisoi, Dist- Mayurbhanj, Odisha, PIN-757033 declare that I have changed my daughter's name from Dangi Hembram (old name) to Basanti Hembram (new name). Henceforth, she shall be known as **Basanti Hembram** (new name) for all future purposes.

**AFFIDAVIT**

By virtue of an affidavit sworn before The Notary Public, Sunabeda dated 05/09/2025 I, Sri Abhimanyu Patra, S/o-Late Madhab Patra, Vill.- M Luhaba, Po.- Subai, Ps.-Nandapur, District- Koraput declare that I have changed my son's name from **Badant Patra** to **Bedant Patra**. Henceforth, my son shall be known as **Bedanta Patra** for all purposes.

Sd/- Abhimanyu Patra

**LOST**

By virtue of an affidavit before the notary, Govt. of India, Titilagarh on 7/9/25 and a complain lodged in Titilagarh police station on 3/9/25, I, **Hifzul Rahman,** S/o Hafiji Habibula Rahman resident of At- Neherunagar Ward No.7, PO/PS- Titilagarh, Dist-Balangir, Odisha do hereby declare that, my original ROR of Mouza Titilagarh KHA PS. Titilagarh, PS. No.84 purchased holding No. 463/460 (Plot No. 475/2862/4153 & Plot No. 475/2862) has been lost some where in Titilagarh market on 03/09/2025, If any person finds the same, may please contact My Advocate Mr. Manoj Kumar Hati mobile no. 8598911191.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-03.09.2025 I, **Kiran Das,** W/o Abhaya Kumar Panda, resident of At/Po- Kalarahanga, PS- Mancheswar, Bhubaneswar, Dist- Khordha, Odisha, PIN- 751024 declare that I have changed my minor daughter's name from **Adyasha Das** to **Adyasha Panda.** Henceforth she shall be known as **Adyasha Panda** (new name) for all purposes.

**Kiran Das**

**AFFIDAVIT**

I, Monoranjan Parida, S/o- Udyanath Parida, resident of At-Bhikapada, Ps-Khalikote, Dist-Ganjam, Pin- 761029, Odisha declared by this affidavit No. 730, dtd-08/09/2025 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-04.09.2025 I, **Akhila Kumar Sahoo,** S/o- Bhikari Charan Sahoo, resident of New Forest park, Ashok Nagar, PS.-Capital, Bhubaneswar, Dist.-Khordha, Odisha, 751009 declare that I have changed my minor daughter's name from **Sai Anwesha Sahoo** to **Saianwesaa Sahoo.** Henceforth she shall be known as **Saianwesaa Sahoo** (new name) for all purposes.

**Akhila Kumar Sahoo**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-03.09.2025 I, **Muralidhar Sasmal,** S/o Budhiram Sasamal, resident of At-Pendurapalli, PO- Bheteswar, PS- Banapur, Dist- Khorda, Odisha, PIN- 752031 declare that I have changed my name from **Murali Sasamal** to **Muralidhar Sasmal.** Henceforth I shall be known as **Muralidhar Sasmal** (new name) for all purposes.

**Muralidhar Sasmal**

**AFFIDAVIT**

By virtue of an affidavit sworn before The Executive Magistrate, Dhenkanal dated- 22/04/2025. I, **Avanti Samal,** D/o- Trinath Samal, Address: Village-Krushnakumarpur, PO-Kaimati, PS- Sadar, Dist-Dhenkanal, PIN- 759027, Odisha declare that I have changed my name from **Abanti Samal** to **Avanti Samal.** Henceforth, I shall be known as **Avanti Samal** (new name) for all purposes.

**Avanti Samal**

**AFFIDAVIT**

By virtue of an affidavit No-5384 sworn before the Executive Magistrate Champua on dated-06/09/2025. I Rebati Naik, W/O- Netrananda Naik, Resident of Vill/PO- Asanpat, PS- Baria, Dist- Keonjhar, Odisha, Pin- 758044 declare that I have changed my minor daughter's name from **CHANPI NAIK** (old name ) to **CHAMPI NAIK** (new name) Henceforth she shall be known as **CHAMPI NAIK** all future purposes .

**REBATI NAIK**

**AFFIDAVIT**

By virtue of an affidavit (CF No. 83, dtd- 07/10/2024) before The Exeutive Magistrate, Bhubaneswar. I, **Sourajit Acharya**, S/o Sashikanta Acharya, resident of At- Sariabarpatna, PO-Debidol, Dist- Jagatsinghpur, Odisha (Aadhar Card No: 8408 2004 2789) declares that, Sourajit Acharya and Sourjit Acharya is one and same person who is myself and Sashikanta Acharya and Sasikanta Acharya is one and same person who is my father.

**AFFIDAVIT**

I, Sudhanshu Sekhar Samal, aged about 46 years, S/o-Dhaneswar Samal, resident of At-Haladibasanta, Po-Sahupada, Ps-Bariramachandrapur, Dist-Jajpur, Pin- 755003, Odisha, do hereby declare by this affidavit No.1838, dtd- 08/09/2025, that now onwards I shall be known as **SUDHANSU SEKHAR SAMAL** for all future purposes.

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-04.09.2025 I, **Sudarsan Jena,** S/o Ratha Jena, resident of At/Po- Chanarpur, PS- Balikuda, Dist-Jagatsinghpur, Odisha, PIN-754107 declare that I have changed my minor daughter's name from **Sonakshi Nayak** to **Sonakshi Jena.** Henceforth she shall be known as **Sonakshi Jena** (new name) for all purposes.

**Sudarsan Jena**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dtd-04.09.2025 I, **Susanta Khatua,** S/o Sudhira Chandra Khuntia, resident of At-Chakeisiani, PO- Rasulgarh, PS- Mancheswar, Bhubaneswar, Dist- Khordha, Odisha, PIN- 751010 declare that I have changed my name from **Susanta Kumar Khuntia** to **Susanta Khatua.** Henceforth I shall be known as **Susanta Khatua** (new name) for all purposes.

**Susanta Khatua**



## ପୂର୍ବ ତଟ ରେଳପଥ

### ପାର୍ସଲ ସ୍ଥାନ ଲିଜ୍‌ରେ ଦେବା ପାଇଁ ଇ-ନିଲାମ

**08 SLRs ଏବଂ 04 VPs ର ଲିଜ୍ ଦେବା ନିମନ୍ତେ**

| କ୍ର. | ଟ୍ରେନ୍ ନଂ. ଏବଂ CC ଟନ୍ ରେ | ଠାରୁ - ପର୍ଯ୍ୟନ୍ତ | SLR ଆଗ/ପଛ | ଆବୃତ୍ତି | ଲଟ୍ ସମାପ୍ତି ସମୟ |
|---|---|---|---|---|---|
| 1 | 22974-73 | ପୁରୀ-ଗାନ୍ଧୀଧାମ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1130 ଘଟିକା |
| 2 | 20851-52 | ଭୁବନେଶ୍ୱର-ପୁଡୁଚେରୀ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1140 ଘଟିକା |
| 3 | 22805-06 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1150 ଘଟିକା |
| 4 | 12146-45 | ପୁରୀ-ଲୋକମାନ୍ୟ ତିଳକ ଟର୍ମିନସ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1200 ଘଟିକା |
| 5 | 12074 | ଭୁବନେଶ୍ୱର - ହାଓଡ଼ା | F-1 | 7 ଦିନ | 17.09.2025,1130 ଘଟିକା |
| 6 | 12281 | ଭୁବନେଶ୍ୱର-ନୂଆଦିଲ୍ଲୀ | F-1 | 1 ଦିନ | 17.09.2025,1140 ଘଟିକା |
| 7 | 22805 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | F-1 | 1 ଦିନ | 17.09.2025,1150 ଘଟିକା |
| 8 | 18425 | ପୁରୀ-ଦୁର୍ଗ | R-1 | 7 ଦିନ | 17.09.2025,1200 ଘଟିକା |
| 9 | 20472 | ପୁରୀ-ଶ୍ରୀ ଗଙ୍ଗାନଗର | R-1 | 1 ଦିନ | 17.09.2025,1210 ଘଟିକା |
| 10 | 22890 | ପୁରୀ - ଦୀଘା | R-1 | 1 ଦିନ | 17.09.2025,1220 ଘଟିକା |
| 11 | 12278 | ପୁରୀ - ହାଓଡ଼ା | R-1 | 7 ଦିନ | 17.09.2025,1230 ଘଟିକା |
| 12 | 22974 | ପୁରୀ-ଗାନ୍ଧୀଧାମ | R-1 | 1 ଦିନ | 17.09.2025,1240 ଘଟିକା |

ଲଟ୍ ଆରମ୍ଭ ହେବା ତାରିଖ ଓ ସମୟ : **16.09.2025, 1100 ଘଟିକା** (କ୍ରମ ସଂ. 1 ରୁ 4 ପାଇଁ), **17.09.2025, 1100 ଘଟିକା** (କ୍ରମ ସଂ. 5 ରୁ 12 ପାଇଁ), ସର୍ବନିମ୍ନ ବୃଦ୍ଧି : **0.20%** (ସମସ୍ତ କ୍ରମ ସଂ. ପାଇଁ), ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗ୍‌ରେ ନୂଆ (ସମସ୍ତ କ୍ରମ ସଂ. ପାଇଁ)।
କ୍ରମ ସଂ. 1 ରୁ 4 : ନିଲାମ କ୍ୟାଟାଲଗ୍ ସଂ. **KUR-VP-Sept-25**, କ୍ରମ ସଂ. 5 ରୁ 12 : ନିଲାମ କ୍ୟାଟାଲଗ୍ ସଂ. **KUR-SLR-Sept-02** ଏବଂ ତା.**01.09.2025**ରିଖ ରେ ପ୍ରକାଶ ପାଇବ **(VPs & SLRs)**।

ଉପରୋକ୍ତ ଇ-ନିଲାମ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ।

**PR-569/Q/25-26** ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍



**CAD-1702**

**TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)**
Tel. 0674-2542475 / 2542617. Fax-2544828. Email: admin@tdccorissa.org, website: www.tdccodisha.org

No.2462/TPCCOL Date- 08.09.2025

**Detail Tender Call Notice for Supply of a complete set up for Mustard Oil Expelling Machine along with seeds cleaning machine, Oil filter machine, bottling & labeling machine.**

Sealed Tender(s) are invited from only registered dealers/ manufacturers/ authorized suppliers for supply, installation, testing and commissioning of one **Cold Pressed Mustard Oil Expelling Machine along with seeds cleaning machine, Oil filter machine, bottling & labeling machine with crushing capacity up to 100Kg-120kg/Hr.,** with electrical and tools on turnkey basis to be installed at the following place:

| Sl | Machine to be installed | District | TDCCOL Branch |
|---|---|---|---|
| 1 | Oil Expelling Machine (with cleaning and bottling unit) | KANDHAMAL | BALLIGUDA |

The bidder(s) must submit Demand Draft for Rs. 50, 000/- (Rupees Fifty Thousand) only, drawn in favor of "Managing Director", TDCCOL, payable at Bhubaneswar" towards Earnest Money Deposit (EMD) for the machine. The Tender must be accompanied with brochure containing technical specifications of the machine. The details of the Tender call notice can be downloaded from www.tdccorissa.org.

The bidder(s) should quote their basic rate, taxes, installation charges, freight FOR destination, packing/ forwarding charges, training charges (maximum for 2 days) at site and other charges if any. The supply of the Machines including installation, testing and commissioning is to be completed within 20 days from receipt of the order. The last date for acceptance of Tender is up to **2:00 pm on dated-10.10.2025**

The undersigned reserves the right to accept or reject any or all Tenders without assigning any reason thereof.

OIPR-26005/11/0009/2526 **Managing Director**



**AFFIDAVIT**

By virtue of an affidavit sl No.-705/25, dtd. 01.09.2025 before the Notary Public, Bhubaneswar, I, Jitan Sahoo,, At/Po- Talabasta, Ps- Banki, Dist.- Cuttack-754007 have changed my name from Jitrndra Kumar Sahoo to Jitan Sahoo. Henceforth I shall be known as Jitan Sahoo for all purposes.

**Sd/- Jitan Sahoo**

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 09.09.2025, I, Nabina Barik resident At- Khajuria,Ps-Kamakshya Nagar, Dist: Dhenkanal, PIN- 759018, Odisha, , declare that I have changed the name of my Son from Prenes Barik to Prince Barik. Henceforth He shall be known as **PRINCE BARIK** for all future purposes.

**Notice**
**(Above 18 years of age)**

By virtue of an Affidavit sworn before the Notary Public, Udala, Mayurbhnaj, dated 09-09-2025 I, Thibu Murmu, Address At-Dahanibuda, Po- Silaghati, Ps-Khunta, Dist- Mayurbhanj, Pin-757019 declare that I have changed my name Thiburam Murmu to Thibu Murmu . Henceforth I shall be known as Thibu Murmu for all purposes.

**Thibu Murmu**

**AFFIDAVIT**

By virtue of an affidavit sworn before the Executive Magistrate, Delanga, AF No. 1522, on dated 22/08/2025, I **SUMANTA PRADHAN**, S/o Banambar Pradhan resident of Village At-Rench, Po- Berboi, Ps - Delanga, Via- Berboi, Dist- Puri, State-Odisha, Pin- 752016 declare that I have changed my minor son's name from **ISWARAJITI PRADHAN** to **SURYANSHU PRADHAN.** Henceforth, he shall be known as **SURYANSHU PRADHAN** for all future purposes.

Sd- **SUMANTA PRADHAN**

**AFFIDAVIT**

I, Puspanjali Nayak, W/o-Shri Sridhar Nayak, resident of Village - Ostia, Po-Rasanga, PS Gania, Dist - Nayagarh, Pin - 752085, Odisha, declare by this affidavit No - 43932, dated - 09.09.2025, that now on wards I shall be known as Mrs.**PUSPANJALI NAIK** for all future purposes.

**NOTICE**

By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Balipada, Po- Binayakpur, Ps - Pipili, Dist-Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.

(Sd- **MANASI BEHERA**)

## ଭାସ୍କର, ଲାଲବିହାରୀ ଓ ଗଙ୍ଗାଧରଙ୍କ ଇସ୍ତଫା

# ଗଠନ ହେଲା ବିଜୁ ସ୍ୱାଭିମାନ ମଞ୍ଚ

ରାୟଗଡ଼ା, ୯।୯ (ସମିସ):

ରାୟଗଡ଼ା ଜିଲ୍ଲାବାସୀଙ୍କ ସେବା ଓ ବିକାଶ ପାଇଁ ବିଜୁ ସ୍ୱାଭୀମାନ ମଞ୍ଚ ଆଜି ଠାରୁ ଆରମ୍ଭ ହେଲା। ଏହା କୌଣସି ରାଜନୈତିକ ପ୍ଲାଟଫର୍ମ ନୁହେଁ ବରଂ ଏହା ଏକ ସାମାଜିକ କାର୍ଯ୍ୟ ପ୍ଲାଟଫର୍ମ ବୋଲି ଆଜି ବିଜୁ ପରିବାରରୁ ଅଲଗା ହୋଇ ତଥା ବିଜୁ ଜନତା ଦଳର କାଉନ୍‌ସିଲ ପଦରୁ ଇସ୍ତଫା ଦେଇ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ବିଜୁ ସ୍ୱାଭିମାନ ମଞ୍ଚ ରାୟଗଡାର ଆବାହକ ଏନ୍.ଭାସ୍କର ରାଓ। ଏହି ମଞ୍ଚଲରେ ସାମିଲ ହେବା ପାଇଁ କାହାରିକୁ ବାଧ କରାଯାଇ ନାହିଁ। ସମସ୍ତେ ଏଥିରେ ନିଜେ ଉତ୍ସାହିତ ହୋଇ ସାମିଲ ହୋଇଛନ୍ତି ବୋଲି ଶ୍ରୀ ରାଓ କହିଛନ୍ତି। ୧୯୭୪ମସିହାରୁ ନିଜ ରାଜନୈତିକ ଜୀବନ ବିଜୁବାବୁଙ୍କ ଆହ୍ୱାନରେ ଏବଂ ପ୍ରେରଣାରେ ଆରମ୍ଭ କରି ଆଜକୁ ଦୀର୍ଘ ୫୧ବର୍ଷ ବିତିଥିବା ବେଳେ ଏଭଳି ସଙ୍କଟ ମୋ ରାଜନୈତିକ ଜୀବନରେ ଆସି ନ ଥିଲା ବୋଲି ଶ୍ରୀ ରାଓ କହିଛନ୍ତି। ଦଳ ପାଇଁ ସେ କଠିନ ପରିଶ୍ରମ ଅର୍ପଣ କରିଥିବା କହିବା ସହ ବର୍ତମାନ ମଞ୍ଚ ଜିଲ୍ଲାର ପ୍ରତିଟି ବ୍ଲକ,ଗାଁ ଗାଁରେ ଲୋକଙ୍କ ଘରେ ପହଞ୍ଚି ଲୋକଙ୍କ ନିକଟତର ହେବ ଏବଂ ସେମାନଙ୍କ ସୁଖଦୁଃଖରେ ସାମିଲ ହେବ ଓ ସାହାର୍ଯ୍ୟ କରିବ ବୋଲି କହିଛନ୍ତି। ମୋ ଜିଲ୍ଲାବାସୀଙ୍କ ପାଇଁ ସେମାନଙ୍କ ସ୍ନେହ, ପ୍ରେମ,ଶ୍ରଦ୍ଧା ଫେରାଇବାର ସମୟ ଆସିଛି। ଲୋକଙ୍କ ହିତ, ସାମାଜିକ କାର୍ଯ୍ୟ କରିବା ପାଇଁ ସାର୍ବଜନୀନ ଜୀବନରେ ରହିବାକୁ ସେ ନିଷ୍ପତି ନେଇଛନ୍ତି। ଆଜି ଏହି ମଞ୍ଚ ଗଠନ କରି ନଥିଲେ କଂଗ୍ରେସ ଓ ବିଜେପିରେ ଅନେକ ଲୋକ ସାମିଲ ହୋଇଥାନ୍ତେ ଏବଂ ତାଙ୍କ ପରିବାର ଅଲଗା ହୋଇଥାନ୍ତା ବୋଲି କହିଛନ୍ତି। ଆଜି ଭାସ୍କର ରାଓଙ୍କ ସମେତ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା,ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା,ପୂର୍ବତନ ନଗରପାଳ ରାଇସିଂ ବିଡିକା, ଭି.ଗୌରୀ ଜୟନ୍ତି,ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, କାଶିପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝି, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା, ସଭ୍ୟ ପ୍ରଶାନ୍ତ କୁଲେସିକା, ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ, କେସିସି ବ୍ୟାଙ୍କ ନିର୍ଦ୍ଦେଶକ ତିରୁପତି ବାନାଗାଡି, ଏମପିସିଏସ ସଭାପତି ଜି.ଆପାରାଓ. ଆରଏମସିଏସ ସଭାପତି ବିଜୟ ଚୌଧୁରୀ, ଚନ୍ଦ୍ରକାନ୍ତ ସାମଲ, ଅମୀୟ ସ୍ୱାଇଁ, ବିନାୟକ କର, କିରଣ ଭେଲେଙ୍କି,ଏମ.ଗଙ୍ଗାଧର ରାଓ, ଅବିନାଶ ବିଶୋୟୀ, ହରପ୍ରସାଦ ନାୟକ, ସୁଜାତା ପାଳ, ଶର୍ମିତା ପାଢୀଙ୍କ ସମେତ ଅନ୍ୟ ଜନ ପ୍ରତିନିଧି ଓ କର୍ମୀମାନେ ଦଳ ଛାଡିଥିବା ଶ୍ରୀ ରାଓ ସୂଚନା ଦେଇଛନ୍ତି।



### ଜିଲ୍ଲା ସଭାପତି ଚୟନକୁ ନେଇ ଉଠିଥିଲା ବିବାଦ

## କଣ୍ଟାସାରୁ ଗାଁକୁ ନିଶାମୁକ୍ତ କରିବାକୁ ଦାବିପତ୍ର



ପାପଡାହାଣ୍ଡି, ୯।୯ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ପଞ୍ଚାୟତର କଣ୍ଟାସାରୁ ଗ୍ରାମକୁ ନିଶା ମୁକ୍ତ କରିବା ନେଇ ସୋମବାର ଗ୍ରାମବାସୀ ଅବକାରୀ କାର୍ଯ୍ୟାଳୟ ଠାରେ ବିଭାଗୀୟ ଅଧିକାରୀ ସମୀର ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ଦେଶୀ ରନ୍ଧା ମଦ ବଢ଼ି ଚାଲିଥିବା ବେଳେ ଏଥିରେ ନିଶା ବଢିବା ପାଇଁ ବିଭିନ୍ନ ବିଷାକ୍ତ ଦ୍ରବ୍ୟ ଅପମିଶ୍ରିତ କରାଯାଉଛି । ଏହାକୁ ପିଇ ଲୋକମାନେ ଅସମାଜିକ କାର୍ଯ୍ୟାକଳାପ କରୁଛନ୍ତି। ଲୋକେ ଅପମିଶ୍ରିତ ମଦ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି।ଏନେଇ ଗ୍ରାମରେ ବୈଠକ କରାଯାଇ ମଦ ରାନ୍ଧୁଥିବା ଲୋକଙ୍କୁ ମଦ ନ ରାନ୍ଧିବା ଲାଗି କୁହାଯିବ ସତ୍ତ୍ୱେ ସେମାନେ ଦେଶୀ ମଦ ରାନ୍ଧି ବ୍ୟାବସାୟ କରୁଛନ୍ତି । ତେଣୁ ଗ୍ରାମକୁ ନିଶା ମୁକ୍ତ କରିବା ଲାଗି ଦାବିପତ୍ରରେ ଜଣାଇଛନ୍ତି। ଦୈତାରୀ ହରିଜନ, ଦେବଘନ ହରିଜନ, ଗୋବର୍ଧନ ହରିଜନ, ଗୁଡୁ ହରିଜନ, ରାଜୁ ହରିଜନ, ଭଗୀରଥୀ ହରିଜନ, ନୀଳୟ ହରିଜନ ମାନଙ୍କୁ ବୁଝାଇ ମଦ ବନ୍ଦ କରିବା ଲାଗି ଅଭିଯୋଗ କରିଛନ୍ତି ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ



ପାପଡାହାଣ୍ଡି, ୯।୯ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୁଲ୍ୟରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ସ୍ଥାନୀୟ ଲାଲ୍ ବାହାଦୂର ଉଚ୍ଚ ବିଦ୍ୟାଳୟ, ପାପଡାହାଣ୍ଡି ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପାପଡାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ଶୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର, ପାପଡାହାଣ୍ଡିର ସୁପରଭାଇଜର ଚନ୍ଦନା ମହାରଣା, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପୂଜାରୀ, ଅନ୍ୟତମ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ବାଳକଦାଶ ଅନ୍ଧାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାପଡାହାଣ୍ଡି ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ, ସଭ୍ୟା, ସାମାଜିକ ଗଣମାଧ୍ୟମର ପ୍ରତିନିଧି ସମୂହ ତଥା ପାପଡାହାଣ୍ଡି ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର, ସଂଯୋଜକ ଯୋଗ ଦେଇଥିଲେ। ସର୍ବପ୍ରଥମେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ପାପଡାହାଣ୍ଡି ଗ୍ରାମରେ ଗ୍ରାମ ପରିକ୍ରମା କରାଯାଇ ଆନ୍ତର୍ଜାତୀୟ ସାକ୍ଷାରତା ଦିବସ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇ ଏସମ୍ପର୍କରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁଦାମ ଚରଣ ସେଠୀ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

### କାଉନସିଲରଙ୍କ ଘରୁ ଚୋରି ମାମଲା

## ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ୍

ରାୟଗଡ଼ା, ୯।୯ (ସମିସ): ରାୟଗଡ଼ା ଏସଡିଜେଏମ୍ ଆଦାଲତ ଆଜି ଏକ ଚୋରି ମାମଲାର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୫/୫/୨୫ ତାରିଖରେ ରାୟଗଡା ସହର ନ୍ୟୁ କଲୋନୀ ସ୍ଥିତ ୧୨ ନମ୍ବର ୱାର୍ଡ କାଉନସିଲର କେ.ୱାଣିଶ୍ରୀଙ୍କ ଘରୁ ତାଲା ଭାଙ୍ଗି ଚୋରି ହୋଇଥିଲା। ଏ ନେଇ କାଉନସିଲରଙ୍କ ଭାଇ ଆଇ.ରମେଶ କୁମାର ରାୟଗଡ଼ା ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ଏହି ଚୋରି ଘଟଣାରେ ସଂପୃକ୍ତ ଥିବା ଅସ୍ରାଫୁଲ ଶେଖ, ମହମ୍ମଦ ରୋନୀ ଶେଖ, ମହମ୍ମଦ ଆଲାମିନ, ଶେଖ ବାବୁ ଓ ସମୀର ଶେଖଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲେ। ଏହି ମାମଲାରେ ୧୦ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣକୁ ଭିତ୍ତି କରି ୫ ଅଭିଯୁକ୍ତମାନଙ୍କୁ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟରେ ଆଉ ୬ ମାସ ଅଧିକ ଜେଲଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏସଡିଜେଏମ ବର୍ଷା ଦାସ। ସରକାରଙ୍କ ପକ୍ଷରୁ ଏହି ମାମଲା ପରିଚାଳନା କରିଥିଲେ ଆଇନଜୀବୀ ସଚିଦାନନ୍ଦ ଖାଡଙ୍ଗା। ଏହି ଚୋରି ଘଟଣାରେ ତତ୍କାଳୀନ ଆଇଆଇସି କେକେବିକେ କହଁର ଓ ବର୍ତ୍ତମାନର ଆଇଆଇସି ପ୍ରସନ୍ନ କୁମାର ବେହେରା ମିଳିତ ଭାବରେ ତଦନ୍ତ କରିଥିଲେ।

## ମିଟ୍ସର ଦୀକ୍ଷାରମ୍ଭ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ




ରାୟଗଡ଼ା, ୯।୯ (ସମିସ): ରାୟଗଡ଼ାର ମଝିଘରିଆଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ) ଠାରେ ଆଜି ବସନ୍ତ ଅଡିଟୋରିୟମରେ ବିବିଏ , ବିସିଏ, ଏମସିଏ ଏସସି. ବାୟୋଟେକ୍ନୋଲୋଜି,ଏସସି, ଫୁଡ୍ ଟେକ୍ନୋଲୋଜି ଏବଂ ଏମ.ଏସସି ବାୟୋଟେକ୍ନୋଲୋଜିର ନୂତନ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପାଇଁ ଦୀକ୍ଷାରମ୍ଭ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜନ କରିଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଅରବିନ୍ଦ ସ୍ୱାମୀ, ଏଜିଏମ, ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍, ସୁନାବେଡା ଏବଂ ସମ୍ମାନିତ ଅତିଥି ସୁନିଲ କୁମାର ପ୍ରଧାନ, ସହାୟକ ନିର୍ଦ୍ଦେଶକ,ଜେକେ ପେପର ମିଲ୍ସ ଲିମିଟେଡ୍ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଅଧ୍ୟକ୍ଷ ବାଳକୃଷ୍ଣ ପଣ୍ଡା, ନିର୍ଦ୍ଦେଶକ ଡକ୍ଟର ସି.ଭି. ଗୋପୀନାଥ, ଡିନ୍ ଡକ୍ଟର ସାନ୍ତନୁ ମହାନ୍ତି ଏବଂ ପ୍ରିନ୍ସିପାଲ୍ ପ୍ରଫେସର ରାମାନୁଜ ନାୟକଙ୍କ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ତିନି ଶହରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ପିତାମାତା ଏବଂ ଅଭିଭାବକଙ୍କ ସହିତ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ସେମାନଙ୍କର ବିଶାଳ ଶିଳ୍ପ ଅଭିଜ୍ଞତା ବାଣ୍ଟିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ପ୍ରେରଣା ଦେଇଥିଲେ। ସେମାନଙ୍କୁ କମ୍ପ୍ୟୁଟର ବିଜ୍ଞାନ, ପରିଚାଳନା, ବାୟୋଟେକ୍ନୋଲୋଜି ଏବଂ ଖାଦ୍ୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଶାଜନକ କ୍ୟାରିୟର ପଥ ଆଡକୁ ମାର୍ଗଦର୍ଶନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ମିଟ୍ସ କୁ ବାଛିବା ପାଇଁ ଅଭିନନ୍ଦନ ଜଣାଇଥିଲେ। ନିର୍ଦ୍ଦେଶକ ଡକ୍ଟର ସି.ଭି. ଗୋପୀନାଥ, ଡିନ୍ ଡକ୍ଟର ସାନ୍ତନୁ ମହାନ୍ତି ଏବଂ ପ୍ରିନ୍ସିପାଲ୍ ପ୍ରଫେସର ରାମାନୁଜ ନାୟକ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ।

## ବିଧାୟକଙ୍କୁ ସମସ୍ୟା ଜଣାଇଲେ ତାଡ଼ମା ଗ୍ରାମବାସୀ



ରାୟଗଡ଼ା, ୯।୯ (ସମିସ): ନିଜ ନିର୍ବାଚନ ମଣ୍ଡଳି ରାୟଗଡ଼ାରେ ଥିବା ଦୁଇଟି ବ୍ଲକ ସମେତ ୫୨ଗୋଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗ୍ରାମାଞ୍ଚଳରେ ରହିଥିବା ମୌଳିକ ସମସ୍ୟାର ସମାଧାନ ଏବଂ ବିକାଶ ନିମନ୍ତେ ନିଜ ଦାୟିତ୍ୱ ବହନ କରୁଛନ୍ତି ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ। ଆଜି ରାୟଗଡ଼ା ସଦର ବ୍ଲକ ତାଡମା ଗ୍ରାମପଞ୍ଚାୟତ ଗସ୍ତ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ବେଳେ ଗ୍ରାମରେ ଅନେକ ସମସ୍ୟା ଲାଗି ରହିଥିବା ସେ ଜାଣିବାକୁ ପାଇଥିଲେ। ତାଡମା ଗ୍ରାମରେ ନାଳ ସମସ୍ୟା ଯୋଗୁଁ ନାଳ ପାଣି ଏବଂ ବର୍ଷା ଜଳ ନିଷ୍କାସନ ହୋଇ ପାରୁ ନ ଥିବାରୁ ଘରେ ପାଣି ପଶୁଥିବା, ଗାଁ ଦେଇ ବାଇପାସ ରାସ୍ତା ଯାଇଥିବାରୁ ଅନେକ ସମୟରେ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଥିବାରୁ ରାସ୍ତା କଡରେ ସୁରକ୍ଷା ପାଚେରୀ ନିର୍ମାଣ ପାଇଁ ଗ୍ରାମବାସୀ ପ୍ରସ୍ତାବ ରଖିଥିଲେ। ସେହିପରି ଗାଁରେ ଅନେକ ବରିଷ୍ଠ ନାଗରିକ, ବିଧବାମାନେ ଭତ୍ତା ପାଇବାରୁ ବଞ୍ଚିତ ଥିବାରୁ ସ୍ଥାନୀୟ ପିଇଓଙ୍କୁ ଭତ୍ତା ପାଇବା ନିମନ୍ତେ ବ୍ୟବସ୍ଥା କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ଗ୍ରାମବାସୀମାନେ ଗାଁରେ ଏକ ଝାଙ୍କିରି ନିର୍ମାଣ ପାଇଁ ଦାବି କରିଥିବା ବେଳେ ତାଡମା ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ପଞ୍ଚାୟତ ଗୋଷ୍ଠୀ ଅଧିକାରିଣୀ ଇତିଶ୍ରୀ ପ୍ରିୟଦର୍ଶନୀ ବାରିକ କେନ୍ଦ୍ରରେ ଅନେକ ସମୟରେ ଅନୁପସ୍ଥିତ ରହୁଥିବା ଏବଂ କେବେ ହେଲେ ଠିକ୍ ସମୟରେ କେନ୍ଦ୍ର ଖୋଲୁ ନ ଥିବା ଅଭିଯୋଗ କରିବା ସହ ତାଙ୍କୁ ବଦଳି କରିବା ପାଇଁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ବିଧାୟକ ଘଟଣାସ୍ଥଳରେ ଗ୍ରାମବାସୀଙ୍କ ସମ୍ମୁଖରେ ଫୋନ ଯୋଗେ ଅଧିକାରିଣୀ ଇତିଶ୍ରୀଙ୍କ ସହ କଥା ହୋଇଥିବା ବେଳେ ତାଙ୍କ ଠାରୁ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ ଏବଂ ସିଡିଏମଓ ଭି.ସରୋଜିନୀ ଦେବୀଙ୍କୁ ଏହି ଘଟଣାକୁ ଗୁରତର ସହ ନେବାକୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ଅଭିଯୋଗକୁ ସିଡିଏମଓ ତୁରନ୍ତ କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶୃତି ଦେଇଥିଲେ।

## ଜିଲ୍ଲାରେ ଶୁଭାରମ୍ଭ ହେଲା ଜଳକ୍ରାନ୍ତି ଅଭିଯାନ

ରାୟଗଡ଼ା, ୯।୯ (ସମିସ): ରାୟଗଡ଼ା ଜିଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ ଆରମ୍ଭ ହେଲା ଜଳ କ୍ରାନ୍ତି ଅଭିଯାନ। ଆଜି ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀ ଙ୍କ ମନ୍ଦିରରୁ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ବିଜେପି ସଭାପତି ଶିବଶଙ୍କର ଉଲ୍ଲକାଙ୍କ ନେତୃତ୍ୱରେ ବିଜେପିର କର୍ମକର୍ତ୍ତା ମାନେ ଜିଲ୍ଲାର କୋଲନରା ବ୍ଲକ୍ ଗସ୍ତ କରି ଲୋକଙ୍କ ପାଖରେ ବିଭିନ୍ନ ସରକାରଙ୍କ ଲୋକହିତକର ଯୋଜନା ଗୁଡ଼ିକ ପହଞ୍ଚାଇବା ନେଇ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ଶ୍ରୀ ଉଲ୍ଲକାଙ୍କ ସହ ପୂର୍ବତନ ଜିଲ୍ଲା ଯୁବ ସଭାପତି ଦେବାଶିଷ ପଣ୍ଡା, ଯୁବ ନେତା ଉମାଶଙ୍କର ପାଢ଼ୀ, ଶାନ୍ତନୁ ସବୁଦ୍ଧି, ରମାକାନ୍ତ ଆଚାରି ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ଅବସ୍ଥା ଶୋଚନୀୟ, ରାସ୍ତା ମରାମତି ଦାବି



ଜୟପୁର, ୯।୯ (ସମିସ):

ଜୟପୁର ସହର ସାରା ଗତବର୍ଷାରେ ରାସ୍ତା ନଷ୍ଟ ହୋଇଯାଇଛି। ପୌରସଂସ୍ଥା ଅଞ୍ଚଳରେ କିଛି ମୁଖ୍ୟ ରାସ୍ତା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ରହିଛି। ତେଣୁ ତରନ୍ତ ଉକ୍ତ ରାସ୍ତା ଗୁଡିକର ମରାମତି କରିବାକୁ କୋରାପୁଟ ଜିଲ୍ଲା ଶାଖା ପବ୍ଲିକ ରାଇଟ୍ସ ମହାସଂଘ ପକ୍ଷରୁ ଦାବିପତ୍ର ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀୟ ରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲା ଶାଖା ତରଫରୁ ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ସହରର ରାଜା ନହର ଠାରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା, ଗାନ୍ଧୀ ଛକ ଠାରୁ ୱେଲକମ ଛକ ପର୍ଯ୍ୟନ୍ତ ଏଜି. ରୋଡ, ଖ୍ରୀଷ୍ଟିଆନପେଟା ଛକ ଠାରୁ ପଞ୍ଚାନନ ମନ୍ଦିର ଛକ, ପାରାବେଢା ଛକ ଠାରୁ ବାଇପାସ ରୋଡକୁ ସଂଯୋଗ କରୁଥିବା ରାସ୍ତା ଏବଂ ବିଭାଗ ଅଧୀନରେ ରହିଥିବା ଅନ୍ୟାନ୍ୟ ସହରର ରାସ୍ତା ଗୁଡିକରୁ ପିଚୁ ଓ ଗୋଡି ଉଠି ଖାଲଖମା ହୋଇଯାଇଛି। ତେଣୁ ଏପରି ରାସ୍ତା ଯୋଗୁଁ ବାଇକ, ସାଇକଲ୍ ଚାଳକ ମାନଙ୍କ ଗାତରେ ଚକା ଖସିପଡି ଛୋଟ ଓ ବଡ଼ ଦୁର୍ଘଟଣା ଘଟୁଛି। ଏହି ସମସ୍ୟାକୁ ନେଇ ସହରବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଏହି ଦୁରାବସ୍ଥାରେ ରହିଥିବା ରାସ୍ତା ଗୁଡିକର ଯଥାଶୀଘ୍ର ମରାମତି ଓ ନିର୍ମାଣ କରିବା ପାଇ ଦାବି ହୋଇଛି। ଏହି ଅବସରରେରେ ମହାସଂଘର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ବାହିନିପତିଙ୍କ ନେତୃତ୍ୱରେ ସଦସ୍ୟ, ମୀନକେନତ ପରିଚ୍ଛା, କନ୍ଦର୍ପ ପାଣିଗ୍ରାହୀ, ସୁଧିରଚନ୍ଦ୍ର ସାହୁ, ଶ୍ୟାମ ସୁନ୍ଦର ବେହେରା, ନରସିଂହ ନାୟକ, ହରିହର ଗାଦବା, ସାହେବ ମହାରଣା, ଟୁନାଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଗୁଡାରି, ୯।୯ (ସମିସ): ଗୁଡାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଦ୍ୱାଦଶ ତମ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଗୁଡାରି ବ୍ଲକର ୧୦ଟି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ର ମାନେ ମଶାଲ ନେଇ ଖେଳ ପଡିଆରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମର ପ୍ରଥମେ ଭାରପ୍ରାପ୍ତ ବିଇଓ ସାଙ୍ଗୁଡାରୁପା ମାଝୀ, ସିଆରସିସି ରାମକୃଷ୍ଣ ସାହୁ, ମହେନ୍ଦ୍ର ତୁଳ, ନେତ୍ରା ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ମଞ୍ଚରେ ଦେଖିବାକୁ ମିଳିଥିଲା। ପରେ ମୁଖ୍ୟ ଅତିଥି ଶ୍ରୀମତି ସ୍ୱାଇଁ କ୍ରୀଡା ପତାକାକୁ ଉତ୍ତୋଳନ କରିବା ପରେ କ୍ରୀଡା ଆରମ୍ଭ ହୋଇଥିଲା। କ୍ରୀଡା ପ୍ରତିଯୋଗିତାକୁ ତୁଲାଇବା ପାଇଁ ବ୍ଲକର ୯ ଜଣ କ୍ରୀଡା ଶିକ୍ଷକ ପଡ଼ିଆରେ ଯୋଗ ଦେଇଥିଲେ। ଦୁଇ ଦିନ ଖେଳ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିବା ପରେ ଜିଲ୍ଲାସ୍ତରୀୟ ପରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବ ବୋଲି ପରିଚାଳକ ଶ୍ରୀ ଗୁରୁ ମତ ଦେଇଥିଲେ।

## ଶୌଣ୍ଡିକ ସେବା ସଂଘ ପକ୍ଷରୁ ଚାରାରୋପଣ



ଗୁଣୁପୁର, ୯।୯ (ସମିସ): ଗୁଣପୁର ସହରାଞ୍ଚଳ ଶୌଣ୍ଡିକ ସେବା ସଂଘ ପକ୍ଷରୁ ରେଗେଡା ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରେଗେଡା ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପିଜୁଳି, ଲେମ୍ବୁ, ପଣସ ଅଁଳା, ଅମୃତଭଣ୍ଡା ଇତ୍ୟାଦି ଚାରା ଲଗାଯାଇଥିଲା। ସଂଘର ସଭାପତି ନରେନ୍ଦ୍ର କୁମାର ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ସେନାପତି, ଯୁଗ୍ମ ସଂପାଦକ ବିଶ୍ୱନାଥ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ କମିଟିର ସଭ୍ୟ ଚକ୍ରପାଣି ରତ୍ନାଲୁ, କୃଷ୍ଣଚନ୍ଦ୍ର ଚୌଧୁରୀ, ସୁବାଷ ଚନ୍ଦ୍ର ସେନାପତି, ଜନାର୍ଦ୍ଦନ ସେନାପତି, କୃଷ୍ଣଚନ୍ଦ୍ର ସାହୁ, କୁଞ୍ଜ ବିହାରି କଂସ ବେହେରା, ଶ୍ରୀନିବାସ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଫଳ ଚାରା ରୋପଣ କରିଥଲେ।

## ବାଫ୍ଲିମାଳି ଖଣି ପକ୍ଷରୁ ରକ୍ତଦାନ ଶିବିର



ଟିକିରି, ୯।୯, (ସମିସ): ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ, ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ, ବାଫ୍ଲିମାଳି ଖଣି ଓ ଜିଲ୍ଲା ରକ୍ତ କେନ୍ଦ୍ର ତରଫରୁ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ବାଫ୍ଲିମାଳୀ ଖଣି ମୁଖ୍ୟ ବିଜୟ ଚୌହାନ ଉପସ୍ଥିତ ରହି ରକ୍ତଦାନ କରିବା ସହ ସହଯୋଗୀ କର୍ମଚାରୀଙ୍କୁ ମଧ୍ୟ ରକ୍ତଦାନ କରିବା ନିମନ୍ତେ ଉତ୍ସାହିତ କରିଥିଲେ। ଉତ୍କଳ ଆଲୁମିନା ସିଏସଆର୍ ଜରିଆରେ ସବୁବେଳେ ସମାଜମଙ୍ଗଳ କାର୍ଯ୍ୟରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଛି। ପ୍ରଭାବିତ ଓ ପର୍ଶ୍ୱସ୍ଥ ଗ୍ରାମାଞ୍ଚଳରେ ଲୋକଙ୍କ କୌଶଳ ଭିତ୍ତିକ ଜୀବିକା ପ୍ରଦାନ, ସାମାଜିକ ତଥା ଅର୍ଥନୈତିକ ଉନ୍ନତୀକରଣ ପାଇଁ ସର୍ବଦା ପ୍ରଚେଷ୍ଟା ଜାରି ରହିଛି। ଏହି କ୍ରମରେ କମ୍ପାନୀ ତରଫରୁ ରକ୍ତ ଅଭାବରୁ ଯେପରି କାହାର ପ୍ରାଣହାନୀ ନହୁଏ ଏଥିପାଇଁ ପଦକ୍ଷେପ ସ୍ୱରପ ଏହି ରକ୍ତ ଦାନ ଶିବିର ଆୟୋଜନ ହୋଇଛି। ଉକ୍ତ ରକ୍ତଦାନ ଶିବିରରେ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣିରେ କାର୍ଯ୍ୟରତ କର୍ମଚାରୀ ଓ ସହଯୋଗୀ କମ୍ପାନୀର କର୍ମକର୍ତ୍ତା ମାନେ ଆଗ୍ରହ ସହକାରେ ରକ୍ତଦାନ କରିଥିଲେ। ଶିବିରରେ କାଶୀପୁର ଥାନାଧିକାରୀ ଦେବ୍ ମଲ୍ଲିକ, ଏସଆଇ ପ୍ରଶାନ୍ତ ସ୍ୱାଇଁ, ଅଣ୍ଡିରାକଞ୍ଚ ଏସଆଇ ଅରୁଣ ପାତ୍ରଙ୍କ ସମେତ ଉତ୍କଳ ଆଲୁମିନା ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଖଣି ସିଏସଆର ମୁଖ୍ୟ ମନୋଜ ଦାଶ, ସୁଶାନ୍ତ ଧଳ, ବିନୋଦ ପୂଜାରୀ, ରୁପେନ୍ ପଟ୍ଟନାଟକ, ଦିଗନ୍ତ ମହାନ୍ତି, ସଞ୍ଜୀବ ମହାନ୍ତି, ଦିଲୀପ ନାଏକ, ଦେବୀ ପ୍ରିୟା, ନିରୁପମା ବାରିକ, ସସ୍ମିତା ଖୋସଲା, ସୁଧୀର ନାଏକଙ୍କ ସମେତ ଅନ୍ୟ ସିଏସଆର ଓ ଖଣି ବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଉକ୍ତ ରକ୍ତଦାନ ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି।

## ମୌଳିକ ସୁବିଧାରୁ ବଞ୍ଚିତ ହିର୍ସୁଲି ଗ୍ରାମ



କଲ୍ୟାଣସିଂହପୁର, ୯।୯ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର କରପା ପଞ୍ଚାୟତର ହିର୍ସୁଲି ଗ୍ରାମର ଲୋକେ ମୌଳିକ ସୁବିଧାରେ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ଏହି ଗ୍ରାମକୁ ଯିବାକୁ ହେଲେ ତଳରମ୍ବା ଠାରୁ ହିର୍ସୁଲି ଗାଁକୁ ୩ କିଲୋମିଟର ଜୀବନକୁ ବାଜିଲଗାଇ ଯିବାକୁ ପଡ଼େ। ଗର୍ଭବତୀ କିମ୍ବା ଯେ କୌଣସି ରୋଗୀ ଆହତ ହେବା ସୁନିଶ୍ଚିତ। ରାସ୍ତା ନଥିବାରୁ କୌଣସି ଗାଡି ଯାତାୟତର ସୁବିଧା ନାହିଁ। ବର୍ଷା ଋତୁ ଆସିଲା ପରେ ବି ସ୍ପ୍ରିଙ୍ଗ ପାଇପରୁ ପାଣି ଆସୁନି। ଗୁହାରି କଲେ କେହି ଶୁଣୁ ନାହାନ୍ତି। ଭାଗ୍ୟକୁ ଆଦରି ନିକଟସ୍ଥ ନାଳପାଣିକୁ ଆଦରି ନେଇ ଜୀବନ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ହିସୁଲି ଗ୍ରାମବାସୀ। ବିଜୁଳି ବ୍ୟବସ୍ଥା କଥା ନ କହିବା ଭଲ। ବିଦ୍ୟୁତ ଖୁଣ୍ଟ ଅଛି ଟ୍ରାନ୍ସଫର୍ମର ଅଛି, ଗାଁରେ ବିଜୁଳି ନାହିଁ। ବିଦ୍ୟାଳୟ ଅଛି । ପ୍ରଥମରୁ ଅଷ୍ଟମ ଯାଏ ବିଦ୍ୟାଳୟର କାନ୍ଥଫାଟି ଆଁ କରିଛି । କେତେବେଳେ ଅଘଟଣ ଘଟିବ ତାହା କହି ହେବନାହିଁ । ତାହା ପାଇଁ ବିଦ୍ୟାଳୟର ଶିକ୍ଷକ ଦାୟୀ ନା ପ୍ରଶାସନ ଦାୟୀ ରହିବେ ତାହା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଚାରି ଆଡେ ଘଞ୍ଚ ଜଙ୍ଗଲ ମଧ୍ୟରେ ବିଦ୍ୟାଳୟ ରହିଛି । ନା ରହିଛି ବିଦ୍ୟାଳୟ ପାଚେରୀ ନା ଅଛି ପିଇବା ପାଣିର ବ୍ୟବସ୍ଥା। ଝରଣା ପାଣିକୁ ଛାତ୍ର ଛାତ୍ରୀ ସେବନ କରୁଛନ୍ତି। ଯାହାଫଳରେ ରୋଗ ଆକ୍ରାନ୍ତ ହେଉଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି। ବାରମ୍ବାର ଶିକ୍ଷକ ମାନେ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ କିମ୍ବା ରାଜନୈତିକ ନେତା ମାନେ ଦୃଷ୍ଟି ଦେଉ ନ ଥିବା କହିଛନ୍ତି। ଏହି ଗ୍ରାମରେ ୩୫ ଆଦିବାସୀ ପରିବାର ଆଦିମକାଳରୁ ଜୀବିକା ନିର୍ବାହ କରି ଆସୁଛନ୍ତି। କିନ୍ତୁ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ଗ୍ରାମବାସୀ। ପ୍ରଥମେ ଏହି ଗ୍ରାମରେ ପିଇବା ପାଣି କହିଲେ ଝରଣା ପାଣି ଉପରେ ନିର୍ଭର କରି ଚଳି ଆସୁଥିଲେ। ୨୦୦୯ ମସିହାରେ ବ୍ୟାପକ ଝାଡା ବାନ୍ତି ହୋଇ କିଛି ଲୋକଙ୍କ ମୃତ୍ୟୁ ହେବାପରେ ପ୍ରଶାସନ ଚେତିଥିଲା। ଏମିତିକି ସେଠାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ପାଣି ମିଳୁନଥିବାରୁ ମଧ୍ୟାହ୍ନ ଭୋଜନ ରୋଷେଇରେ ଅସୁବିଧା ସୃଷ୍ଟି ହେଉଥିବାରୁ ପିଲାଙ୍କୁ ଖାଦ୍ୟ ବଣ୍ଟନରେ ବ୍ୟାଘାତ ସୃଷ୍ଟି ହେଉଥିବା ଶିକ୍ଷକ ପ୍ରକାଶ କରିଛନ୍ତି। ଏହି ଗାଁକୁ ପ୍ରଶାସନର ଦୃଷ୍ଟି କେବେ ପଡିବ ବୋଲି ଗାଁର ୱାଲିସି କାଡ୍ରାକା, କେଶବ କାଡ୍ରାକା, ମାସକେଇ କାଡ୍ରାକା,ବଳନ୍ତି କାଡ୍ରାକା,ସାଲମା କାଡ୍ରାକା,ଜଗନ୍ନାଥ କାଡ୍ରାକା ଓ ଲକ୍ଷ୍ମୀ କାଡ୍ରାକା କହିଛନ୍ତି।

## ଏସ୍‌ଏସ୍‌ଡି ବିଦ୍ୟାଳୟ ପରିସରରେ ଚାରାରୋପଣ

ଚନ୍ଦ୍ରପୁର, ୯।୯ (ସମିସ): ରାୟଗଡା ଜିଲ୍ଲା ଚନ୍ଦ୍ରପୁର ଆଦିବାସୀ ଅଧୁଷିତ ଅଞ୍ଚଳରେ ଚନ୍ଦ୍ରପୁର ୪ଏଫ ବାଟାଲିୟନ କମ୍ପାନୀ ସିଆରପିଏଫ ତରଫରୁ ପିଏମଶ୍ରୀ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ଠାରେ କମାଣ୍ଡାଣ୍ଟ ଫିରୋଜ କୁଜୁର ଦ୍ୱିତୀୟ କମାଣ୍ଡ ଅଧିକାରୀ ସଞ୍ଜୟ ରାଉତ, ପ୍ରଭାକର ଉପାଧ୍ୟାୟଙ୍କ ମିଳିତ ନିର୍ଦ୍ଦେଶ ଅନୁସାରେ ୪ଏଫ୍ କମ୍ପାନୀ କମାଣ୍ଡର ପଲାନି ଏବଂ ସମସ୍ତଯବାନସହିତପିଏମ୍‌ଶ୍ରୀଉଚ୍ଚବିଦ୍ୟାଳୟରପ୍ରଧାନଶିକ୍ଷକଭାସ୍କରଗୋମାଙ୍ଗ, କୃଷିଶିକ୍ଷକ ଡ. ପ୍ରଦୀପ କୁମାର ଚୋଧୁରୀ, ବିଦ୍ୟାଳୟ ଶିକ୍ଷକ ଛାତ୍ର ଙ୍କ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ପ୍ରାୟ ୨୫୦ବିଭିନ୍ନ କିସମର ଓ ଔଷଧିଅ ପ୍ରକାର ଚାରା ରୋପଣ କରିଥିଲେ। ଏଥିରେକମ୍ପାନୀକମଣ୍ଡରଟିପଲାନିଛାତ୍ରଙ୍କୁଚାରାରୋପଣଉପକାରିତାନେଇବୁଝାଇଥିଲେ।

## ମିଟ୍ସ ଶିକ୍ଷାନୁଷ୍ଠାନରେ 'ରୟାଲ ଚାର୍ଟର ଡେ' ଉଦ୍‌ଯାପିତ




ରାୟଗଡା, ୯।୯ (ସମିସ): ମଝିଘରିଆଣି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ ), ରାୟଗଡାରେ ରୋୟାଲ୍ ଚାର୍ଟର ଡେ' ଉତ୍ସବ, ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିଅର୍ସ (ଇଣ୍ଡିଆ), ସୁନାବେଡା ସ୍ଥାନୀୟ କେନ୍ଦ୍ର ସହ ଯୋଗ ସାଜସଜ୍ଜାରେ, ଗମ୍ଭୀରତା ଓ ଉତ୍ସାହର ସହିତ ପାଳନ କରାଯାଇଥିଲା। ଏହି ଦିନଟି ୧୯୩୫ ମସିହାରେ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିଅର୍ସ (ଇଣ୍ଡିଆ) କୁ ଦିଆଯାଇଥିବା "ରୋୟାଲ୍ ଚାର୍ଟର'ର ଐତିହାସିକ ମାନ୍ୟତାକୁ ସ୍ମରଣ କରାଇଥାଏ। ଯାହା ଭାରତରେ ଇଞ୍ଜିନିୟରିଂ ବୃତ୍ତିକୁ ପ୍ରୋତ୍ସାହନ ଓ ଅଗ୍ରସର କରିବା ପାଇଁ ପ୍ରଦାନ କରାଯାଇଥିଲା। ଏହି ଅବସରଟିରେ ସଞ୍ଜୟ କୁମାର ବିସୋଇ, ହାଲ ଓ ଅରବିନ୍ଦ ସ୍ୱାମୀ, ଏଜିଏମ, ହାଲ, ସୁନାବେଡାସ୍ଥାନୀୟକେନ୍ଦ୍ରରପଦାଧିକାରୀଭାବେଉପସ୍ଥିତ ଥିଲେ। ଡ଼. ସି.ଭି. ଗୋପୀନାଥ, ଏଫଆଇଇ, ନିର୍ଦ୍ଦେଶକ, ମିଟ୍ସ ରାୟଗଡା ଅଧ୍ୟକ୍ଷତା କରିଥିଲେ। "ମିଟ୍ସ ର ସମସ୍ତ ବିଭାଗ ମୁଖ୍ୟମାନେ ଓ ବରିଷ୍ଠ ଅଧ୍ୟାପକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ବନବିଭାଗର 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ରାମନାଗୁଡ଼ା, ୯।୯ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକର ବନବିଭାଗ ପକ୍ଷରୁ ଆଜି ରାମନାଗୁଡା ବ୍ଲକର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ରାମନାଗୁଡା ବ୍ଲକର ବନବିଭାଗର ଫାର୍ମ ହାଉସ ଠାରୁ ବାଜା ବଜାଇ ଶୋଭାଯାତ୍ରାରେ ୧ ହଜାର ଚାରାକୁ ନେଇ ବନାଞ୍ଚଳ ଅଧିକାରୀ ଗଙ୍ଗାଧର ମିଶ୍ର ଏବଂ ବନପାଳ ଅଧିକାରୀ ଜୟଦେବ ଶବର ବାହାରି ରାମନାଗୁଡା ବ୍ଲକ ଆଡ଼କୁ ଯାଇଥିଲେ। ସେଠାରେ ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ବିଡ଼ିଓ ପ୍ରଦ୍ୟୁମ୍ନ ମଣ୍ଡଳ ଏବଂ ରାମନାଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ୫୦୦ ଚାରା ଗ୍ରହଣ କରି ରୋପଣ କରିଥିଲେ। ଆଉ ୫୦୦ ବୃକ୍ଷ କୁଜିନ୍ଦ୍ରି ଗ୍ରାମପଞ୍ଚାୟତକୁ ପଠାଯାଇଥିଲା। ସରପଞ୍ଚ ରମେଶ ଶବର ଏବଂ କୁଜିନ୍ଦ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଉକ୍ତ ଚାରା ଗ୍ରହଣ କରି ରୋପଣ କରିଥିଲେ। ଏଥିରେ ବନରକ୍ଷୀ ରଞ୍ଜିତା ଗୌଡ ଓ କଳ୍ପନା ନାୟକ ଏବଂ ପାରା ଫରେଷ୍ଟ ଗାର୍ଡ ଲୋକନାଥ ଗୌଡ ସହଯୋଗ କରିଥିଲେ।ଗୁଣୁପୁର ବନାଞ୍ଚଳ,ରାୟଗଡା ବନଖଣ୍ଡ ତରଫରୁ ରାମନାଗୁଡା ବ୍ଲକର ୧୨ଗୋଟି ପଞ୍ଚାୟତ ରେ ୬ହଜାର ବୃକ୍ଷ ରୋପଣ କରିବାର ସ୍ଥିର କରାଯାଇଛି ବୋଲି ବନପାଳ ଜୟଦେବ ଶବର କହିଛନ୍ତି। ଆଜି ଶୁଭାରମ୍ଭ କାର୍ଯ୍ୟକ୍ରମ ଟିକୁ ରାମନାଗୁଡା ବ୍ଲକର ବନବିଭାଗର ବନପାଳ ଜୟଦେବ ଶବର ପରିଚାଳନା କରିଥିଲେ।

## ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସ୍ମାରକପତ୍ର



ରାୟଗଡ଼ା, ୯।୯ (ସମିସ): ୬ଦଫା ଦାବି ନେଇ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୂର ମହାସଂଘ ରାୟଗଡ ଶାଖା ତରଫରୁ ରାୟଗଡ଼ା ଜିଲ୍ଲାପାଳଙ୍କ ଜରିଆରେ ସହକାରୀ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସ୍ୱଳ୍ପ ପାରିଶ୍ରମିକ ଦେଇ ଟାଟା ପାୱାର ଠିକା ଶ୍ରମିକ ମାନଙ୍କୁ ଶୋଷଣ କରିବାରେ ପଛଘୁଞ୍ଚା ଦେଉନାହିଁ। ଠିକା ଶ୍ରମିକ ମାନେ ଦୁର୍ଦ୍ଦିନରେ ବିଭିନ୍ନ ପ୍ରକାର ଦୈବୀ ଦୁର୍ବିପାକରେ ଅକଥନୀୟ ଅସୁବିଧାରେ ରହୁଛନ୍ତି। ବର୍ତ୍ତମାନ୍ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୂର ମହାସଂଘ ସଂଲଗ୍ନ ଭାରତୀୟ ମଜଦୂର ସଂଘ ପକ୍ଷରୁ ୬ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଓଡ଼ିଶାର ୩୦ଟି ଜିଲ୍ଲାରେ ଜିଲ୍ଲାପାଳଙ୍କ ଜରିଆରେ ଆଜି ସ୍ମାରକପତ୍ର ଦିଆଯାଇଛି। ଦାବି ଗୁଡ଼ିକ ହେଲ ୨୦୧୯ ର କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା ମଜୁରୀ ଲାଗୁ କରାଯାଉ, ହରିଆନା ଆଉଟ୍ ସୋର୍ସିଂ ମଡେଲ୍ ଲାଗୁ, ଇଣ୍ଟର ଜୋନ୍ ବଦଳି ବ୍ୟବସ୍ଥା ,୨୦୨୩ ମସିହା ବିଦ୍ୟୁତ୍ ବିଲ୍‌କୁ ସମୀକ୍ଷା କରି ଘରୋଇକରଣ ବଦଳରେ ଉତ୍ପାଦନ, ପରିବହନ ଓ ବିତରଣକୁ ସରକାରୀକରଣ ପ୍ରଭୃତି ବିଭିନ୍ନ ଦାବି ରହିଛି। ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୂର ମହାସଂଘର ସାଉଥ୍‌କୋର ସଂଯୋଜକ ଆନନ୍ଦ ରାଓଙ୍କ ନେତୃତ୍ୱରେ ଶତାଧିକ କର୍ମୀ, ଭାରତୀୟ ମଜଦୂର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଅଖିଳ ଭାରତ ନିର୍ମାଣ ମଜଦୂର ମହାସଂଘର ବିଧି ପ୍ରମୁଖ ଅରୁଣ କୁମାର ଲେଙ୍କା, ଜିଲ୍ଲା ସମ୍ପାଦକ ଗଣେଶ ସାହୁ, ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୂର ମହାସଂଘର ସର୍କିଲ ସଭାପତି ଆନନ୍ଦ ନେପାକ, ଜିଲ୍ଲା ଉପସଭାପତି ସୁରେନ୍ଦ୍ର ପ୍ରଧାନ, କୃଷି ଗ୍ରାମୀଣ ମଜଦୂର ସଂଘର ସୁନ୍ଦର ରାଓ କାଡ୍ରାକା, ପର୍ଯ୍ୟାବରଣ ସଂଯୋଜକ ଘୋଷ୍ ବାବୁ, ସହ ସଂଯୋଜକ ରମେଶ ସାରକା, ନିଖିଳ ଓଡ଼ିଶା ମଜଦୂର ମହାସଂଘର ବିଶ୍ୱଜିତ୍ ଜେନା, ଆଶିଷ ବିଭୋର, ଯୋଗେଶ୍ୱର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଦାବି କରିଥିଲେ।

## ଲିଙ୍ଗଗତ ବିଷମତାକୁ ନେଇ କର୍ମଶାଳା

ଟିକିରି, ୯।୯ (ସମିସ):

ଲିଙ୍ଗଗତ ବିଷମତା ସାମ୍ପ୍ରତିକ ସମୟର ଏକ ବହୁତ ବଡ଼ ସମସ୍ୟା। ସମାଜର ପ୍ରତ୍ୟେକ ସ୍ତରରେ ଲିଙ୍ଗାଗତ ବିଷମତା ଉପସ୍ଥିତ। ଏହା ଯୋଗୁ ନାରୀମାନେ ବିଭିନ୍ନ ଅଧିକାରରୁ ବଞ୍ଚିତ ହେଉଛନ୍ତି ଓ ଏହାର ପ୍ରଭାବ ସେମାନଙ୍କ ଜୀବନରେ ସଫଳତାକୁ ସଂକୁଚିତ କରୁଛି। ଲିଭିଙ୍ଗ ଫାର୍ମସ ଅନୁଷ୍ଠାନ ଦ୍ୱାରା ସେପ୍ଟେମ୍ବର ୭ରୁ ୮ ଯାଏ ଦୁଇ ଦିନିଆ ଲିଙ୍ଗଗତ ସମାନତା ବିଷୟରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋରଖପୁର ଓ ଦୁଡୁକା ବାହାଲ ପଞ୍ଚାୟତର ପ୍ରାୟ ପଚାଶ ଜଣ କିଶୋରୀ ବାଳିକା ଓ ଯୁବକମାନେ ଯୋଗ ଦେଇଥିଲେ। ବ୍ଲକ୍ ସଂଯୋଜକ ସୁକାନ୍ତ ନାଏକ ଏହି କର୍ମଶାଳା ପରିଚାଳନା କରିଥିବା ବେଳେ କିଶୋରୀ ସାଥୀ ଦିଶାନି ଓ ଚଞ୍ଚଳା ନାଏକ ସହଯୋଗ କରିଥିଲେ। ଏପରି କର୍ମଶାଳାର ଆହୁରି ଅଧିକ ଆବଶ୍ୟକ ଅଛି ବୋଲି ଉପସ୍ଥିତ ବାଳିକା ଓ ଯୁବକମାନେ ମତ ପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପା ମାଝୀ, ଅର୍ଚ୍ଚନା ଝଡ଼ିଆ, ନମିତା ମାଝୀ, ଜଗନ୍ନାଥ ମାଝୀ, ସମୀର ନାଏକ ଆଦି କର୍ମଶାଳାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ଭାବନା ବ୍ୟକ୍ତ କରିଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ବାର୍ଷିକୀ

ନବରଙ୍ଗପୁର, ୯।୯ (ସମିସ): ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡା. ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ, ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ, ପୂଜ୍ୟପୂଜା, ସ୍ମୃତି ଚାରଣ , ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସ୍ଥାନୀୟ ସଦାଶିବ ପାର୍କ ଠାରେ ସ୍ଥାପିତ ଡ ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀଙ୍କ ସହ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଡ ସଦାଶିବ ତ୍ରୀପାଠୀଙ୍କ ଦାୟାଦ କେଦାରନାଥ ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଅବସର ପ୍ରାପ୍ତ ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟାପକ ଡ଼ ବିଜୟ କୁମାର ମିଶ୍ର , ବହୁ କାଉନସିଲର ଏବଂ ସ୍ଥାନୀୟ ମ୍ୟୁନିସିପାଲ ହାଇସ୍କୁଲ୍ ର ଛାତ୍ର, ଛାତ୍ରୀ,ଶିକ୍ଷକ ଶିକ୍ଷୟତ୍ରୀ,ମହାବିଦ୍ୟାଳୟ ଅଧ୍ୟାପକ,ସହରର ବୁଦ୍ଧିଜୀବୀ,ଗଣମାଧ୍ୟମ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ପରେ ପୌର ପାଳିକା ସମ୍ମିଳନୀ ଗୃହରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ ଯୋଗ ଦେଇଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କ ନାତି ତଥା ପୂର୍ବତନ କାଉନସିଲର କେଦାରନାଥ ତ୍ରିପାଠୀ, ଅବସର ପ୍ରାପ୍ତ ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟାପକ ଡ ବିଜୟ ମିଶ୍ର, କାଉନସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ , ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ନାରାୟଣ ପଣ୍ଡା ମଞ୍ଚାସୀନ ହୋଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ୧୦ ନମ୍ବର ୱାର୍ଡ କାଉନସିଲର ଏ.ସତିଶ , କାଉନସିଲର ଶର୍ମିଷ୍ଠା ଦେଓ, ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କ ପଣିନାତି ତଥା ପୂର୍ବତନ ୫ନମ୍ବର ୱାର୍ଡ କାଉନସିଲର ସନ୍ତୋଷ କୁମାର ମିଶ୍ର , ପଣିନାତି ହିମାଂଶୁ ଶେଖର ତ୍ରିପାଠୀଙ୍କ ସମେତ ବହୁ କାଉନସିଲର ଏବଂ ପୌରପାଳିକା କର୍ମଚାରୀ ରାମ ଶଙ୍କର ଦାସ, ଜ୍ୟୋତି ପରିଛା, ଶ୍ରୀକାନ୍ତ ଦାସ , ଶାନୁ ପ୍ରହରାଜ,ରାଜେଶ୍ କୁମାର ତ୍ରିପାଠୀ, ଅଶୋକ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ବହୁ ପୌର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।



## ମାଲକାନଗିରି ଜିଲ୍ଲା ଗସ୍ତରେ କୃଷି ଅତିରିକ୍ତ ସଚିବ

ମାଲକାନଗିରି, ୯।୯ (ସମିସ): କୃଷି ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ମାଲକାନଗିରି ଜିଲ୍ଲାର କୃଷିଭିତ୍ତିକ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ସେ କ୍ଷୁଦ୍ର ଶସ୍ୟ ଚାଷ ପ୍ରଦର୍ଶନ କ୍ଷେତ୍ର ପରିଭ୍ରମଣ କରିଥିଲେ ଏବଂ ଏମ ଭି ୭ ର ଉଚ୍ଚ ବିଦ୍ୟାଳୟରେ ଶ୍ରୀଅନ୍ନ ଯୋଜନା, ଜିଲ୍ଲା କୃଷି ବିଭାଗ ମାଲକାନଗିରି ତରଫରୁ ଆୟୋଜିତ ପାରମ୍ପରିକ କ୍ଷୁଦ୍ର ଶସ୍ୟ ଯୁକ୍ତ ଖାଦ୍ୟ ମେଳା ପରିଭ୍ରମଣ କରି ଏହାର ଉଦ୍‌ଘାଟନ କରିଥିଲେ। ଖାଦ୍ୟ ମେଳାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ଉଦ୍ୟାନ ଅଧିକାରୀ, ଶ୍ରୀଅନ୍ନ ଯୋଜନାର ଜିଲ୍ଲା ସଂଯୋଜକ ଓ ଆଞ୍ଚଳିକ ସଂଯୋଜକ, ଜିଲ୍ଲା ମୁଖଯନ୍ତ୍ରୀ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ, ଅନ୍ୟାନ୍ୟ କୃଷି ଅଧିକାରୀ ସହିତ ଏମଭି ୭ ବିଦ୍ୟାଳୟର ଶିକ୍ଷକ ଏବଂ ଶତାଧିକ ଛାତ୍ର ଏହି ଖାଦ୍ୟ ମେଳାରେ ଅଂଶଗ୍ରହଣ କରିଥିଲେ। ଏହି ଖାଦ୍ୟ ମେଳାରେ ଗୋପବନ୍ଧୁ ବିକାଶ ସଂସ୍ଥାର ସହଯୋଗରେ ମା'ସନ୍ତୋଷି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ କ୍ଷୁଦ୍ର ଶସ୍ୟରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରିଥିଲେ। କୃଷି ଅତିରିକ୍ତ ସଚିବ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଗ୍ରହଣ କରି ଶ୍ରୀ ଅନ୍ନ ଯୋଜନାର ସଫଳ ହୋଇଛି ବୋଲି କହିଥିଲେ।



● ଛାତ୍ରଙ୍କୁ ଦୁର୍ବ୍ୟବହାର ଓ ଅସଦାଚରଣ ଘଟଣା

## ନିଲମ୍ବନ ହେଲେ ପ୍ରଧାନ ଶିକ୍ଷକ

ମାଲକାନଗିରି, ୯।୯ (ସମିସ): ମାଲକାନଗିରି ଜିଲ୍ଲାରେ ଜଣେ ପ୍ରଧାନ ଶିକ୍ଷକ ଛାତ୍ରଙ୍କୁ ଅସଦାଚରଣ ଓ ଗୁପ୍ତାଙ୍ଗକୁ ଆଘାତ ଦେବା ଅଭିଯୋଗ ହୋଇଛି। ଏହି ଘଟଣାରେ ନିଲମ୍ବିତ ହେଲେ ସମ୍ପୃକ୍ତ ଶିକ୍ଷକ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଏମଭି ୯ ଗ୍ରାମ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାମନ୍ତରା କ୍ରମାଗତ ଭାବେ ଅନେକ ସମୟରେ ନିଜ କାର୍ଯ୍ୟରେ ଅବହେଳା କରୁଥିବା ବେଳେ ପିଲାଙ୍କ ସହ ଅଶ୍ଳୀଳ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। କିଛିଦିନ ପୂର୍ବେ ଏହି ଶିକ୍ଷକ ଜଣଙ୍କ ଜଣେ ୭ମ ଶ୍ରେଣୀ ଛାତ୍ରଙ୍କ ସହ ଅସଦାଚରଣ କରି ଛାତ୍ରଙ୍କ ଗୁପ୍ତାଙ୍ଗକୁ ଆଘାତ ଦେଇଥିଲେ। ଫଳରେ ଛାତ୍ର ଜଣଙ୍କ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଗ୍ରାମବାସୀ ଜାଣିବା ପରେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଗ୍ରାମରେ ଏହାକୁ ନେଇ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଉକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ତାଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ନିଲମ୍ବିତ କରିଥିବା ଜଣାପଡିଛି।

# ବିପୁଳ ଗଞ୍ଜେଇ ଜବତ



ମାଲକାନଗିରି, ୯।୯ (ସମିସ): ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ବିପୁଳ ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ଦିନ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଅବକାରୀ ବିଭାଗ ତରଫରୁ ପେପରମେଟଲା ଥାନା ଅନ୍ତର୍ଗତ ସାରକୁବଣ୍ଡା ଗ୍ରାମ୍ୟ ଘଞ୍ଚ ଜଙ୍ଗଲରେ ଚଢାଉ କରଯାଇଥିଲା। ବିପୁଳ ପରିମାଣର ଗଞ୍ଜେଇ ରହିଥିବା ଖବର ପାଇ ଏହି ଚଢାଉ ହୋଇଥିବା ବେଳେ ଜଙ୍ଗଲ ମଧ୍ୟରେ ତଲାସି ବେଳେ ପ୍ରାୟ ୩୪୦ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଚଉତିରିଶ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛିକ୍ଷ ପ୍ରକାଶ ଥାଉକି ଉକ୍ତ ଗଞ୍ଜେଇକୁ ବାହାର ରାଜ୍ୟକୁ ଚାଲାଣ ପାଇଁ ଜଙ୍ଗଲ ଭିତରେ ଲୁଚାଯାଇଥିଲା। ଏ ସଂକ୍ରାନ୍ତରେ ବାଲିମେଳା ଅବକାରୀ ଥାନାରେ ଏକ ଦାବିହୀନ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ପାଇଁ ବାଲିମେଳା ଅବକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚଢ଼ାଉ ସମୟରେ ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ଅବକାରୀ ଉପ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁକାର, ଦୀପକ କୁମାର ସାମଲ, ବ୍ରଜ ବିହାରୀ ନାୟକ, ଏଏସଆଇ ରାମଚନ୍ଦ୍ର ହନ୍ତାଲ, ପ୍ରଦୀପ କୁମାର ନାୟକ, କନେଷ୍ଟବଳ ବିପୁଳ ଶେଖର ଯୋଦ୍ଧର, ପବିତ୍ର ଭତ୍ରା, ଗୋବିନ୍ଦ ବେଞ୍ଜାମୀ, ଜ୍ଞାନ ରଞ୍ଜନ ସାହୁ, ଚନ୍ଦ୍ର କାନ୍ତ ନାୟକ, ନାଗେଶ ପଣ୍ଡା, ପ୍ରବୀଣ କୁମାର ସାହୁ, ସରିତା ନାୟକ, ଜୁଲି ସା, ସୁଜାତା ହିଆଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ବସନ୍ତ ରଣାଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ଗ୍ରାମବାସୀ



କୋରୁକୋଣ୍ଡା, ୯।୯ (ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଂଚାୟତ ଅନ୍ତର୍ଗତ କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣା ରାଷ୍ଟ୍ରପତି ପୁରସ୍କାର ଗତ ୫ ତାରିଖ ଗୁରୁ ଦିବସ ରେ ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କ ଠାରୁ ଉତ୍ତମ ଶିକ୍ଷକ ଭାବେ ପୁରସ୍କାର ଗ୍ରହଣ କରିବା ପରେ ଆଜି ନିଜ ଅଞ୍ଚଳ ତଥା ନିଜ ସ୍କୁଲ ମାଟି କଣ୍ଡେଲ ଗ୍ରାମରେ ପହଞ୍ଚିଥିଲେ। ଶିକ୍ଷକଙ୍କର ଏପରି ସଫଳତାକୁ ଗ୍ରାମବାସୀ ଅତି ଆନନ୍ଦ ସହକାରେ ପାଳନ କରିଥିଲେ। ଏଥି ନିମନ୍ତେ ଶିକ୍ଷକ ଶ୍ରୀ ରଣାଙ୍କୁ ମହେଶ୍ୱରପୁର ଛକ ଠାରୁ କଣ୍ଡେଲ ଗ୍ରାମ ପର୍ଯ୍ୟନ୍ତ ବାଜା, ବାଣ ଏବଂ ରୋଷଣୀ ମାଧ୍ୟମରେ ଆଦିବାସୀ ସଙ୍ଗୀତର ତାଳେ ତାଳେ ଢେମସା ନୃତ୍ୟ କରି ସ୍ୱାଗତ ଜଣାଇ ଏକ ବିଶାଳ ରାଲି ମାଧ୍ୟମରେ ଶିକ୍ଷକଙ୍କୁ ନିଜ ଅଞ୍ଚଳକୁ ସ୍ୱାଗତ ଜଣାଇଥିଲେ ଏହି ୨ ଗ୍ରାମବାସୀ। ଏହି ସମ୍ବର୍ଦ୍ଧନା ଉତ୍ସବ ସମୟରେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରିଣୀ ଗାୟତ୍ରୀ ଦେବୀ ଏବଂ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲ୍ଲା ଯୁବ କଂଗ୍ରେସର ସାମାଜିକ ଗଣମାଧ୍ୟମ ସଂଯୋଜକ ହେଲେ ଇର୍ସାଦ



ପଡିଆ, ୯।୯ (ସମିସ): ମାଲକାନଗିରି ଜିଲ୍ଲା ଯୁବ କଂଗ୍ରେସର ନୂତନ ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଏମଡି ଇର୍ସାଦଙ୍କୁ ନିଯୁକ୍ତି ମିଳିଛି। ଏଥିପାଇଁ ଜିଲ୍ଲାର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ, କଂଗ୍ରେସର ବରିଷ୍ଠ ସଦସ୍ୟ , ଗୋବିନ୍ଦ ପାତ୍ର, ମାଲା ମାଡି, ଜି. ଶ୍ରୀନିବାସ ରାଓ, ଇସାଖ ଖୋସଲା, ପ୍ରମୋଦ କୁମାର ସେଠୀଙ୍କ ସମେତ ବହୁ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟାଳୟ ସମୂହ ଦୌଡ଼କୁଦ କ୍ରୀଡ଼ା ପ୍ରତିଯୋଗିତା



ଏମିଭି ୭୯,(ସମିସ) ୯।୯: ସ୍ଥାନୀୟ ଏମଭି ୭୯ ସାବରୀ ମିନି ଷ୍ଟାଡିୟମ୍‌ରେ ଏମଭି ୭୯ ଜୋନ୍ ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇାହଉଛି। ଏହି ପ୍ରତିଯୋଗିତା ଦୁଇ ଦିନ ବ୍ୟାପୀ ଚାଲିବ ବୋଲି ସୂଚନା ମିଳିଛି। ୧୪ରୁ ୧୭ ବର୍ଷ ପର୍ଯ୍ୟନ୍ତ ବୟସର ବାଳକ-ବାଳିକାମାନେ ଏଥିରେ ପ୍ରତିଯୋଗୀ ଅଛନ୍ତି। ଏହା ଦ୍ୱାରା ବିଦ୍ୟାର୍ଥୀମାନଙ୍କରେ କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ାଇବା ସହିତ ସ୍ୱାସ୍ଥ୍ୟ ଓ ଶିକ୍ଷାର ସଂଯୋଗ ସ୍ଥାପନ କରାଯାଉଛି। ଏହି ପ୍ରତିଯୋଗିତାର ଆୟୋଜନ କରିଛନ୍ତି ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଏମଭି ୭୯, ରାମନଗର। ଆୟୋଜକ ସଂଗଠନ ହେଉଛି କାଳିମେଳା ବ୍ଲକ୍ ବିଦ୍ୟାଳୟ କ୍ରୀଡ଼ା ସଂଗଠନ। କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ହରିଚନ୍ଦନଙ୍କ ନେତୃତ୍ୱରେ ଓ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଚାଲୁଛି। ମଞ୍ଚ ପରିଚାଳନା କରିଛନ୍ତି ବିଭୁତି ସେଠୀ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ନାରାୟଣ ସରକାର, ସିଆରସିସି ଶ୍ରୀବାସ ରାୟ, ମୁଖ୍ୟ ଅତିଥି ଦୀପକ ଦୁତ୍ତ, ଅତିଥିମାନେ କିଶୋର ଚନ୍ଦ୍ର ସାହୁ, ପ୍ରସନ୍ତ ତପଲୀ, ମନସ ନାୟକ, ଉମେଶ ଚନ୍ଦ୍ର ଓଝା ଏବଂ ବେଙ୍କଟେଶ୍ୱର ରାଓ ଯୋଗ ଦେଇଥିଲେ। ଏହା ସହିତ କବିତା ସରକାର, ପ୍ରଭାତ ମଣ୍ଡଳ, ଦୀପକ ମେହେର, ସରମିଳା ଡାଳି, ହିମଶୁ ମଣ୍ଡଳ, ସତ୍ୟରଞ୍ଜନ ବାରିକ, ସମ୍ପଦ କୁମାର ଲେଙ୍କା, ସାଇ କୁମାର ଏମନ୍ଦି, ଆମିତା ପ୍ରଧାନ, ମନୋଲିସା ସାହୁ, ସୁନିଲ ଦାସ ଏବଂ ବ୍ରିନ୍ଦା ମିସ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ।

## ଡିଡିଆରସି ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିଯୁକ୍ତି ଦାବି

ରାୟଗଡ଼ା, ୯।୯ (ସମିସ): ରାୟଗଡା ଜିଲ୍ଲା ଭିନ୍ନକ୍ଷମ ମହାସଂଘ ପକ୍ଷରୁ ଜିଲ୍ଲାରେ ଭିନ୍ନକ୍ଷମ ସଂରକ୍ଷଣ କେନ୍ଦ୍ର (ଡିଡିଆରସି ) ଓ ରାୟଗଡା ଜିଲ୍ଲା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରି( ଡିଏସଏସଓ ) ଏବଂ ବିବାହ ପ୍ରୋତ୍ସାହନ ରାଶି ଭଳି ଅନେକ ଦାବି ନେଇ ସଂଘର ସଭାପତି ଶିଶିର ରାଉଳ ଓ ସମ୍ପାଦକ ଅମରେନ୍ଦ୍ର ନାଥ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସସକ୍ତି କରଣ ବିଭାଗ ର ଶାସନ ସଚିବଙ୍କୁ ଆର୍ ଏସ ଗୋପାଲଙ୍କୁ ସାକ୍ଷାତ୍ କରିଥିଲେ। ରାୟଗଡ଼ା ଜିଲ୍ଲାରେ ଡିଡିଆରସି ଗଠନ ଓ ଅତିରିକ୍ତ ସଚିବ ଭାସ୍କର ରୋଇତଙ୍କୁ ସାକ୍ଷାତ କରି ବିବାହ ପ୍ରୋତ୍ସାହନ ରାଶି ନିମନ୍ତେ ଆଲୋଚନା କରିଥିବା ବେଳେ ଜିଲ୍ଲାରେ ନିହାତି ଆବଶ୍ୟକ ଜିଲ୍ଲା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତି କରଣ ଅଧିକାରୀ ନିଯୁକ୍ତି ପାଇଲେ ପ୍ରତ୍ୟେକଟି ସାମାଜିକ ସୁରକ୍ଷା ଯୋଜନାର ସୁଚାରରୁପେ ପାଇପାରିବେ ତାହାର ବନ୍ଦୋବସ୍ତ କରିବା ନିମନ୍ତେ ବିଭାଗର ନିର୍ଦ୍ଦେଶକ ସୁଶ୍ରୀ ପାରୁଲ୍ ପାଟୱରୀଙ୍କ ସହ ସାକ୍ଷାତ କରି ବିଭିନ୍ନ ପ୍ରକାର ସମସ୍ୟାକୁ ନେଇ ଆଲୋଚନା କରିବା ପରେ ପାରୁଲ୍ ପାଟୱରୀ ଯଥାସମ୍ଭବ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ଡ୍ରେନ୍‌ରେ ପଡିଲା ମାଟି; ନିଷ୍କାସନ ହୋଇନପାରି ଘରେ ପଶିଲା ପାଣି

ଟିକିରି, ୯।୯ (ସମିସ) : ରାୟଗଡାଜିଲ୍ଲା କାଶିପୁର ବ୍ଲକ ଟିକିରି ମୁଖ୍ୟ ରାସ୍ତା କଡରେ ଖାଲଥିବା ସ୍ଥାନରେ ରେଳ ଲାଇନ କାମ ଚାଲିଥିବା ମାଟି କଟାଯାଇ ପ୍ରାୟ ୧କିମି ଲମ୍ବାରେ ମାଟିପକାଇ ଡ୍ରେନ୍ ଅବରୋଧ କରିବା ଦ୍ୱାରା ଜଳ ନିଷ୍କାସନ ହୋଇନପାରି ଶୋମବାର ରାତିରେ ହୋଇଥିବା ଲଗାଣ ବର୍ଷାରେ ପାଣି ଘର ଭିତରକୁ ପସିଯାଇ ଚାଉଳ,ଅଟା,ଡାଲି ଯାବତିୟ ଜିନିଷ ନଷ୍ଟ ହୋଇଯାଇଛି। ଜାମୁଗୁଡା ଗ୍ରାମର ବଂଶିଧର ସାହୁ,ବିନଦ ସାହୁ ଙ୍କ ଘରେ ପାଣି ପଶି ଜିନିଷ ନଷ୍ଟ ହୋଇଯାଇଛି। ରାସ୍ତା କଡରେ ଥିବା ଜମି ମାଲିକ ମାନେ ରାସ୍ତା ଠାରୁ ୨ଫୁଟ ଉପରେ ମାଟି ପକାଇବା ଦ୍ୱାରା ପାଣି ରାସ୍ତା ଉପରେ ଚାଲିବା ସହ ତଳୁଆ ଘର ଭିତରକୁ ପଶିଯାଇଛି। ଡ୍ରେନ ଚକ ହେଇଯିବା ଫୋଲରେ ପାହାଡ ଉପରୁ ଆସୁଥିବା ପାଣି ନିଷ୍କାସନ ହୋଇପାରୁ ନାହିଁ ଯାହା ଫଳରେ ଘର ଭିତରକୁ ପସି ଯାଉଛି। ଯଥାଶିଘ୍ର ଡ୍ରେନରେ ପଡିଥିବା ମାଟି ବାହାର କରିବାକୁ ଓ କ୍ଷୟକ୍ଷତି ଆକଳନ କରି କ୍ଷତି ପୂରଣ ଦେବାକୁ ପ୍ରସାସନ କୁ ଅଞ୍ଚଳ ବାସୀ ଅନୁରୋଧ କରିଛନ୍ତି। ଠିକ ସେହିପରି ଟିକିରି ବସଷ୍ଟାଣ୍ଡ ନିକଟରେ ରହୁଥିବା ବିଧବା ମହିଳା ଚମ୍ପାବତୀ ସାହୁ ଙ୍କ ଘର ଭିତରେ ମଧ ଡ୍ରେନ ପାଣି ପସିଯିବାରୁ ବହୁତ ଅସୁବିଧା ଭୋଗୁଛନ୍ତି। ପାଣିରେ ଭିଜି ଜିନିଷ ପତ୍ର ନଷ୍ଟ ହେଇଯାଇଛି। ପ୍ରଶାସନ ପକ୍ଷରୁ ଇନ୍ଦିରା ଆବାସ ଯୋଗାଇଦେବାକୁ ଅନୁରୋଧ। ପ୍ରତ୍ୟେକ ବର୍ଷ ଉତ୍କଳ ଆଲୁମିନା ନହେଲେ ପଞ୍ଚାୟତ ତରଫରୁ ଡ୍ରେନ୍ ସଫାକରା ଯାଉଥିଲା କିନ୍ତୁ ଚଳିତ ବର୍ଷ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ପଞ୍ଚାୟତ ତରଫରୁ ସଫେଇ ନହେବାରୁ କୁଡକୁଡ ଆବର୍ଜନା ପଡିରହିଛି। ଯଥାଶିଘ୍ର ଅଳିଆ ଆବର୍ଜନା ସଫେଇ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ସକାଳ THE SAKALA



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସି ପି ରାଧାକ୍ରିଷ୍ଣନ୍...

ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା । ତେବେ ୭୮୧ ସାଂସଦଙ୍କ ମଧ୍ୟରୁ ୭୬୭ ସାଂସଦ ମତଦାନ କରିଥିଲେ । ଅନ୍ୟପକ୍ଷରେ ବିଜେଡିର ୭, ବିଆରଏସ୍‌ର ୪ ଏବଂ ଅକାଳୀ ଦଳର ଜଣେ ସାଂସଦଙ୍କୁ ମିଶାଇ ୧୪ ଜଣ ସାଂସଦ ମତଦାନରେ ଭାଗ ନେଇନଥିଲେ । ସନ୍ଧ୍ୟାରେ ମତଗଣନା କରାଯାଇ ଫଳାଫଳ ଘୋଷଣା କରାଯାଇଛି । ରିଟର୍ଣ୍ଣିଂ ଅଫିସର ଫଳାଫଳ ଘୋଷଣା କରି କହିଲେ ଯେ ଆଜିର ମତଦାନରେ ୭୬୭ଟି ଭୋଟ୍ ପଡ଼ିଥିଲା । ଏଥିମଧ୍ୟରୁ ୭୫୨ଟି ବୈଧ ଥିବା ବେଳେ ୧୫ଟି ଭୋଟ୍ ନାକଚ ହୋଇଥିଲା । ବୈଧ ଭୋଟ ମଧ୍ୟରୁ ରାଧାକ୍ରିଷ୍ଣନଙ୍କୁ ୪୫୨ଟି ପ୍ରଥମ ପସନ୍ଦର ଭୋଟ୍ ମିଳିଥିବା ବେଳେ ସୁଦର୍ଶନଙ୍କୁ ମିଳିଛି ୩୦୦ଟି ପ୍ରଥମ ପସନ୍ଦର ଭୋଟ୍ । ଏନ୍‌ଡିଏ ପ୍ରାର୍ଥୀଙ୍କୁ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ମିଳିଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କୁ ଆକଳନ ଠାରୁ ୨୪ଟି କମ ଭୋଟ୍ ମିଳିଛି ।

ସୂଚନାଯୋଗ୍ୟ ଯେ ଉପରାଷ୍ଟ୍ରପତି ନିର୍ବାଚନରେ ୧୫୨ ହେଉଛି ସବୁଠାରୁ କମ୍ ବିଜୟ ବ୍ୟବଧାନ । ୨୦୨୨ରେ ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଧନଖଡ଼ ୫୨୮ଟି ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ମାର୍ଗାରେଟ୍ ଆଲଭା ପାଇଥିଲେ ମାତ୍ର ୧୮୨ଟି ଭୋଟ୍ । ୩୪୬ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ ଧନଖଡ଼ ।

ଗତ ଜୁଲାଇ ମାସରେ ଜଗଦୀପ ଧନଖଡ଼ ଇସ୍ତଫା ଦେବାପରେ ଉପରାଷ୍ଟ୍ରପତି ନିର୍ବାଚନ ଜରୁରି ହୋଇପଡ଼ିଥିଲା । ଏହି ପଦଲାଗି ଏନ୍‌ଡିଏ ପକ୍ଷରୁ ବିଜେପି ନେତା ତଥା ମହାରାଷ୍ଟ୍ର ଗଭର୍ଣ୍ଣର ସିପି ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିରୋଧୀ ମେଣ୍ଟ ପକ୍ଷରୁ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ବି ସୁଦର୍ଶନ ।।ରେଡୀଙ୍କୁ ପ୍ରାର୍ଥୀ କରାଯାଇଥିଲା ।

ନବନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପନୁସାମୀ ରାଧାକ୍ରିଷ୍ଣନ ୨୦ ଅକଟୋବର ୧୯୫୭ରେ ତାମିଲନାଡୁର ତିରିପୁରରେ ଜନ୍ମ ଗ୍ରହଣକରିଥିଲେ । ଜଣେ ଆରଏସଏସ୍ କର୍ମୀ ଭାବେ ସାମାଜିକ ଜୀବନ ଆରମ୍ଭ କରିଥିବା ରାଧାକ୍ରିଷ୍ଣନ ୧୯୮୦ରେ ବିଜେପି ଗଠନ ହେବା ଦିନଠାରୁ ଦଳ ସହିତ ରହିଛନ୍ତି । ୧୯୯୮ ଏବଂ ୧୯୯୯ରେ ସେ ଦୁଇ ଥର କୋଏମ୍ବାଟୁରରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସେ ତାମିଲନାଡୁର ବିଜେପି ସଭାପତି ଦାୟିତ୍ୱ ତୁଲାଇଥିଲେ । ୨୦୨୩ ଫେବୃଆରିରେ ରାଧାକ୍ରିଷ୍ଣନଙ୍କୁ ଝାଡ଼ଖଣ୍ଡର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା । ଏହି ସମୟରେ ସେ ତେଲେଙ୍ଗାନା ଓ ଗୋଆର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ । ୨୦୨୪ ଜୁଲାଇରେ ତାଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା ।

ଇତିମଧ୍ୟରେ ନବନିର୍ବାଚିତ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ଉପରାଷ୍ଟ୍ରପତି ଧନଖଡ଼ ଏବଂ ବିରୋଧୀ ଦଳ ପ୍ରାର୍ଥୀ ସୁଦର୍ଶନ ରେଡୀ ।

## କ୍ରସଭୋଟିଂ ନେଇ...

କରିଥିବାର ସନ୍ଦେହ କରାଯାଉଛି । ଶାସକ ଏନ୍‌ଡିଏ ପାଖରେ ୪୨୫ ସାଂସଦ ଥିବା ବେଳେ ୱାଇଏସ୍‌ଆର କଂଗ୍ରେସର ୧୧ ଜଣ ସଭ୍ୟ ଏହାକୁ ସମର୍ଥନ ଘୋଷଣା କରିଥିଲେ । ତେଣୁ ଏନ୍‌ଡିଏ ପ୍ରାର୍ଥୀଙ୍କ ପ୍ରତି ୪୩୬ ସଭ୍ୟଙ୍କ ସମର୍ଥନ ଥିଲା । ସେହିଭଳି ବିରୋଧୀ ଦଳ ପ୍ରାର୍ଥୀଙ୍କ ପ୍ରତି ୩୨୪ (ଇଣ୍ଡିଆ ବ୍ଲକ୍ ୩୧୨ ଏବଂ ଆପ୍ ୧୨) ସାଂସଦଙ୍କ ସମର୍ଥନ ଥିଲା । ରାଧାପ୍ରିଷ୍ଣନଙ୍କୁ ଆକଳନ ଠାରୁ ୧୬ଟି ଅଧିକ ଭୋଟ୍ ମିଳିଥିବା ବେଳେ ରେଡୀଙ୍କୁ ୨୪ଟି କମ୍ ଭୋଟ୍ ମିଳିଛି । ତେଣୁ ମତଦାନରେ ବିରୋଧୀ ଦଳ ପକ୍ଷରୁ କ୍ରସଭୋଟିଂ ହୋଇଥିବା କୁହାଯାଉଛି । ନିର୍ବାଚନରେ ବିରୋଧୀଙ୍କୁ ଏକଜୁଟ୍ ରଖିବା ଲାଗି ବିରୋଧୀ ନେତାଙ୍କ ଉଦ୍ୟମ ସଂପୂର୍ଣ୍ଣ ରୂପେ ସଫଳ ହୋଇନଥିବା ଫଳାଫଳରୁ ଜଣାପଡ଼ିଛି । କାରଣ ଏହାର କିଛି ସାଂସଦ କ୍ରସଭୋଟିଂ କରିଥିବା ବେଳେ ଆଉ କିଛି ସାଂସଦଙ୍କ ଭୋଟ୍ ନାକଚ ହୋଇଛି । ତେବେ କିଏ କ୍ରସ୍‌ଭୋଟିଂ କରିଛନ୍ତି ତାହାକୁ ନେଇ ବିରୋଧୀ ମେଣ୍ଟରେ ଖୋଳତାଡ଼ ଆରମ୍ଭ ହୋଇଯାଇଛି । ଏସଂପର୍କରେ ପ୍ରତିକ୍ରିୟା ଦେଇ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ତାଙ୍କ ପ୍ରାର୍ଥୀ ଏଥର ୪୦ ପ୍ରତିଶତ ଭୋଟ୍ ପାଇଛନ୍ତି । ଗତଥର କଂଗ୍ରେସ ପ୍ରାର୍ଥୀ ୨୬ ପ୍ରତିଶତ ଭୋଟ୍ ପାଇଥିଲେ ।

ସୂଚନାଯୋଗ୍ୟ ଯେ ରାଜ୍ୟସଭା ଏବଂ ଲୋକସଭା ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ୍ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି । ଇଲେକଟୋରାଲ କଲେଜ ସାଂସଦଙ୍କ ସଂଖ୍ୟା ୭୮୧ ଥିବା ବେଳେ ବିଜେଡି (୭), ବିଆରଏସ(୪) ଏବଂ ଅକାଳୀ ଦଳ (୧) ଏବଂ ଅନ୍ୟ ଦୁଇ ଜଣ ସାଂସଦ ଆଜିର ମତଦାନରେ ଭାଗ ନେଇ ନାହାନ୍ତି । ମୋଟ୍ ୭୮୧ ସାଂସଦଙ୍କ ମଧ୍ୟରୁ ଆଜି ୭୬୭ ସାଂସଦ ମତଦାନ କରିଥିଲେ । ତେଣୁ ବିଜୟ ପାଇଁ ପ୍ରାର୍ଥୀଙ୍କୁ ୩୮୪ଟି ଭୋଟର ଆବଶ୍ୟକତା ଥିଲା । ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ବିରୋଧୀ ପ୍ରାର୍ଥୀ ସୁଦର୍ଶନ ରେଡୀଙ୍କୁ ୩୦୦ ଭୋଟ ମିଳିଛି । ୧୫ଟି ଭୋଟ୍ ନାକଚ ହୋଇଛି ।

## ହିଂସା, ଅରାଜକତା...

ଜେନେରାଲ ଜେଡ୍ ନାମରେ ଚାଲିଥିବା ଏହି ଆନ୍ଦୋଳନ ଆଜି ଆହୁରି ଭୟଙ୍କର ରୂପ ନେଇଥିଲା । ଆନ୍ଦୋଳନକାରୀମାନେ ହଜାର ହଜାର ସଂଖ୍ୟାରେ ଆଜି ପୁଣି ରାସ୍ତାକୁ ଆସି ସଂସଦ, ସୁପ୍ରିମ କୋର୍ଟ ସମେତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ଉପରେ ଆକ୍ରମଣ କରି ନିଆଁ ଲଗାଇଦେଇଥିଲେ । ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୁର ଦେଓବାଙ୍କୁ ସେମାନେ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ କରିଛନ୍ତି । ଆଉ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘରେ ଆନ୍ଦୋଳନକାରୀ ନିଆଁ ଲଗାଇଦେବାରୁ ତାଙ୍କ ପତ୍ନୀ ପୋଡ଼ି ଯାଇ ପ୍ରାଣ ହରାଇଛନ୍ତି । ଆନ୍ଦୋଳନକାରୀ ଜା।।ଣେ ମନ୍ତ୍ରୀଙ୍କୁ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିବାର ଦୃଶ୍ୟ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋବରେ ଲାଗିଛି ।

ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ରାଷ୍ଟ୍ରପତି ରାମଚନ୍ଦ୍ର ପୋଡ଼େଲ ଏବଂ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଆଜି ସନ୍ଧ୍ୟାରେ ସେମାନଙ୍କ ପଦରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି । ଏହାପୂର୍ବରୁ ଅନେକ ମନ୍ତ୍ରୀ ଇସ୍ତଫା ଦେଇ ସାରିଥିଲେ । ଖବର ମିଳିଛି ଯେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବାକୁ ରାଜି ନଥିଲେ । ଆନ୍ଦୋଳନକାରୀଙ୍କୁ ଦମନ କରିବା ଲାଗି ସେ ସେନା ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ସେନା ଅଧ୍ୟକ୍ଷ ଏଥିରେ ରାଜି ହୋଇନଥିଲେ ଏବଂ ଓଲିଙ୍କୁ ଗାଦି ଛାଡ଼ିବା ଲାଗି ପରାମର୍ଶ ଦେଇଥିଲେ । ଏହାପରେ ଓଲି ଇସ୍ତଫା ଘୋଷଣା କରିଥିଲେ ।

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଘୋଷଣା ପରେ କିଛି ଆନ୍ଦୋଳନକାରୀ ଆନନ୍ଦ ପ୍ରକାଶ କରୁଥିବା ବେଳେ ଅନେକ ଆନ୍ଦୋଳନକାରୀ ସଂସଦ ଭିତରେ ପଶି ନିଆଁ ଲଗାଇବା ସହିତ ଭଙ୍ଗାରୁଜା କରିଛନ୍ତି । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଘରୋଇ ବାସଭବନ ଉପରେ ମଧ୍ୟ ସେମାନେ ଆକ୍ରମଣ କରିଛନ୍ତି ।

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଆଗେଇ ଆସିଛି ସେନା । ଅନେକ ସାରମିକ ହେଲିକପଟର ମନ୍ତ୍ରୀ ଓ ଅଫିସରମାନଙ୍କୁ ନେଇ ତ୍ରିଭୁବନ ଆନ୍ତର୍ଜାତିକ ବିମାନଘାଟୀକୁ ନେଉଥିବାର ଦେଖାଯାଇଛି । ଏହାର କିଛି ସମୟ ପରେ ବିମାନଘାଟୀରେ ବିମାନ ସେବାକୁ ବାତିଲ କରାଯାଇଛି ।

ଇତିମଧ୍ୟରେ ସେନାବାହିନୀ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଶାନ୍ତି ବଜାୟ ରଖିବା ଲାଗି ନିବେଦନ କରାଯାଇଛି । ସେନା ପକ୍ଷରୁ କୁହାଯାଇଛି ଯେ ନେପାଳ ଓ ନେପାଳବାସୀଙ୍କର ସ୍ୱାଧୀନତା ଓ ସାର୍ବଭୌମତ୍ୱ ର ସୁରକ୍ଷା ଲାଗି ସେନା ସାମ୍ବିଧାନିକ ଦାୟିତ୍ୱ ତୁଲାଇବାକୁ ସଂକଳ୍ପବଦ୍ଧ । ଶାନ୍ତି, ସାମାଜିକ ସଦଭାବ ଏବଂ ଜାତୀୟ ଏକତା ବଜାୟ ରଖିବାରେ ସେନାକୁ ସହଯୋଗ କରିବା ଲାଗି ସେନା ଯୁବ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଜଣାଇଛି ।

ସୂଚନାଯୋଗ୍ୟ ଯେ ୨୦୦୮ ରେ ୨୩୯ ବର୍ଷ ପୁରୁଣା ରାଜତନ୍ତ୍ର ସମାପ୍ତ ହେବାପରେ ନେପାଳରେ ରାଜନୈତିକ ଅସ୍ଥିରତା ଲାଗି ରହିଛି । ଗତ ୧୭ ବର୍ଷ ଭିତରେ ନେପାଳରେ ୧୪ଟି ସରକାର ଗଠିତ ହେଲାଣି ଏବଂ କୌଣସି ଗୋଟିଏ ସରକାର ବି ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରି ନାହିଁ । ୭୩ ବର୍ଷୀୟ ଓଲି ଗତବର୍ଷ ଚତୁର୍ଥ ଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ।

## ଶୀତଳଭଣ୍ଡାରରେ...

ଏଥିପାଇଁ ଶିମିଳିପାଳକୁ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ । ଏସବୁକୁ ଦୃଷ୍ଟିରେ ରଖି ଗତ ୨୦୨୪ ଜାନୁଆରୀ ମାସରେ ଶିମିଳିପାଳଠାରେ ଏକ କଳାବାଘ ସଫାରୀ ନିର୍ମାଣ ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ । ବାରିପଦା ନିକଟରେ ଅର୍ଥାତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଏହି ସଫାରୀ ପ୍ରାୟ ୨୦୦ ହେକ୍ଟରରୁ ଅଧିକ ଅଞ୍ଚଳରେ ହେବାର ଥିଲା । ଏଥି ମଧ୍ୟରୁ ୧୦୦ ହେକ୍ଟର ଅଞ୍ଚଳ ପ୍ରଦର୍ଶନୀ କ୍ଷେତ୍ର ପାଇଁ ଥିବାବେଳେ ଅବଶିଷ୍ଟ ଅଞ୍ଚଳକୁ ପଶୁ ଚିକିତ୍ସା ସେବା ସୁବିଧା, କର୍ମଚାରୀ ଭିତ୍ତିଭୂମି, ପରିଦର୍ଶକ ସୁବିଧା ଏବଂ ଏକ ଉଦ୍ଧାର କେନ୍ଦ୍ରର ବିକାଶ ପାଇଁ ବ୍ୟବହାର କରାଯିବାର ପ୍ରସ୍ତାବ ଥିଲା । ଏହି ସଫାରୀ କଳାବାଘ ଭଳି ବିରଳ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଓଡ଼ିଶାର ଅନନ୍ୟ ଜୈବ ବିବିଧତାର ସଂରକ୍ଷଣ ଏବଂ ପ୍ରଦର୍ଶନ ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥାନ୍ତା ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ ।

ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ପରେ ଏହି ବିରଳ କଳାବାଘଙ୍କୁ ନେଇ ଶିମିଳିପାଳରେ ପ୍ରସ୍ତାବିତ ବ୍ୟାଘ୍ର ସଫାରୀ କାର୍ଯ୍ୟ ଆଗେଇ ପାରୁନାହିଁ । ଇତି ମଧ୍ୟରେ କଳାବାଘ ସଫାରୀ ଘୋଷଣାକୁ ଦେଢବର୍ଷ ପୂରିଗଲାଣି । ପୂର୍ବ ସରକାରଙ୍କ ଘୋଷଣା ଅନୁଯାୟୀ ଅକ୍ଟୋବର ୨୦୨୫ରେ ଏହି କଳାବାଘ ସଫାରୀ ପ୍ରଦର୍ଶନୀ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥାନ୍ତା । ଅମଲାତାନ୍ତ୍ରିକ ଅବହେଳା ଓ ବିଭାଗୀୟ ଉଦାସୀନତା ଯୋଗୁଁ ଏହି ପ୍ରକଳ୍ପ ଆଗେଇ ପାରୁନଥିବା ଅଭିଯୋଗ ଏବେ ଅଭିଯୋଗ ହୋଇଛି ହେଉଛି । ଯାହାଫଳରେ ଏହି ବିରଳ କଳାବାଘ ସଫାରୀ ପ୍ରସ୍ତାବ ଶୀତଳଭଣ୍ଡାରେ ରହିଯାଇଛି । ସୂଚନା ଥାଉ କି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ୨୭୫୦ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ । ଏଠାରେ ୫୦ ରୁ ଅଧିକ ସ୍ତନ୍ୟପାୟୀ ପ୍ରଜାତି, ୩୦୦ରୁ ଅଧିକ ପକ୍ଷୀ ପ୍ରଜାତି ଏବଂ ୬୦ ରୁ ଅଧିକ ସରୀସୃପ ପ୍ରଜାତିର ବାସସ୍ଥାନ କରୁଛନ୍ତି । ରାଜ୍ୟର ସର୍ବାଧିକ ବାଘ ଏଠାରେ ରହିଥିବା ବେଳେ ଦେଶରେ ଏକମାତ୍ର ସ୍ଥାନ ଭାବେ ଏଠାରେ ବିରଳ କଳାବାଘ ଦେଖାଯାଇଥାନ୍ତି ।

## ୧୩ ତାରିଖ...

ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ । ଏହା ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏଁ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟ ଧରଣର ବର୍ଷା ହେବ । ଏହା ପ୍ରଭାବରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ସେ କହିଛନ୍ତି । ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ଓ ଗୋଟିଏ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି । ରାୟଗଡ଼ା ଜିଲ୍ଲାର କୋଟ୍ରାଗୁଡ଼ାରେ ସର୍ବାଧିକ ୫୮.୨ ମିମି ବର୍ଷା ରେକର୍ଡ କରାଯାଇଛି ।

## ବର୍ଷକରେ ଇଭି...

ଚଳପ୍ରଚଳ କରିବ । ୨୦୩୬ ଅର୍ଥାତ ଓଡ଼ିଶାକୁ ଶହେ ବର୍ଷ ବେଳକୁ ଏହି ସଂଖ୍ୟା ୭୦ ଓ ୨୦୪୭ ସୁଦ୍ଧା ମୋଟ୍ ଗାଡ଼ିର ୮୦ ପ୍ରତିଶତ ଇଭି ରହିଥିବ ବୋଲି ଏଥିରେ ଦର୍ଶାଯାଇଛି । ନୂତନ ନୀତିରେ ୨ ଚକିଆ ଇଭି ଗାଡ଼ି ପାଇଁ ସର୍ବାଧିକ ୨୦ ହଜାର ଟଙ୍କା, ୩ ଚକିଆ ପାଇଁ ୩୦ ହଜାର ଓ ୪ ଚକିଆ ଗାଡ଼ି ପାଇଁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ । ଏହା ସହିତ ବୈଦ୍ୟୁତିକ ବସ୍, ପରିବହନ ସେବା ପାଇଁ ଗାଡ଼ି ଓ ଟ୍ରକ୍ ଓ ଇଭି ଆମ୍ବୁଲାନ୍ସ ଇତ୍ୟାଦି ପାଇଁ ମଧ୍ୟ ଉତ୍ସାହଜନକ ଭାବେ ରିହାତି ଦିଆଯିବ ।

ଆସନ୍ତା ୬ ମାସ ମଧ୍ୟରେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ବ୍ୟବହୃତ ହେଉଥିବା ଗାଡ଼ି ଗୁଡ଼ିକୁ ଇଭି ଗାଡ଼ିରେ ପରିବର୍ତ୍ତନ କରାଯିବ । ସେହିପରି ରାଜ୍ୟର ସବୁ ସହରାଞ୍ଚଳରେ ପୌର ସଫେଇଗୁଡ଼ିକ ଅଳିଆ ସଂଗ୍ରହ ଗାଡ଼ି ଓ ସେବାରେ ନିୟୋଜିତ ଗାଡ଼ି ଗୁଡ଼ିକୁ ଇଭିରେ ପରିବର୍ତ୍ତନ କରିବେ । ରାଜ୍ୟର ସମସ୍ତ ପାର୍କ, ପର୍ଯ୍ୟଟନ କ୍ଷେତ୍ର, ପିକ୍‌ନିକ୍ ସ୍ପଟ୍ ଆଦିରେ ସଲଟ୍ ସେବାରେ ବ୍ୟବହୃତ ଗାଡ଼ି ଓ ଡଙ୍ଗାକୁ ସୌରଚାଳିତ ବା ଇଭିରେ ରୂପାନ୍ତରିତ କରାଯିବ । ଏଥିପାଇଁ ୧୨ ମାସ ସମୟ ନିଆଯିବ । ଅନୁରୂପ ଭାବରେ ବର୍ଷେ ମଧ୍ୟରେ ସମସ୍ତ ସ୍କୁଲ୍ କଲେଜ୍‌ରେ ଚାଲୁଥିବା ବସ୍, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଚାଲୁଥିବା ଆମ୍ବୁଲାନ୍ସ ଓ ପୁଲିସ ପିସିଆର ଗୁଡ଼ିକ ମଧ୍ୟ ଇଭିରେ ରୂପାନ୍ତରିତ ହେବ । ଏଥିପାଇଁ ରାଜ୍ୟରେ ବ୍ୟାଟେରୀ ସ୍ୱାପିଂ କେନ୍ଦ୍ର ପ୍ରତିଷ୍ଠା ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା କରାଯିବା ସହିତ ୩୦୦ ନୂଆ ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ହେବ ଏଥିପାଇଁ ୫ ଲକ୍ଷ ଟଙ୍କା ରିହାତି ବ୍ୟବସ୍ଥା ହୋଇଛି । ପ୍ରକାଶିତ ଏହି ଚିଠି ବିଜ୍ଞପ୍ତିକୁ ନେଇ ଗୋଟିଏ ମାସ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ । ଏହା ପରେ ବିଭାଗ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ।

## ରାଜ୍ୟରେ ବଢୁଛି...

ଅସ୍ଥିରତାକୁ ଦାୟୀ କରାଯାଉଛି । କିଏ ଫାଶୀରେ ଝୁଲୁଛି ତ କିଏ ବିଷ ପିଇ ଜୀବନ ହାରୁଛି । କେହି ପାଣିକୁ ଡେଇଁ ଆତ୍ମହତ୍ୟା କରୁଛି, କିଏ ପୁଣି ଦେହରେ ନିଆଁ ଲଗାଇ, କିଏ ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରୁଛି । ପ୍ରତିଦିନ ଏପରି ଖବର ଗଣମାଧ୍ୟମର ଶିରୋନାମା ପାଲଟୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ମୋଟ ଆତ୍ମହତ୍ୟାର ୭୦ ପ୍ରତିଶତ ହେଉଛନ୍ତି କେବଳ ଯୁବପିଢ଼ି ।

୧୮ରୁ ୨୫ ବର୍ଷର ଯୁବବର୍ଗ ବା ବିଦ୍ୟାର୍ଥୀ ପ୍ରେମ, ପାଠପଢ଼ା ଚାପ, ପରିବାରଲୋକଙ୍କ ତାଗିଦ୍ ପାଇଁ ଆତ୍ମହତ୍ୟା କରୁଥିବାବେଳେ ୨୫ରୁ ୪୦ ବୟସ ବର୍ଗର ଲୋକମାନେ ପାରିବାରିକ କହଳ, ସଂସାର ବୋଝ, କର୍ମକ୍ଷେତ୍ରରେ ଚାପ କିମ୍ବା ବ୍ୟବସାୟରେ କ୍ଷତି ସହି ନପାରି ଆତ୍ମହତ୍ୟା ରାସ୍ତାକୁ ଆପଣାଉଥିବା ସୂଚନା ରହିଛି । ପରିବାର ଠାରୁ ଦୂରରେ ରହୁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏଭଳି ଆତ୍ମହତ୍ୟା ଘଟଣା ଅଧିକ ଦେଖିବାକୁ ମିଳୁଛି । ଏ ସଂକ୍ରାନ୍ତରେ ମନସ୍ତତ୍ତ୍ୱିତ୍ ସଚ୍ଚିଦାନନ୍ଦ ନାଥ କହିଛନ୍ତି ଯେ, ଆତ୍ମହତ୍ୟାର ମୂଳ କାରଣ ହେଉଛି ନିଃସଙ୍ଗତା । ଯେଉଁମାନେ ବିଭିନ୍ନ କାରଣରୁ ମାନସିକ ଚିନ୍ତାରେ ରହୁଛନ୍ତି ସେମାନଙ୍କୁ ପରିବାର, ବନ୍ଧୁ କିମ୍ବା କର୍ମକ୍ଷେତ୍ରରେ ସହଯୋଗୀମାନେ ଏକାକୀ ନ କରି ସହଯୋଗ କଲେ ବ୍ୟକ୍ତିର ମାନସିକ ସ୍ଥିତି ବଦଳିଥାଏ । ତେଣୁ ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଉଚିତ୍ । ବିଶେଷ କରି ବର୍ତ୍ତମାନ ଅଧିକ ଯୁବଗୋଷ୍ଠୀ ଡିଜିଟାଲ ଦୁଃଖ ବା ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି । ଅଧିକ ସମୟ ଧରି ରିଲସ୍ ଦେଖିବା, ବିଭିନ୍ନ ପ୍ରକାର ଗେମ୍ ଖେଳିବା, ଅନ୍ୟର ଜୀବନଶୈଳୀକୁ ନିଜ ଜୀବନ ସହ ତୁଳନା କରି ଦୁଃଖ ପ୍ରକାଶ କରିବା, ସାମାଜିକ ଗଣମାଧ୍ୟରେ ଲାଇକ୍ କମିବାର ଚିନ୍ତା ଆଦି ଯୁବଗୋଷ୍ଠୀଙ୍କ ବ୍ୟବହାରରେ ପରିବର୍ତ୍ତନ କରିବା ସହ ମାନସିକ କ୍ଷେତ୍ରରେ ମଧ୍ୟ ଦୁର୍ବଳ ଅନୁଭବ ହୋଇଥାଏ । ଯାହାକି ସେମାନେ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିନପାରି ଆତ୍ମହତ୍ୟା ପାଇଁ ମନସ୍ଥ କରିଥାନ୍ତି । ତେବେ ଆତ୍ମହତ୍ୟା କେବେହେଲେ ଏକ ତତ୍‌କ୍ଷଣାତ୍ ନିଷ୍ପତ୍ତି ନୁହେଁ, ଏଥିପାଇଁ ପୂର୍ବରୁ ମାନସିକ ଭାବେ ଚିନ୍ତା କରାଯାଇଥାଏ । ତେବେ ଯେଉଁମାନେ ମାନସିକ ଭାବେ ଦୁର୍ବଳ ସେମାନେ ଛୋଟ ଛୋଟ କଥାକୁ ମନ ଭିତରେ ଗଭୀର ଭାବେ ଚିନ୍ତା କରି ଏଭଳି ନିଷ୍ପତ୍ତି ନେଉଛନ୍ତି ।

ଏକ ରିପୋର୍ଟ ଅନୁସାରେ ଭାରତରେ ପ୍ରତି ୩ମିନିଟରେ ଜଣେ ଆତ୍ମହତ୍ୟା କରୁଥିବା ବେଳେ ଓଡ଼ିଶାରେ ପ୍ରତି ୧୦ଜଣଙ୍କ ମଧ୍ୟରୁ ଜଣେ ଆତ୍ମହତ୍ୟା କରିବାକୁ ଚିନ୍ତା କରୁଛନ୍ତି । ସାମାଜିକ ଗଣମାଧ୍ୟମ ଆବଶ୍ୟକତା ଠାରୁ ଅଧିକ ବ୍ୟବହାର ନକରିବା, ପରିବାର ସଦସ୍ୟଙ୍କ ସହ ମନଖୋଲି କଥାବାର୍ତ୍ତା କରିବା କାର୍ଯ୍ୟକ୍ଷେତ୍ର ହେଉ ଅବା ବ୍ୟକ୍ତିଗତ କ୍ଷେତ୍ରରେ ଭଲ ବନ୍ଧୁଙ୍କ ସହ ସମ୍ପର୍କ ରଖିବା, ରାତିରେ ଭଲ ନିଦରେ ଶୋଇବା ଆଦିକୁ ଗୁରୁତ୍ୱ ଦେବା ନିହାତି ଜରୁରୀ ବୋଲି ଶ୍ରୀ ନାଥ କହିଛନ୍ତି ।

## ବିମାନବନ୍ଦର ନିର୍ମାଣରେ ପରିବେଶ ନିୟମ ଉଲ୍ଲଂଘନ

# କେନ୍ଦ୍ର ଓ ରାଜ୍ୟକୁ ଏନ୍‌ଜିଟି ଛାଟ

କଟକ, ୯।୯ (ସମିସ): ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣରେ ବ୍ୟାପକ ପରିବେଶଗତ ନିୟମ ଉଲ୍ଲଂଘନ ଅଭିଯୋଗ କରି ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଦାୟର ଆବେଦନକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହି ପ୍ରସଙ୍ଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ ପୂର୍ବକ ନୋଟିସ୍ ଜାରି କରିଛନ୍ତି ଏନଜିଟି । ସୁରେନ୍ଦ୍ର ତାପାସୁ ଓ ଅନ୍ୟ ୯ଜଣ ବାସିନ୍ଦାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଅରୁଣ କୁମାର ତ୍ୟାଗୀ (ନ୍ୟାୟିକ ସଦସ୍ୟ) ଏବଂ ଡକ୍ଟର ଆଫରୋଜ ଅହମ୍ମଦ (ବିଶେଷଜ୍ଞ ସଦସ୍ୟ)ଙ୍କୁ ନେଇ ଗଠିତ ଏନଜିଟିର ପୂର୍ବାଞ୍ଚଳ ଜୋନ୍ ଖଣ୍ଡପୀଠ ଏହି ନୋଟିସ୍ ଜାରି କରିଛନ୍ତି । କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ପ୍ରମୁଖ ସଚିବ (ଜଙ୍ଗଲ ଏବଂ ପରିବେଶ), ଅତିରିକ୍ତ ମୁଖ୍ୟ ସଚିବ (ବାଣିଜ୍ୟ ଏବଂ ପରିବହନ), ପୁରୀ ଜିଲ୍ଲାପାଳ ଏବଂ ବିଭାଗୀୟ ବନ ଅଧିକାରୀ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନୋଟିସ୍ ଜାରି କରାଯାଇଛି । ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୦ ତାରିଖରେ ହେବ । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ମାମଲା ପରିଚାଳନା କରୁଛନ୍ତି ।

ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ପ୍ରକଳ୍ପଟି ବାଧ୍ୟତାମୂଳକ ପରିବେଶଗତ ଅନୁମତି (ଇସି), ଜଙ୍ଗଲ ଅନୁମତି (ଏଫସି) କିମ୍ବା ଉପକୂଳ ନିୟନ୍ତ୍ରଣ କ୍ଷେତ୍ର (ସିଆରଜେଡ୍) ଅନୁମୋଦନ ବିନା ଆରମ୍ଭ ହୋଇଛି । ସମ୍ବେଦନଶୀଳ ଏବଂ ଘୂର୍ଣ୍ଣିଝଡ଼-ପ୍ରବଣ ଉପକୂଳ ଅଞ୍ଚଳରେ ଗଛ କାଟିବା ସ୍ଥାୟୀ ବିକାଶ ନୀତିର ଉଲ୍ଲଘଂନ ହୋଇଥିବା ବେଳେ ପ୍ରକଳ୍ପର ରାସ୍ତା ତିଆରି କରିବା ପାଇଁ ୧୩,୫୦୦ରୁ ଅଧିକ ଗଛ କଟାଯାଇଛି । ୪୭୧.୪୦୧ ହେକ୍ଟର୍ ପରିମିତ ଅଞ୍ଚଳରେ ହେବାକୁ ଥିବା ଏହି ବିମାନବନ୍ଦର ସ୍ଥାନରେ ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ଏବଂ ଏହା ସିଆରଜେଡ୍-୩ ମଧ୍ୟରେ ଅବସ୍ଥିତ । ଏହି ଅଞ୍ଚଳ ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ରହିଛି, ଯାହା କୃଷ୍ଣସାର ମୃଗଙ୍କ ବାସସ୍ଥାନ ଏବଂ ଅଲିଭ୍ ରିଡଲେ କଇଁଛଙ୍କ ବସାଘର ଭାବେ ପରିଚିତ । ଏଣୁ ସିପସରୁବାଲି ମୌଜା ପ୍ରକଳ୍ପ ସ୍ଥାନରେ ଆପ୍ରୋଚ୍ ରୋଡ୍, ସୀମା ପ୍ରାଚୀର ଏବଂ ସାମଗ୍ରୀ ଷ୍ଟକ୍‌ୟାର୍ଡ ସମେତ ଚାଲିଥିବା ନିର୍ମାଣ କାର୍ଯ୍ୟ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ପାଇଁ ପ୍ରାର୍ଥନା କରାଯାଇଛି ।

## ଏମ୍‌କେସିଜି ଇଏନ୍‌ଟି ବିଭାଗର ସଫଳ ଅସ୍ତ୍ରୋପଚାର

# ବୃଦ୍ଧଙ୍କ ଖାଦ୍ୟନଳୀରୁ ବାହାରିଲା ୯ ଇଞ୍ଚର ଦାନ୍ତକାଠି

ବ୍ରହ୍ମପୁର, ୯।୯ (ସମିସ): ଏମ୍‌କେସିଜି ମେଡ଼ିକାଲ ଇଏନ୍‌ଟି ବିଭାଗରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ଖାଦ୍ୟନଳୀରୁ ୯ ଇଞ୍ଚର ଏକ ଦାନ୍ତକାଠି ବାହାର କରାଯାଇଛି । ଅସାବଧାନତା ଯୋଗୁଁ ବୃଦ୍ଧଜଣଙ୍କ ଦାନ୍ତ କାଠିଟିକୁ ଗିଳି ଦେଇଥିଲେ । ଏଥିଯୋଗୁଁ ଅସହ୍ୟ ଯନ୍ତ୍ରଣା ସହ ଖାଇବାରେ ସମସ୍ୟା ହୋଇଥିଲା । ପରିବାରଲୋକ ତାଙ୍କୁ ଏମ୍‌କେଜସିଜିରେ ଭର୍ତ୍ତି କରାଇବା ପରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଅସ୍ତ୍ରୋପଚାର କରିଥିଲେ । ଏସୋଫାଗୋସ୍କୋପ୍ ପଦ୍ଧତିରେ ଦୀର୍ଘ ଏକ ଘଣ୍ଟା ଧରି ଅସ୍ତ୍ରୋପଚାର ପରେ ଖାଦ୍ୟନଳୀରୁ ଦାନ୍ତ କାଠିଟିକୁ ବାହାର କରାଯାଇଥିଲା । ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବିଭାଗୀୟ ମୁଖ୍ୟ ଆସୋସିଏଟ୍ ପ୍ରଫେସର୍ ଡା. ସଞ୍ଜିତ କୁମାର ମିଶ୍ର କହିଛନ୍ତି ।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଗ୍ରାମର କାମରାଜୁ ନାୟକ (୮୦) ଗତ ବୁଧବାର ସକାଳେ ଦାନ୍ତ ଘଷୁଥିବା ବେଳେ ଅସାବଧାନତାବଶତଃ ଦାନ୍ତକାଠିଟିକୁ ଗିଳି ଦେଇଥିଲେ । ବହୁ ଚେଷ୍ଟା ସତ୍ତ୍ୱେ ବାହାରିନଥିଲା । ଫଳରେ ଖାଦ୍ୟ ଖାଇବାରେ



ସମସ୍ୟା ସହ ଅସହ୍ୟ ଯନ୍ତ୍ରଣା ହୋଇଥିଲା । ବିଭିନ୍ନ ମେଡ଼ିକାଲ ବୁଲି ଶେଷରେ ସୋମବାର ଏମ୍‌କେସିଜି ମେଡ଼ିକାଲରେ ପହଞ୍ଚିଥିଲେ । ସେଠାରେ ଇଏନ୍‌ଟି ବିଭାଗର ଡାକ୍ତର କାମରାଜୁଙ୍କ ଚିକିତ୍ସା କରିବା ସହ ବିଭିନ୍ନ ପରୀକ୍ଷା କରିଥିଲେ । ବୃଦ୍ଧଙ୍କ ରକ୍ତଚାପ ଉଚ୍ଚ ରହିଥିବାରୁ ନିଶ୍ଚେତକ ଦେଇ ଅସ୍ତ୍ରୋପଚାର କରିବା ବିପଦପୂର୍ଣ୍ଣ ଥିଲା । ଶେଷରେ ଏସୋଫାଗୋସ୍କୋପ୍ ପଦ୍ଧତିରେ କାମରାଜୁଙ୍କ ଖାଦ୍ୟନଳୀରେ ଥିବା ଦାନ୍ତକାଠିକୁ ବାହର କରିବାକୁ ନିଷ୍ପତ୍ତି ନେଇଥିଲେ । ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ

**ଯନ୍ତ୍ରଣା ଯୋଗୁ ସପ୍ତାହେ ଧରି ଭୋକରେ ଥିଲେ**

ଅସ୍ତ୍ରୋପଚାର ପରେ ୯ ଇଞ୍ଚର ଦାନ୍ତକାଠି ବାହାର କରାଯାଇଥିଲା । ଡାକ୍ତରୀ ଟିମ୍‌ରେ ଇଏନ୍‌ଟି ବିଭାଗର ମୁଖ୍ୟ ଡା. ସଞ୍ଜିତ କୁମାର ମିଶ୍ରଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ପ୍ରଫେସର ଡା. ସରିତା ଦାଶ, ନିଶ୍ଚେତକ ବିଭାଗର ଡା. ବିପିନ ମଲ୍ଲିକ, ଡା. ଅନୁପ ହରିଚନ୍ଦନ, ଡା. ପ୍ରବୀର କେଶରୀ ପ୍ରଧାନ, ଡା. ସ୍ୱାତୀ ଓ ଡା. ସରିତା ମାରାଣ୍ଡିଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ମକାଚାଷୀଙ୍କୁ ମାରି ଜଙ୍ଗଲରେ ପୋତିଥିଲେ

ବୈପାରୀଗୁଡ଼ା, ୯।୯ (ସମିସ): କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଦଣ୍ଡାବାଡ଼ି ଗ୍ରାମର ନିଖୋଜ ମକା ଚାଷୀଙ୍କ ଗଳିତ ମୃତଦେହ ୧୦ଦିନ ପରେ ଆଜି କାଡ଼ାକୁଣ୍ଡ ଜଙ୍ଗଲରୁ ଉଦ୍ଧାର ହୋଇଛି । ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଜଙ୍ଗଲରେ ପୋତି ଦେଇଥିଲେ । ମୃତ ଚାଷୀଜଣଙ୍କ ହେଲେ, ଦଣ୍ଡାବାଡ଼ି ଗାଁର ସମାରୁ ପୂଜାରୀ । ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି । ସେମାନେ ହେଲେ, ହରିଚନ୍ଦ୍ର ଭୂମିଆ ଓ ଭୀମ ଭୂମିଆ । ଅନ୍ୟତମ ଅଭିଯୁକ୍ତ ସୋମନାଥ ଭୂମିଆ ଫେରାର୍ ହୋଇଯାଇଛି । ତାକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ କହିଛି । ପିତୃ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ୩ ଅଭିଯୁକ୍ତ ଭାଇ ଏହି ହତ୍ୟାକାଣ୍ଡ ଘଟାଇଥିବା ପୁଲିସ୍ କହିଛି । ସୂଚନାନୁଯାୟୀ, ଗତ ଅଗଷ୍ଟ ୨୯ ତାରିଖରୁ ସମାରୁ ନିଖୋଜ ଥିବା ନେଇ ପରିବାରଲୋକ ବୈପାରୀଗୁଡ଼ା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏନେଇ ନମ୍ବର ୧୯/୨୫ରେ ଏକ ନିଖୋଜ ମାମଲା ରୁଜୁ



କରି ତଦନ୍ତ ଆରମ୍ଭ କରିଥିଲା । ତେବେ ତଦନ୍ତରୁ ପୁଲିସ୍ ଜାଣିବାକୁ ପାଇଥିଲା ଯେ ଜମିବାଡ଼ିକୁ ନେଇ ସମାରୁଙ୍କ ସହ ଅଣ୍ଡରିଯୋଡ଼ି ଗାଁର ୩ ଭାଇ ହରିଚନ୍ଦ୍ର ଭୂମିଆ, ଭୀମ ଭୂମିଆ ଏବଂ ସୋମନାଥ ଭୂମିଆଙ୍କ ବିବାଦ ରହିଥିଲା । ଏପରିକି, ସେମାନେ ସମାରୁଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ମଧ୍ୟ ଦେଇଥିଲେ । ପୁଲିସ ସନ୍ଦେହରେ ହରିଚନ୍ଦ୍ର ଓ ଭୀମକୁ ଥାନାକୁ ଆଣି ପଚାରାଉଚରା କରିବାରୁ ସତ ପଦାକୁ ଆସିଥିଲା ।

ଗତ ଅଗଷ୍ଟ ୪ତାରିଖ ଦିନ ୩ ଅଭିଯୁକ୍ତଙ୍କ ବାପା ଧାନ ଭୂମିଆଙ୍କୁ କେହି ହତ୍ୟା କରିଥିଲା । ତେବେ

- **୨ଭାଇ ଗିରଫ, ଜଣେ ଫେରାର୍**
- **ପିତୃହତ୍ୟାର ପ୍ରତିଶୋଧ ନେଲେ ୩ ଭାଇ**

ଏଥିରେ ସମାରୁଙ୍କ ହାତ ଥିବା ସନ୍ଦେହ କରି ସେମାନେ ସମାରୁଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ । ଗତ ୨୯ ତାରିଖ ରାତି ପ୍ରାୟ ୧୧ଟାରେ ସେମାନେ ସମାରୁଙ୍କ ଘରେ ପଶି ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ । ପରେ ତାଙ୍କ ଶବକୁ ୪କିମି ଦୂର କାଡ଼ାକୁଣ୍ଡ ଜଙ୍ଗଲକୁ ନେଇ ସେଠାରେ ପୋତି ଦେଇଥିଲେ ।

# ପୁଣି ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର, ୯।୯ (ସମିସ): ଅସହ୍ୟ ହେଲାଣି ଦାଦନ ଯନ୍ତ୍ରଣା । ପୁଣି ୨ଜଣ ଦାଦନ ଶ୍ରମିକଙ୍କ ଏକ ବସ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ମୃତକଦ୍ୱୟ ହେଲେ, ପାତ୍ରପୁର ବ୍ଲକ ମନ୍ଦରଡ଼ା ପଞ୍ଚାୟତ ଅନ୍ତର୍ଗତ

**୩ ଦିନରେ ପ୍ରାଣ ହରାଇଲେଣି ୪ଜଣ**

ତିନିଘରିଆ ଗ୍ରାମର ଗୋପାଳ ଗୌଡ଼ଙ୍କ ପୁଅ ଗଦାଧର ଗୌଡ଼ ଓ ଅନ୍ୟ ଜଣେ ବାଦପୁର ଗ୍ରାମର ତୁମ୍ବନାଥ ବେହେରା । ସୂଚନାନୁସାରେ, ଗଦାଧର ଗତ ୪ ମାସ ହେବ ତାମିଲନାଡୁରେ ଶ୍ରମିକ ଭାବେ କାମ କରୁଥିଲେ । ଗତକାଲି ସେଠାରେ ବସ୍ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଛି । ଗଦାଧରଙ୍କ ଶବ ଗ୍ରାମକୁ ଆସି ନଥିବା ବେଳେ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି । ସେହିଭଳି ତୁମ୍ବନାଥ ମୁମ୍ବାଇର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ଗତ କିଛି ଦିନ ହେବ ତାଙ୍କର ହୃତ୍‌ପିଣ୍ଡରେ ଅସ୍ତ୍ରୋପଚାର ହୋଇଥିଲା । ସୋମବାର ଭୋର୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ଶବ ଗ୍ରାମରେ ପହଞ୍ଚିଛି । ଏକ ଶୋକାକୁଳ ପରିବେଶରେ ତାଙ୍କ ଶବ ସତ୍କାର





ହୋଇଛି । ପେଟପାଟଣା ପାଇଁ ରାଜ୍ୟ ବାହାରକୁ ଯାଇ କାମ କରୁଥିବା ଗରିବ ଶ୍ରମିକଙ୍କ ଏଭଳି ଅକାଳ ବିୟୋଗକୁ ପରିବାରଲୋକ ଓ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି । ଗତ ୩ ଦିନ ମଧ୍ୟରେ ୪ଜଣ ଦାଦନଙ୍କ ମୃତ୍ୟୁ ଘଟିଥିବା ବେଳେ ଦାଦନ ଯନ୍ତ୍ରଣାରେ କଳବଳ ହେଲାଣି ପାତ୍ରପୁର ବ୍ଲକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ହୀରାକୁଦ ଜଳସ୍ତର ୬୨୭.୭୩ ଫୁଟ୍

ସମ୍ବଲପୁର, ୯।୯ (ସମିସ): ଉପରମୁଣ୍ଡରେ ବର୍ଷା କମିବାରୁ ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରୁଥିବା ବେଳେ ବର୍ତ୍ତମାନ ବାମ ପାର୍ଶ୍ୱର ମାତ୍ର ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି । ଆଜି ଅପରାହ୍ନ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୭.୭୩ ଫୁଟ୍‌ରେ ପହଞ୍ଚିଛି ।

**ଗୋଟିଏ ଗେଟ୍ ଖୋଲା**

ଜଳଭଣ୍ଡାରକୁ ଏବେ ସେକେଣ୍ଡ ପ୍ରତି ୮୭,୮୬୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪୯,୭୪୬ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୧୬,୨୬୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୨୯,୨୦୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି । ସୂଚନାନୁଯାୟୀ, ନଦୀବନ୍ଧର ଉପରମୁଣ୍ଡରେ ୭.୨୨ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୪.୮୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି । ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୯୧ ଫୁଟ୍ ରହିଥିଲା ।

## ଚିକିତ୍ସା ଅବହେଳାରୁ ଆଶ୍ରମ ସ୍କୁଲ ହଷ୍ଟେଲ ଅନ୍ତେବାସୀଙ୍କ ମୃତ୍ୟୁ ପ୍ରସଙ୍ଗ

# ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

କଟକ, ୯।୯ (ସମିସ): ରାୟଗଡ଼ା ଜିଲ୍ଲା ଦୁର୍ଗପଡ଼ୁ ଆଶ୍ରମ ସ୍କୁଲ ହଷ୍ଟେଲରେ ରହୁଥିବା ଷଷ୍ଠ ଶ୍ରେଣୀ ଅନ୍ତେବାସୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରିଛନ୍ତି ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚଆରସି) । ମୃତ ଛାତ୍ରୀଙ୍କ ବାପା ମହେନ୍ଦ୍ର ମାଣ୍ଡାଙ୍ଗିଙ୍କୁ ତିନି ମାସ ଭିତରେ ୮ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ଓଏଚଆରସି କହିଛନ୍ତି । କମିସନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜାହାରୀ ମାନବାଧିକାର କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । କ୍ଷତିପୂରଣ ରାଶି ଅର୍ଥ ଏକ ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା କରାଯାଇ ଏହାର ସୁଧ ଟଙ୍କା ପ୍ରତି ତିନି ମାସରେ ମହେନ୍ଦ୍ରଙ୍କୁ ପ୍ରଦାନ କରାଯିବ ।

ସେହିଭଳି ରାୟଗଡ଼ା ଜିଲ୍ଲାପାଳଙ୍କ ୨୦୨୫, ମାର୍ଚ୍ଚ ୨୬ର ରିପୋର୍ଟ ଅନୁସାରେ କର୍ତ୍ତବ୍ୟରେ ଅବହେଳା ପାଇଁ ସଂପୃକ୍ତ ଆଶ୍ରମ ସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷକ ଏସ୍. ଅନୀଲ କୁମାର ଓ ହଷ୍ଟେଲର ସହକାରୀ ଅଧୀକ୍ଷକ ଜି. ଶବରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏଭଳି ସ୍ଥିତିରେ ସରକାର ଚାହିଁଲେ ଦାୟୀ ବ୍ୟକ୍ତିଙ୍କ ନିକଟରୁ କ୍ଷତିପୂରଣ ରାଶି ଭରଣା କରିପାରିବେ ବୋଲି କମିସନ୍ କହିଛନ୍ତି ।

ମାମଲାରୁ ପ୍ରକାଶ ଯେ ମ୍ୟାଲେରିଆରେ ପୀଡ଼ିତ ଛାତ୍ରୀଜଣଙ୍କୁ ଉପଯୁକ୍ତ ଚିକିତ୍ସା ହଷ୍ଟେଲରେ ପ୍ରଦାନ କରାଯାଇନଥିଲା କି ଡାକ୍ତରଖାନାରେ ଭର୍ତ୍ତି କରିବାକୁ କିଛି ପଦକ୍ଷେପ ନିଆଯାଇନଥିଲା । ପରେ ଛାତ୍ରୀଙ୍କୁ ତାଙ୍କ ଘରେ ଛାଡ଼ି ଦିଆଯାଇଥିଲା । ଶେଷରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଏନେଇ ମାନବାଧିକାର କର୍ମୀ ଶ୍ରୀ ଦାସ କମିସନଙ୍କ ନିକଟରେ ମାମଲା ରୁଜୁ କରିଥିଲେ ।

**AFFIDAVIT**

By virtue of an affidavit sl No.- 8753, dtd. 08.09.2025 before the Executive Magistrate, Jajpur, I, Pritipiyusa Nayak, Vill/Po- Nandipur, Dist.- Jajpur, Odisha here by declare that my Father's correct name is Akshya Kumar Nayak but in Passport bearing no. L8794894 my fathers name reflected as Akhasy Nayk. That both the names are one and same person.

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଆଶା କରିଥିବା ଦିଗରୁ ଫଳ ମିଳିବ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି।

**ଧନୁ:** କୌଣସି ନୂଆ କାମ ମିଳିବ। ନିବେଶ ପାଇଁ ଭଲ ସମୟ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାର ସହିତ ହସଖୁସିର ସମୟ ଅତିବାହିତ କରିବେ।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଜମି କ୍ରୟ କରିପାରନ୍ତି।

**ମୀନ:** କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦେଖାଦେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେବ। ଭାଇ ଭାଇ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୮୮୭- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜନ୍ମ।
- ୧୯୧୫- କ୍ରାନ୍ତିକାରୀ ଜତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୨୬- ଜର୍ମାନୀ ମିତ୍ରରାଷ୍ଟ୍ରରେ ସାମିଲ ହେଲା।
- ୧୯୭୬- ଇଣ୍ଡିଆନ ଏୟାର ଲାଇନ୍ସର ବୋଇଂ ୭୩୭ ବିମାନ ଲାହୋରରୁ ଅପହରଣ ହେଲା।
- ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୨୦୨୦- ଫ୍ରାନ୍ସ ଦ୍ୱାରା ନିର୍ମିତ ପାଞ୍ଚୋଟି ରାଫେଲ ଯୁଦ୍ଧ ବିମାନ ଭାରତୀୟ ବାୟୁସେନାରେ ସାମିଲ ହେଲା।

## କମଳା ରଙ୍ଗର ସାର୍କ



ସାମାଜିକ ଗଣମାଧ୍ୟମରେ ଏକ କମଳା ରଙ୍ଗ ସାର୍କର ଫଟୋ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହାର ରଙ୍ଗ କମଳା ହୋଇଥିବାରୁ ଏହାକୁ ଦୁର୍ଲଭ ସାର୍କ ବୋଲି କୁହାଯାଉଛି। ଏହାର ରଙ୍ଗକୁ ଦେଖି କେବଳ ସାଧାରଣ ଲୋକ ନୁହନ୍ତି, ବୈଜ୍ଞାନିକମାନେ ବି ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଏହାବାଦ୍ ଏହାର ଏଭଳି ରଙ୍ଗ ଯୋଗୁଁ ଲୋକେ ଏହାକୁ ଗୋଲଡେନ୍ ଫିସ୍ ସାର୍କ ବୋଲି କହୁଛନ୍ତି। ବିଜ୍ଞାନଭିତ୍ତିକ ପତ୍ରିକା 'ମରିନ୍ ବାୟୋଲୋଜି ଜର୍ଣ୍ଣାଲ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ସାର୍କଟିକୁ ୨୦୨୪ ଅଗଷ୍ଟରେ କୋଷ୍ଟାରିକାର ଟୋର୍ଟୁଗୁଏରୋ ଜାତୀୟ ଉଦ୍ୟାନରେ ଦେଖାଯାଇଥିଲା। ସେତେବେଳେ କିଛି ମତ୍ସ୍ୟଜୀବୀ ସମୁଦ୍ରର ୩୭ ମିଟର ଗଭୀରରେ ଏହି କମଳା ରଙ୍ଗର ସାର୍କଟିକୁ ଦେଖିଥିଲେ। ଏହାର ଆଖି ଧଳା ଏବଂ ଶରୀର କମଳା ରଙ୍ଗର ଥିଲା। ମତ୍ସ୍ୟଜୀବୀମାନେ ସାର୍କର ଫଟୋ ଉଠାଇ ଏହାକୁ ପୁଣି ପାଣିରେ ଛାଡ଼ିଦେଇଥିଲେ। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହି ସାର୍କର ବିଶେଷ ରଙ୍ଗ ଦୁଇଟି ଅତ୍ୟନ୍ତ ବିରଳ ଜେନେଟିକ୍ ସ୍ଥିତି ଯୋଗୁଁ ହୋଇଛି। ପ୍ରଥମଟି ହେଉଛି ଆଲବିନିଜମ୍, ଯେଉଁଥିରେ ପ୍ରାଣୀର ଚର୍ମ ଏବଂ ଆଖିର ରଙ୍ଗ ଫିକା ହୋଇଯାଏ। ଦ୍ୱିତୀୟଟି ହେଉଛି ଜାନ୍ଥିଜିମ୍, ଯାହା ଯୋଗୁଁ ପ୍ରାଣୀର ଚର୍ମ କିମ୍ବା ଆବରଣ ହଳଦିଆ-କମଳା ଦେଖାଯାଏ। ଗବେଷକଙ୍କ ଅନୁସାରେ, ଏହି ଦୁଇଟି ଜେନେଟିକ୍ ଅବସ୍ଥା ଯୋଗୁଁ ସାର୍କର ଶରୀର ଠିକ୍ ଭାବରେ ମେଲାନିନ୍ ଉତ୍ପାଦନ କରିପାରିନଥିଲା, ଯାହା ଫଳରେ ଏହାର ଶରୀରର ରଙ୍ଗ ମାଟିଆ କିମ୍ବା ନୀଳ ପରିବର୍ତ୍ତେ କମଳା ରଙ୍ଗର ହୋଇଗଲା। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହା ଏକ ସାଧାରଣ ନର୍ସ ସାର୍କ ଥିଲା, କେବଳ ଏହାର ରଙ୍ଗ ଭିନ୍ନ ଥିଲା। ଅବଶ୍ୟ ଏହି ରଙ୍ଗ ଏହା ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। କାରଣ ସମୁଦ୍ରର ଗଭୀର ଜଳରେ ସାର୍କର ଏହି ଉଜ୍ଜ୍ୱଳ ରଙ୍ଗ ଶିକାରୀଙ୍କୁ ସହଜରେ ଆକର୍ଷିତ କରିବ।

## ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ



କଥାରେ ଅଛି ଆତ୍ମହତ୍ୟା ମହାପାପ। ଆତ୍ମହତ୍ୟା ଭଳି ଦୁର୍ବଳ ମାନସିକତା ପ୍ରତି ସମଗ୍ର ବିଶ୍ୱରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଭାବରେ ପାଳନ କରାଯାଏ। ୨୦୦୩ ମସିହାରୁ ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିବସ ପାଳନ ହୋଇଆସୁଛି। ସାରା ବିଶ୍ୱରେ ଆତ୍ମହତ୍ୟା ଭଳି ଏକ ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ଦ ଇଣ୍ଟରନ୍ୟାସନାଲ ଆସୋସିଏସନ୍ ଫର୍ ସୁଇସାଇଡ୍ ପ୍ରିଭେନସନ୍' (ଆଇଏଏସ୍‌ପି) ନାମକ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥା ଡବ୍ଲ୍ୟୁଏମ୍‌ଏଚ୍ ମିଳିତ ଆନୁକୂଲ୍ୟରେ ୨୦୦୩ ମସିହାରୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସର ଆରମ୍ଭ କରାଯାଇଛି। ୨୦୧୧ ମସିହାରେ ବିଶ୍ୱର ୪୦ଟି ଦେଶ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଆତ୍ମହତ୍ୟା ବର୍ତ୍ତମାନ ପୃଥିବୀପୃଷ୍ଠରେ ଅନ୍ୟତମ ବଡ଼ ସମସ୍ୟା। ପ୍ରତିଦିନ ଅନେକ ସଂଖ୍ୟକ ଲୋକ ଆତ୍ମହତ୍ୟା କରୁଛନ୍ତି। ଖବରକାଗଜ ଏବଂ ଟେଲିଭିଜନ ଖୋଲିବାମାତ୍ରେ ପ୍ରଥମେ ଆତ୍ମହତ୍ୟା ଖବର ନଜରକୁ ଆସୁଛି। ଗତ କିଛି ବର୍ଷଧରି ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଉଛି। ସେମାନଙ୍କଠାରେ ସୃଷ୍ଟି ହେଉଥିବା ଆତ୍ମହତ୍ୟା ଭାବନା ପଛରେ ସେମାନଙ୍କ ପାଠପଢ଼ା ଚାପ, ପରୀକ୍ଷା ଚାପ, ପାଠପଢ଼ା ପରବର୍ତ୍ତୀ ନିଯୁକ୍ତି ଚାପ ସହ ବିଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମୁଖ୍ୟ କାରଣ ଧରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛି। ଚାକିରି ହେଉକି ପାରିବାରିକ ସମସ୍ୟା, ପ୍ରେମଜନିତ ହେଉ କିମ୍ବା ନିର୍ଯାତନା, ହିଂସା, ନିଶା ଓ ଆର୍ଥିକ ସଙ୍କଟ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟିଛି। ଆତ୍ମହତ୍ୟା ଭଳି ଜଟିଳ ସମସ୍ୟାଠୁ ଦୂରରେ ରଖିବା ତଥା ଲୋକଙ୍କୁ ମାନସିକ ସ୍ତରରେ ସଶକ୍ତ କରିବା ଏହି ଦିନ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହାବାଦ୍ ଯେଉଁ ଲୋକଙ୍କଠାରେ ଆତ୍ମପ୍ରବଣତା ଦେଖାଯାଉଛି ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନେବା ସହ କେବେବି ଏକୁଟିଆ ଛାଡ଼ିବା କଥା ନୁହେଁ। ସବୁଠୁ ବଡ଼ କଥା ହେଲା, ଅଭିଭାବକମାନେ ପିଲାମାନଙ୍କୁ ଛୋଟ ବେଳୁ କିପରି ବିଫଳତାକୁ ସାମ୍ନା କରିବେ ସମସ୍ୟା ସହ କିପରି ଲଢ଼ିବାକୁ ପଡ଼େ, ତାହା ଶିଖାଇବା ନିହାତି ଦରକାର। ସେହିପରି ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନର ବାଟ ନୁହେଁ ବୋଲି ଏହି ଦିବସ ଅବସରରେ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ମାଧ୍ୟମରେ ସଚେତନ କରାଯାଏ।

## 'କିଙ୍ଗ୍' ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ଲିକ୍

'ପଠାନ୍' ଓ 'ଯବାନ୍'ର ସଫଳତା ପରେ ବଲିଉଡ୍ ବାଦଶାହ ଶାହାରୁଖ୍ ଖାନ୍‌ଙ୍କ ଆଗାମୀ ଫିଲ୍ମ 'କିଙ୍ଗ୍'କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଶାହାରୁଖ୍‌ଙ୍କ ପାଖରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟର ଅଫର୍ ଥିଲେ ବି ଏବେ ସେ 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଶାହାରୁଖ୍ ଏବେ ପୋଲାଣ୍ଡରେ 'କିଙ୍ଗ୍'ର ସୁଟିଂ କରୁଛନ୍ତି। ତେବେ ଭାଇରାଲ ହୋଇଥିବା ଫଟୋଗୁଡ଼ିକରୁ ଗୋଟିଏରେ ସେ ସିଲଭର୍ କଲର୍ ହେୟାର୍‌ରେ ଦେଖାଯାଇଛନ୍ତି। ସେହିପରି ଅନ୍ୟଟିରେ ସେ ଲମ୍ବା କେଶରେ ଦେଖାଯାଇଛନ୍ତି। ତେବେ ଶାହାରୁଖ୍‌ଙ୍କ ଏହି ଲୁକ୍ ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ 'ଯବାନ୍' ଓ 'ପଠାନ୍'ର ଲୁକ୍ ସହ ତୁଳନା କରୁଛନ୍ତି। ଶାହାରୁଖ୍‌ଙ୍କ ସହ ଏହି ଫିଲ୍ମରେ ଦୀପିକା ପାଦୁକୋନ୍, ରାନୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ଜୟଦୀପ ଅହଲାୱତ୍, ଅନୀଲ କପୁର, ଅରଶଦ ୱର୍ସି, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ।



## ସମ୍ଭାବନା



## ଚାକିରି ଅନୁସାରେ ଏଆଇ କୋର୍ସ



ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏବେ ଏଆଇର ଉପଯୋଗ କରାଯାଉଛି। ଏଆଇ ଯୋଗୁଁ ଅନେକ ଚାକିରିକୁ ନେଇ ଅସୁରକ୍ଷିତ ଅନୁଭବ କରୁଥିବା ବେଳେ ଆଉ କିଏ ଏହାକୁ ଉପଯୋଗ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ବର୍ତ୍ତମାନ ସମୟରେ କେଉଁ ଚାକିରି ପାଇଁ କେଉଁ ପ୍ରକାର ଏଆଇ କୋର୍ସ କରିବା ଉଚିତ, ସେ ସମ୍ପର୍କରେ ଜାଣିବା।

**ବ୍ୟାଙ୍କିଂ, ଫାଇନାନ୍ସ, ଆକାଉଣ୍ଟିଂ:** ବ୍ୟାଙ୍କିଂ, ଫାଇନାନ୍ସ ଏବଂ ଆକାଉଣ୍ଟ କ୍ଷେତ୍ରରେ କାମ କରୁଥିଲେ ଏଆଇ ଫର୍ ଫାଇନାନ୍ସ, ଡାଟା ଆନାଲିସିସ୍, ମେସିନ ଲର୍ଣ୍ଣିଂ ଫର୍ ଫାଇନାନ୍ସ ଭଳି କୋର୍ସ ବାଛିପାରିବେ।

**ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ:** ମିଡିଆ ତଥା ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ କ୍ଷେତ୍ର ପାଇଁ ଏଆଇ ଇନ ଜର୍ଣ୍ଣାଲିଜମ୍, ଜେନରେଟିଭ ଏଆଇ ଫର୍ କଣ୍ଟେଣ୍ଟ କ୍ରିଏଟର, ଚାଟ୍‌ଜିପିଟି ପ୍ରମ୍ପଟ୍ ଇଞ୍ଜିନିୟରିଂ କୋର୍ସ କରିପାରିବେ।

**ହେଲଥ୍‌କେୟାର୍:** ଏହି ଫିଲ୍ଡର ହୋଇଥିଲେ ଏଆଇ ଇନ୍ ହେଲଥ୍ କେୟାର୍, ଡାଟା ସାଇନ୍ସ ଫର୍ ହେଲଥ୍ କେୟାର୍, ଡିପ୍ ଲର୍ଣ୍ଣିଂ ଫର୍ ଇମାଜିଂ ଭଳି କୋର୍ସ ବାଛିପାରିବେ।

**ଶିକ୍ଷକତା:** ଶିକ୍ଷକତା କ୍ଷେତ୍ର ଲାଗି ଏଆଇ ଇନ୍ ଏଜୁକେସନ, ଗୁଗଲ ଫର୍ ଏଜୁକେସନ, ଏଆଇ ଟୁଲ୍ କୋର୍ସ କରିବା ଏକ ଉତ୍ତମ ବିକଳ୍ପ ବୋଲି କୁହାଯାଉଛି।

**ମାର୍କେଟିଂ, ସେଲ୍ସ ଏବଂ ବିଜନେସ:** ମାର୍କେଟିଂ, ସେଲ୍ସ ଏବଂ ବିଜନେସ କ୍ଷେତ୍ର ଲାଗି ଏଆଇ ଇନ୍ ଡିଜିଟାଲ ମାର୍କେଟିଂ, ଡାଟା ଡ୍ରାଇଭେନ୍ ମାର୍କେଟିଂ ୱିଥ୍ ଏଆଇ, ହବ୍‌ସ୍ପଟ୍ ଏଆଇ ମାର୍କେଟିଂ କୋର୍ସ କରିବା ସମ୍ଭବ।

**ମାନୁଫାକଚରିଂ ଏବଂ ସପ୍ଲାଏ ଚେନ୍:** ଏହି କ୍ଷେତ୍ର ଲାଗି ଏଆଇ ଫର୍ ସପ୍ଲାଏ ଚେନ୍, ଇଣ୍ଡଷ୍ଟ୍ରିଆଲ ଏଆଇ, ଏଆଇ ଇନ୍ ଅପରେସନ ଭଳି କୋର୍ସ କରିପାରିବେ।

**ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ:** ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ ସମ୍ବନ୍ଧିତ କୋର୍ସ କରିବାକୁ ଚାହୁଁଥିଲେ ମେସିନ ଲର୍ଣ୍ଣିଂ ସ୍ପେସାଲାଇଜେସନ, ଜେନରେଟିଭ୍ ଏଆଇ ୱିଥ୍ ଏଲଏଲଏମଏସ୍ କୋର୍ସ କରନ୍ତୁ।



**ଡିଜାଇନର, ଆର୍ଟିଷ୍ଟ, ଭିଡିଓ ଏଡିଟର:** କ୍ରିଏଟିଭ୍ କ୍ଷେତ୍ର ଲାଗି ଏଆଇ ଫର୍ କ୍ରିଏଟିଭ୍ ପ୍ରଫେସନାଲ, କାନଭା ଏଆଇ ଟୁଲ, ରନୱେଏମ୍‌ଏଲ୍ ଏବଂ ମିଡ୍‌ଜର୍ଣ୍ଣି ମାଷ୍ଟରକ୍ଲାସ୍ କୋର୍ସ କରିବା ଭଲ।

## ଗୁଗଲ ଟ୍ରାନ୍ସଲେଟ୍‌ର ନୂଆ ଫିଚର୍


ଗୁଗଲ ମଧ୍ୟ ଟ୍ରାନ୍ସଲେଟ୍ ଆପ୍‌ରେ ଏକ ନୂଆ ଫିଚର୍ ଯୋଡ଼ିବାକୁ ଯାଉଛି। ଏହାଦ୍ୱାରା ଘରେ ବସି ଏଆଇ ସାହାଯ୍ୟରେ ନୂଆ ଭାଷା ଶିଖି ହେବ। ଗୁଗଲ ଟ୍ରାନ୍ସଲେଟ୍‌ର ଏହି ଫିଚର୍ ପୂରା କୃତ୍ରିମବୁଦ୍ଧିମତା ଉପରେ ଆଧାରିତ। ଚାକିରି, ପଢ଼ା, ଟ୍ରାଭେଲ ପାଇଁ କେଉଁ ଭାଷା ଶିଖିବାକୁ ଚାହୁଁଛନ୍ତି, ଏହି ଆପ୍ ପ୍ରଥମେ ବ୍ୟବହାରକାରୀଙ୍କୁ ଏକଥା ପଚାରିବ। ଏହା ପରେ ଏଆଇ ସେହି ହିସାବରେ ପର୍ସନାଲ କୋର୍ସ ପ୍ରସ୍ତୁତ କରିବ। ଆପ୍‌ରେ ଅଭ୍ୟାସ ବଟମ ମିଳିବ। ଏହା ଦ୍ୱାରା ବ୍ୟବହାରକାରୀ ନିଜ ଦକ୍ଷତା ପରୀକ୍ଷା କରିପାରିବେ। ତେବେ ଗୁଗଲ ଏହି ଫିଚର ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବହାରକାରୀଙ୍କ ଲାଗି ଜାରି କରିବା ଆରମ୍ଭ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଇଂରାଜି କହୁଥିବା ବ୍ୟବହାରକାରୀ ସ୍ପାନିଶ ଏବଂ ଫ୍ରେଞ୍ଚ ଭାଷା ଶିଖିପାରିବେ। ସେହିପରି ଫ୍ରେଞ୍ଚ, ପର୍ତ୍ତୁଗୀଜ, ସ୍ପାନିଶ କହୁଥିବା ବ୍ୟବହାରକାରୀ ଇଂରାଜି ଶିଖିପାରିବେ। ସେହିପରି ଏଥିରେ କେବଳ ନୂଆ ଲର୍ଣ୍ଣିଂ ଫିଚର ଆସୁ ନାହିଁ, ବରଂ ଲାଇଭ୍ ଟ୍ରାନସଲେସନ ମଧ୍ୟ ଯୋଡ଼ା ଯାଇଛି। ଏହି ଫିଚର୍ ୭୦ରୁ ଅଧିକ ଭାଷାକୁ ସମର୍ଥନ କରୁଛି।




## ଜେନ୍ ଜେଡ୍‌ଙ୍କ 'ଟ୍ରିଟ୍ କଲ୍‌ଚର୍'

**ବର୍ତ୍ତମାନର ଜୀବନଶୈଳୀରେ 'ଟ୍ରିଟ୍ କଲ୍‌ଚର' ନାମକ ଟ୍ରେଣ୍ଡର ଚାହିଦା ବେଶି। ବିଶେଷକରି ଏହା ଜେନ୍ ଜେଡ୍ ଯୁବପିଢ଼ିଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। ଦରମା ତଥା ପକେଟ୍ ମନିକୁ ସେମାନେ ଟ୍ରିଟ୍ କଲ୍‌ଚର୍‌ରେ ଖର୍ଚ୍ଚ କରୁଛନ୍ତି। ସାଙ୍ଗମାନଙ୍କୁ ପ୍ରତିଟି ଛୋଟ ବଡ଼ ଖୁସିରେ ଟ୍ରିଟ୍ ଦେବା, କଫି ଡେଟ୍ ପାର୍ଟି ତଥା ଆଉଟିଂରେ ଟଙ୍କା ଖର୍ଚ୍ଚ କରିବା ହେଉଛି ଏହି କଲ୍‌ଚର୍‌ର ଅଂଶ ବିଶେଷ। ହେଲେ ସେମାନଙ୍କର ଏହି ଅଭ୍ୟାସ ଜେନ୍ ଜେଡ୍‌ଙ୍କ ଆର୍ଥିକ ସ୍ଥିତିକୁ କ୍ଷତି ପହଞ୍ଚାଉଛି। ଏହି ଟ୍ରିଟ୍ କଲ୍‌ଚର କ'ଣ ଏବଂ ଏହା କିଭଳି ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଉଛି, ସେ ସମ୍ପର୍କରେ ଜାଣିବା।**

ଟ୍ରିଟ୍ କଲ୍‌ଚର୍‌ର ଅର୍ଥ ହେଉଛି କୌଣସି ଉତ୍ସବ ହେଉ ବା ନ ହେଉ ସାଙ୍ଗଙ୍କୁ ପାର୍ଟି ଦେବା କିମ୍ବା ସେମାନଙ୍କ ସହ ଲଗାତାର ଖାଇବା, ପିଇବା ଓ ମନୋରଞ୍ଜନରେ ଟଙ୍କା ଖର୍ଚ୍ଚ କରିବା। ତେଣିକି ତାହା ଅଫିସ୍‌ରେ ପଦୋନ୍ନତି ହେଉ, ପରୀକ୍ଷା ପାସ୍ କରିବା ହେଉ କିମ୍ବା ମୁଡ୍ ଫ୍ରେସ୍ କରିବା ପାଇଁ ହେଉ। ଏ ସବୁ ଉଦ୍ଦେଶ୍ୟରେ ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରି ଟଙ୍କା ଖର୍ଚ୍ଚ କରିବାକୁ ସେମାନେ ପସନ୍ଦ କରୁଛନ୍ତି। ସେମାନଙ୍କର ଏବେ ଏହି ଅଭ୍ୟାସ ସାପ୍ତାହିକ ନଚେତ ନିତିଦିନ ଚଳଣିରେ ପରିଣତ ହେଲାଣି। ଦିନକୁ ଦିନ ରେସ୍ତୋରାଁ, କାଫେ ଏବଂ ସିନେମା ଦେଖିବା ଖର୍ଚ୍ଚ ବଢ଼ିବା ସେମାନଙ୍କ ବଜେଟ୍ ଉପରେ ପ୍ରଭାବ ପକାଉଛି। ସେହିପରି ବେଳେ ବେଳେ ସାଙ୍ଗ ତଥା ସୋସାଲ ଗ୍ରୁପ୍ ଚାପ ଯୋଗୁଁ ବି ଟ୍ରିଟ୍ ଦେବାକୁ ପଡ଼ିଥାଏ। ଜେନ୍ ଜି ଯୁବପିଢ଼ିମାନେ ଏଥିରେ ପଛରେ ରହିବାକୁ ଚାହାନ୍ତି ନାହିଁ, ତେଣୁ ଏହା ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ। ଜେନ୍ ଜି ତୁରନ୍ତ ଖୁସି ଚାହୁଁଛନ୍ତି। ତେଣୁ 'ଏବର' ଖୁସି ସେମାନଙ୍କ ଲାଗି ଖୁବ୍ ଗୁରୁତ୍ୱ ବହନ କରୁଛି। ହେଲେ ଏହି ଅଭ୍ୟାସ ସଞ୍ଚୟ ଉପରେ କ୍ଷତି ପହଞ୍ଚାଉଛି। ଅନ୍ୟପଟେ କ୍ୟାସଲେସ୍ ପେମେଣ୍ଟ ମଧ୍ୟ ଖର୍ଚ୍ଚ କରିବା ରାସ୍ତାକୁ ସହଜ କରିଛି। ସ୍ୱାଇପ୍ ଏବଂ ଟ୍ୟାପ୍‌ରେ ବିଲ୍ ପେ' କରିବା ଦ୍ୱାରା ଅର୍ଥ ଯିବାର ଅନୁଭବ କମ୍ ହେଉଛି। ଫଳରେ ଅତିରିକ୍ତ ଖର୍ଚ୍ଚ ହେଉଛି, ଯାହା ସେମାନେ ବୁଝିପାରୁ ନାହାନ୍ତି।



## ଡାଏରୀ ଲେଖିବା ଭଲ


ଅନେକ ଲୋକଙ୍କର ନିତିଦିନ ଡାଏରୀ ଲେଖିବା ଅଭ୍ୟାସ ଥାଏ। ତେବେ ଡାଏରୀ ଲେଖିବା ଦ୍ୱାରା ମନ ହାଲୁକା ହୁଏ ଏବଂ ଅବସାଦ କମେ। ଭାବନା ଓ ଚିନ୍ତାଧାରାକୁ କାଗଜରେ ଲେଖିବା ଦ୍ୱାରା ଭଲ ଲାଗେ। ସେହିପରି ଡାଏରୀ ଲେଖିବା ଦ୍ୱାରା ନିଜ ନିଷ୍ପତ୍ତି, ନିଜ ଭାବନା ବାବଦରେ ଚିନ୍ତା କରିବାକୁ ସମୟ ମିଳେ। ଏହା ଦ୍ୱାରା ନିଜକୁ ଭଲ ଭାବେ ବୁଝି ହୁଏ। ଡାଏରୀରେ ଲେଖାଯାଇଥିବା ସ୍ମୃତି ଓ ଅଭିଜ୍ଞତା ସବୁଦିନ ପାଇଁ ସୁରକ୍ଷିତ ରହେ। ଭବିଷ୍ୟତରେ ଏହାକୁ ପଢ଼ି ବିତିଥିବା ଅତୀତକୁ ମନେ ପକାଇ ହୁଏ। ଡାଏରୀରେ ନିଜର ଲକ୍ଷ୍ୟ, ସ୍ୱପ୍ନ ବାବଦରେ ଲେଖିପାରିବେ। ଅସୁବିଧା ତଥା ସମସ୍ୟା ସମ୍ପର୍କରେ ଲେଖିବା ଦ୍ୱାରା ସେସବୁକୁ ଏକ ନୂଆ ଦୃଷ୍ଟିକୋଣରୁ ଦେଖି ହୁଏ। ଏହା ଦ୍ୱାରା ସମସ୍ୟାର ସମାଧାନ ଖୋଜିବା ସହଜ ହୁଏ। ଡାଏରୀ ଲେଖିବା ଦ୍ୱାରା ବିଚାରଧାରା ଓ ଲେଖିବା କ୍ଷମତା ଉନ୍ନତ ମାନର ହୁଏ। କୌଣସି କାମ ଲାଗି କୃତଜ୍ଞ ଅନୁଭବ କରୁଥିଲେ, ସେକଥା ବି ଡାଏରୀରେ ଲେଖାଯାଇପାରିବ। ଏହାଦ୍ୱାରା ମନରେ ସକାରାତ୍ମକ ଓ କୃତଜ୍ଞତା ଭାବ ବୃଦ୍ଧି ପାଏ। ନିଜର ଭୁଲ ଓ ଏଥିରୁ ମିଳୁଥିବା ଶିକ୍ଷା ବାବଦରେ ବି ଡାଏରୀରେ ଲେଖିପାରିବେ। ଏହା ଭୁଲକୁ ସୁଧାରିବା ଦିଗରେ ସାହାଯ୍ୟ କରେ।



● ସେଦିକୁଲ୍ଲା, ଆଜମାତୁଲ୍ଲାଙ୍କ ଅର୍ଦ୍ଧଶତକ

# ଆଫଗାନିସ୍ତାନର ବିଶାଳ ସ୍କୋର

ଆବୁଧାବି, ୯।୯ (ଏଜେନ୍ସି): ଓପନର ସେଦିକୁଲ୍ଲା ଅଟଳ ଓ ଅଲରାଉଣ୍ଡର ଆଜମତୁଲ୍ଲା ଓମରଜାଇଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଏସିଆ କପ୍ ପୁରୁଷ ଟି-୨୦ ହଂକଂ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫଗାନିସ୍ତାନ ୬ ୱିକେଟରେ ୧୮୮ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ୩ଟି ଜୀବନଦାନ ପାଇଥିବା ସେଦିକୁଲ୍ଲା ୫୨ ବଲ୍‌ରେ ୬ ଚୌକା ଓ ୩ଛକା ସହ ୭୩ ରନ୍‌ରେ ଅପରାଜିତ ରହିଥିଲେ। ଆଜମତୁଲ୍ଲା ୨୧ ବଲ୍‌ରୁ ୨ ଚୌକା ଓ ୫ ଛକା ସହ ୫୩ ରନ୍ କରି ଆଉଟ ହୋଇଥିଲେ। ହଂକଂ ପକ୍ଷରୁ ଖେଳୁଥିବା ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ଆୟୁଷ ଶୁକ୍ଳା ଓ କିଞ୍ଚିତ ଶାହ ୨ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୬ ରନ୍‌ରେ ଦୁଇ ୱିକେଟ ହରାଇଥିଲା। କିନ୍ତୁ କ୍ୟାଚ୍ ଡ୍ରପ୍‌ରୁ ଫାଇଦା ଉଠାଇ ସେଦିକୁଲ୍ଲା ତୃତୀୟ ୱିକେଟରେ ମହମ୍ମଦ୍ ନବୀ (୨୬ବଲ୍‌ରେ ୩୩ରନ୍)ଙ୍କ ସହ ୪୧ ବଲ୍‌ରୁ ୫୧ ଓ ଆଜମତୁଲ୍ଲା ଓମରଜାଇଙ୍କ ସହ ୫ମ ୱିକେଟ ଯୋଡ଼ିରୁ ୩୫ବଲ୍‌ରେ ୮୨ ରନ୍ ଉଠାଇବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା। ଶେଷ ଭାଗରେ ଆଫଗାନିସ୍ତାନ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ଶେଷ ୪ ଓଭରରେ ୭୧ ରନ୍ ଉଠାଇଥିଲେ। ଜବାବରେ ହଂକଂ ୧୮୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ହଂକଂ ୧୨ ଓଭରରେ ୫ ୱିକେଟ ହରାଇ ୬୦ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ଖେଳୁଥିବା ଓଡ଼ିଆ ଖେଳାଳି ଅଂଶୁମାନ ରଥ ଗୋଟିଏ ବଲ୍ ଖେଳି ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଥିଲେ। ହଂକଂ ପରି ଆଫଗାନିସ୍ତାନର ଖେଳାଳିମାନେ ମଧ୍ୟ କ୍ୟାଚ୍ ଡ୍ରପ୍ କରି ଖେଳର ଆକର୍ଷଣ କମାଇଦେଇଥିଲେ। ଦଳର ଦୁଇଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ।


ସେଦିକୁଲ୍ଲା ଅଟଳ

## ଏସିଆ କପ୍ ବିଜେତାଙ୍କୁ ମିଳିବ ୨.୬୪ କୋଟି

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍‌ର ଚାମ୍ପିଅନ ଦଳକୁ ଏଥର ପୁରସ୍କାର ବାବଦରେ ୩ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୨ କୋଟି ୬୪ ଲକ୍ଷ) ପ୍ରଦାନ କରାଯିବ। ସେହିଭଳି ଫାଇନାଲରେ ପରାଜିତ ଦଳ ଦେଢ଼ ଲକ୍ଷ ଡଲାର ତଥା ଏକ କୋଟି ୩୨ ଲକ୍ଷ ଟଙ୍କା ପାଇବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ୨୦୨୩ରେ ଅନୁଷ୍ଠିତ ଏସିଆ କପ୍ ଦିନିକିଆ ଫର୍ମାଟ୍‌ରେ ଖେଳାଯାଇଥିଲା। ସେହି ସଂସ୍କରଣରେ ଶ୍ରୀଲଙ୍କାକୁ ହରାଇ ଚାମ୍ପିଅନ ହୋଇଥିବା ରୋହିତ ଶର୍ମାଙ୍କ ଭାରତୀୟ ଦଳ ୧.୨୫ କୋଟି ଟଙ୍କା ପୁରସ୍କାର ପାଇଥିଲା।

ସଞ୍ଜୁ ସାମସନ, କୁଲଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ

# ୟୁଏଇ ବିପକ୍ଷରୁ ଭାରତର ଅଭିଯାନ

ଦୁବାଇ, ୯।୯ (ସମିସ)



ଦୀର୍ଘ ଦିନର ବ୍ୟବଧାନ ପରେ ଭାରତୀୟ କ୍ରିକେଟ ଦଳ ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ଆସନ୍ତାକାଲି ଫେରିବ। ଆଜି ଏଠାରେ ଆଫଗାନିସ୍ତାନ ବନାମ ହଂକଂ ମୁକାବିଲାରୁ ଟି-୨୦ ଫର୍ମାଟରେ ଆରମ୍ଭ ହୋଇଛି ଏସିଆ କପ୍ କ୍ରିକେଟ। ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି ଓ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମୁକାବିଲାରେ ୟୁଏଇ ବିପକ୍ଷରୁ ଖେଳି ଏସିଆକପ୍ ଅଭିଯାନ ଆରମ୍ଭ କରିବ। ୟୁଏଇ ଶକ୍ତିଶାଳୀ ଭାରତକୁ ଚ୍ୟାଲେଞ୍ଜ ଦେବା ଭଳି ଶକ୍ତି ନ ଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଭାରତ ଦଳର ସମୀକରଣ ଓ ଖେଳାଳିଙ୍କୁ ମ୍ୟାଚ୍ ଅଭ୍ୟାସର ସୁଯୋଗ ଦେଇ ପାକିସ୍ତାନ ବିପକ୍ଷ ମୁକାବିଲା ଲାଗି ପ୍ରସ୍ତୁତ ହେବ। ପାକିସ୍ତାନ ଏବେ କିଛିଦିନ ହେଲା ନିୟମିତ କ୍ରିକେଟ ଖେଳି ଭାରତର ମୁକାବିଲା କରିବାକୁ ପ୍ରସ୍ତୁତ ରହିଛି। ୟୁଏଇ ବିପକ୍ଷ ମ୍ୟାଚ୍‌ରେ ଭଲ ଖେଳି ଭାରତ ଆସନ୍ତା ୧୪ରେ ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍ ଲାଗି ପ୍ରସ୍ତୁତ କରିବ ବୋଲି ଆଶା ରଖିଛି।

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଗଠନ କରାଯାଇଛି। ଇଂଲଣ୍ଡ ବିପକ୍ଷରେ ଭାରତର ନେତୃତ୍ୱ ନେଇ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିବା ଶୁବମନ ଗିଲ୍‌ଙ୍କୁ ଏହି ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ଗିଲ୍ ଦଳକୁ ଫେରିବା ପରେ ଇନିଂସ ଓପନ କରି ସଫଳ ହୋଇଥିବା ସଞ୍ଜୁ ସାମସନଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗିଲ୍ ଦଳକୁ ଫେରିବା ପରେ ଇନିଂସ ଓପନ କରିବେ ବୋଲି ହେଡ୍ କୋଚ୍ ଗୌତମ ଗମ୍ଭୀର ଏକାଧିକ ଥର ସୂଚନା ଦେଇଛନ୍ତି। ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କ ଓପନିଂ ପାର୍ଟନର ହେବେ ଗିଲ୍। ଏଣୁ ନଂ-୩ରେ ସଫଳ ହୋଇଥିବା ତିଳକ ବର୍ମାଙ୍କୁ ସୁଯୋଗ ଦେବ ନା ସାମସନ ଖେଳିବେ ଏହାକୁ ନେଇ କେହି କିଛି ସୂଚନା ଦେଇ ନାହାନ୍ତି। କିନ୍ତୁ ଗତ ଦୁଇଦିନ ଧରି ଭାରତୀୟ ଦଳ କରିଥିବା ନେଟ୍ ପ୍ରାକ୍ଟିସ୍‌ରୁ ସାମସନ ପ୍ରଥମ ଏକାଦଶ ତାଲିକାରେ ରହିବ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ୱିକେଟ ରକ୍ଷକ ଜିତେଶ ଶର୍ମା ଦୀର୍ଘ ସମୟ ଧରି ବ୍ୟାଟିଂ ପ୍ରାକ୍ଟିସ୍ କରିବା ପରେ ଶେଷ ଭାଗରେ ସାମସନ ଓ ରିଙ୍କୁ ସିଂ ଅଭ୍ୟାସ କରିଥିଲେ। ଏଥିରୁ ଜଣାପଡୁଛି ଚୂଡ଼ାନ୍ତ ଏକାଦଶରେ ସାମସନଙ୍କୁ ସୁଯୋଗ ମିଳିବା କଷ୍ଟକର। ତେବେ ଟିମ୍ ମ୍ୟାନେଜମେଣ୍ଟ କିପରି ଖେଳାଳି ଏକାଦଶ ଚୟନ କରିବ ତାହା ଆସନ୍ତାକାଲି ଟସ୍ ପୂର୍ବରୁ ଜଣାପଡ଼ିବ।

ଏବେ ଖେଳାଯିବାକୁ ଥିବା ଦୁବାଇ ପିଚ୍ ବ୍ୟବହାର ହୋଇନାହିଁ। ଏଠାରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫିରେ ଭାରତ ୪ଜଣ ସ୍ପିନରଙ୍କୁ ନେଇ ଖେଳୁଥିଲା। ସେତେବେଳେ ପିଚ୍ ଖରାପ ହୋଇଯାଇଥିଲା। ଏବେ କିନ୍ତୁ ପିଚ୍‌ରେ ଘାସ ଅଛି ଏହା ବ୍ୟବହାର ହୋଇ ନ ଥିବାରୁ ସତେଜ ରହିଛି। ଏଣୁ ପେସ୍ ବୋଲରଙ୍କୁ ନିଶ୍ଚିତ କିଛିଟା ସହାୟତା ମିଳିବ ବୋଲି ଆଶା କରାଯାଉଛି। ଏହା ଫଳରେ ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ ସିଂହ ଭାରତ ପକ୍ଷରୁ ନିଶ୍ଚିତ ଖେଳିବେ। ତୃତୀୟ ପେସ୍ ବୋଲର ଭାବେ ହର୍ଷିତ ରାଣା କିମ୍ବା ଅଲରାଉଣ୍ଡର ଶିବମ ଦୁବେଙ୍କୁ ଖେଳିବାକୁ ସୁଯୋଗ ମିଳିପାରେ। ଯଦି ଭାରତ ଜଣେ ସ୍ପେଶାଲିଷ୍ଟ ବୋଲରଙ୍କୁ ନିଆଯାଏ ତେବେ ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ ରହିବ। ଦଳର ପ୍ରମୁଖ ସ୍ପିନର ଭାବେ ଅଲରାଉଣ୍ଡର ଅକ୍ଷର ପଟେଲ ଓ ମିଷ୍ଟ୍ରି ସ୍ପିନର କୁହାଯାଉଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ଖେଳିବାକୁ ସୁଯୋଗ ମିଳିବ। ନେଟ୍‌ରେ ଦୀର୍ଘ ସମୟ ବୋଲିଂ କରିଥିବା ଓପନର ଅଭିଷେକ ଶର୍ମା ତୃତୀୟ ସ୍ପିନର ଦାୟିତ୍ୱ ସମ୍ଭାଳିବେ। ଭାରତର ବୋଲିଂ କୋଚ୍ ମୋର୍ଣ୍ଣେ ମୋର୍କେଲ ଦୁଇ ଅଲରାଉଣ୍ଡର ଶିବମ ଓ ଅଭିଷେକଙ୍କ ବୋଲିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଦଳରେ ଯେତେ ଅଧିକ ଅଲରାଉଣ୍ଡର ରହିବେ, ଅଧିନାୟକଙ୍କୁ ସେତେ ଅଧିକ ସୁଯୋଗ ମିଳିବ। ଏଣୁ ଟି-୨୦ରେ ଅଲରାଉଣ୍ଡ ଖେଳ ଉପରେ ମୋର୍କେଲ ଗୁରୁତ୍ୱ ଦେଇଆସୁଛନ୍ତି।

ପ୍ରତିଦ୍ୱନ୍ଦ୍ୱୀ ୟୁଏଇ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ ସହ ଅଧିକ ମ୍ୟାଚ୍ ଖେଳିନାହିଁ। ଏହି ଦଳ ଗୋଟିଏ ଟି-୨୦ ମ୍ୟାଚ୍ ଖେଳିଛି। ସେହିପରି ଦଳ ୩ଟି ଦିନିକିଆ ମଧ୍ୟ ଖେଳିଛି। ଏହା ମଧ୍ୟରୁ ୨୦୧୫ରେ ଶେଷ ମୁକାବିଲା ହୋଇଥିଲା। ୨୦୧୬ ଏସିଆ କପ୍‌ରେ ୟୁଏଇ ସହ ଭାରତର ପ୍ରଥମ ମୁକାବିଲା ହୋଇଥିଲା। ଏଥିରେ ଭାରତ ୯ ୱିକେଟରେ ଜିତିଥିଲା। ଏବେ ଲାଲଚାନ୍ଦ ରାଜପୁତ ୟୁଏଇର କୋଚ୍ ରହିଛନ୍ତି। ଅଧିନାୟକ ମହମ୍ମଦ୍ ୱାସିମ ଓ ରାଜପୁତ ମିଶି କିପରି ଏହି ଟୁର୍ଣ୍ଣାମେଣ୍ଟରେ ୟୁଏଇକୁ ଏକ ଲଢ଼ୁଆ ଦଳରେ ପରିଣତ କରିବେ ତାହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି।

**ଆଜିର ମୁକାବିଲା**

**ଭାରତ-ୟୁଏଇ**

ଭେନ୍ୟୁ-ଦୁବାଇ, ସମୟ-ରାତି ୮ଟା
ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ସୋନି ଲାଇଭ, ଜିଓହଟଷ୍ଟାର

**ଖେଳାଳି ଦଳ**

**ଭାରତ** : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ୟୁଏଇ** : ମହମ୍ମଦ୍ ୱାସିମ୍ (ଅଧିନାୟକ), ଆଲିସାନ ସରାଫୁ, ଆର୍ଯ୍ୟାଂଶ ଶର୍ମା (ୱିକେଟରକ୍ଷକ), ଅସିଫ ଖାନ୍, ଧ୍ରୁବ ପରାସର, ଇଥାନ ଡି ସୁଜା, ହାଇଦର ଅଲି, ହର୍ଷିତ କୌଶିକ, ଜୁନୈଦ୍ ସିଦ୍ଦିକ୍, ମାତିଉଲ୍ଲା ଖାନ୍, ମହମ୍ମଦ୍ ଫାରୁକ୍, ମହମ୍ମଦ୍ ଜୱାଦୁଲ୍ଲା, ମହମ୍ମଦ୍ ଜୋହେବ୍, ରାହୁଲ ଚୋପ୍ରା (ୱିକେଟରକ୍ଷକ), ରୋହିଦ୍ ଖାନ୍, ସିମରନଜିତ ସିଂହ ଓ ସାଘିର ଖାନ୍।

## 'ପ୍ୟାକେଜ୍ ସିଷ୍ଟମ' ଲାଗି ବିକ୍ରି ହୋଇପାରୁନି ଭାରତ-ପାକିସ୍ତାନ ଟିକଟ୍

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ବୁଧବାର ୟୁଏଇ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ତେବେ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ଖେଳାଯିବ। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଯେତେବେଳେ ବି ମ୍ୟାଚ୍ ଅନୁଷ୍ଠିତ ହୋଇଥାଏ ତାହାକୁ ସାରା ବିଶ୍ୱର କ୍ରିକେଟ୍‌ପ୍ରେମୀ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥାନ୍ତି। ମ୍ୟାଚର ଟିକଟ୍ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଏହା ଶେଷ ହୋଇଯାଇଥାଏ।

ଏଥର କିନ୍ତୁ ଏସିଆ କପ୍‌ରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଆଉ ୪ ଦିନ ବାକି ରହିଛି। କିନ୍ତୁ ଟିକଟ୍ ବିକ୍ରି ପାଖାପାଖି ସପ୍ତାହେ ହେଲା ଆରମ୍ଭ ହୋଇସାରିଥିଲେ ମଧ୍ୟ ଏହା ଶେଷ ହୋଇ ନ ଥିବା ଜଣାପଡ଼ିଛି। ଅର୍ଥାତ ଭାରତ-ପାକିସ୍ତାନ ଭଳି ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚର ଟିକଟ୍ କିଣିବା ଲାଗି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ନ ଥିବା ଜଣାପଡ଼ିଛି। ଏହାର ଏକ ଭିନ୍ନ କାରଣ ମଧ୍ୟ ରହିଛି। ଅତ୍ୟଧିକ ମୂଲ୍ୟ ଲାଗି ଭାରତ-ପାକିସ୍ତାନ ଟିକଟ୍ କିଣିବାକୁ ଦର୍ଶକ ପଛଘୁଞ୍ଚା ଦେଉଛନ୍ତି। ଭାରତ-ପାକିସ୍ତାନ ମ୍ୟାଚର ସବୁଠୁ ଭିଆଇପି ୨ଟି ଟିକଟ୍‌ର ମୂଲ୍ୟ ଏଥର ୨ ଲକ୍ଷ ୫୭ ହଜାର ୮୧୫ ଟଙ୍କା ରହିଛି। ଯେଉଁଥିରେ 'ପ୍ୟାକେଜ ସିଷ୍ଟମ' ମିଶି ରହିଛି। ଏହି ପ୍ୟାକେଜ ସିଷ୍ଟମରେ ବ୍ୟକ୍ତିଙ୍କୁ ମ୍ୟାଚ୍ ଦେଖିବା ସହ ଖାଦ୍ୟ, ପାନୀୟ, ପାର୍କିଂ ପାସ୍, ଭିଆଇପି ଲଙ୍ଗ୍ ଓ ବ୍ୟକ୍ତିଗତ ବିଶ୍ରାମ କକ୍ଷର ସୁବିଧା ପ୍ରଦାନ କରାଯାଇଥାଏ। ସେହିଭଳି ୨ଟି ରୟାଲ୍ ବକ୍ସର ଟିକଟ୍ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ରଖାଯାଇଛି। ଏଥିରେ ମଧ୍ୟ 'ପ୍ୟାକେଜ ସିଷ୍ଟମ'ରେ ଥିବା ସମାନ ସୁବିଧା ପ୍ରଦାନ କରାଯାଏ। ପୂର୍ବ ବର୍ଷଗୁଡ଼ିକରେ ଏହି ପ୍ୟାକେଜ ସିଷ୍ଟମ ଟିକଟ୍ ସହିତ ନ ଥିଲା। ଯେଉଁଥି ପାଇଁ ଟିକଟ୍‌ର ଦର କମ୍ ରହୁଥିଲା। ସେହିଭଳି ଭାରତ-ପାକିସ୍ତାନ ମ୍ୟାଚର ସାଧାରଣ ଟିକଟ୍ ଦଳ ୨ଟି ପାଇଁ ୧୦ ହଜାର ଟଙ୍କା ରଖାଯାଇଛି।

# ଦକ୍ଷିଣ ଆଫ୍ରିକା ଟି-୨୦ରେ ବ୍ରେଭିସ୍ ସବୁଠୁ ଦାମୀ ଖେଳାଳି

ଜୋହାନ୍ସବର୍ଗ, ୯।୯ (ଏଜେନ୍ସି): 'ଦକ୍ଷିଣ ଆଫ୍ରିକା ଟି୨୦' ଲିଗ୍ ଇତିହାସରେ ଡେୱାଲ୍ଡ ବ୍ରେଭିସ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍‌ର ଆଗାମୀ ୪ର୍ଥ ସିଜନ ଲାଗି ହୋଇଥିବା ଖେଳାଳି ନିଲାମୀରେ ବ୍ରେଭିସଙ୍କୁ ପ୍ରିଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଏକ କୋଟି ୬୫ ଲକ୍ଷ ରେଣ୍ଡ (ଭାରତୀୟ ମୁଦ୍ରାରେ ୮ କୋଟି ୩୧ ଲକ୍ଷ ଟଙ୍କା)ରେ କ୍ରୟ କରିଛି। ଏଥିପୂର୍ବରୁ ଆଇଡେନ ମାର୍କରମଙ୍କୁ ୧୪ ମିଲିୟନ ରେଣ୍ଡ (୭ କୋଟି ୬ ଲକ୍ଷ ଟଙ୍କା)ରେ ଡର୍ବାନ ସୁପର୍ ଜାଏଣ୍ଟ୍ସ କ୍ରୟକରିଥିଲା। ଫଳରେ ମାର୍କରମଙ୍କୁ ପଛରେ ପକାଇ ୨୨ ବର୍ଷୀୟ ବ୍ରେଭିସ 'ଦକ୍ଷିଣ ଆଫ୍ରିକା ଟି୨୦'ର ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇପିଏଲ୍ ପରେ ଦକ୍ଷିଣ ଆଫ୍ରିକା ଟି୨୦କୁ ବିଶ୍ୱର ଦ୍ୱିତୀୟ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ବିବେଚିତ କରାଯାଏ। ଏହାର ୪ର୍ଥ ସଂସ୍କରଣ ଆସନ୍ତା ଜାନୁଆରୀ ୨୩ରୁ ଆରମ୍ଭ ହେବ। ଖେଳାଳି ନିଲାମୀରେ ୬ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଥିଲେ। ଆଇପିଏଲ୍ ଇତିହାସରେ ଋଷଭ ପନ୍ତ ସବୁଠୁ ଦାମୀ ଖେଳାଳି ରହିଛନ୍ତି। ତାଙ୍କୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ୨୭ କୋଟି ଟଙ୍କାରେ କ୍ରୟ କରିଥିଲା।



# ୫ ଦିନ ପରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

**ଏଯାଏଁ ହେଲାନି ଦଳ ଘୋଷଣା କି ଖେଳାଳି ଡ୍ରାଫ୍ଟ**

କଟକ, ୯।୯ (ସମିସ)

ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ) ଖେଳାଯିବ। ଲିଗ୍‌କୁ ଆଉ ୬ଦିନ ବାକି। ହେଲେ ଏ ପର୍ଯ୍ୟନ୍ତ ଦଳ ଘୋଷଣା କରାଯାଇନାହିଁ କି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ମଧ୍ୟ ହୋଇପାରିଲା ନାହିଁ। ଗତ ୩ ତାରିଖରେ ଖେଳାଳି ଡ୍ରାଫ୍ଟ କରାଯିବା ପାଇଁ ଯୋଜନା ହୋଇଥିଲା। ପରେ ଏହା ୮ ତାରିଖକୁ ଘୁଞ୍ଚାଇ ଦିଆଗଲା। ସୋମବାର ଖେଳାଳି ଡ୍ରାଫ୍ଟ କରାଯାଇନଥିବା ବେଳେ ଆସନ୍ତା ୧୧ ତାରିଖରେ ଫ୍ରାଞ୍ଚାଇଜ ମାଲିକମାନେ ଖେଳାଳି କିଣିବେ ବୋଲି କୁହାଯାଉଛି। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ଲିଗ୍ ଦିନ ପାଖେଇ ଆସୁଥିବା ବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କିମ୍ବା ଲିଗ୍ ଆୟୋଜନକାରୀ ସଂସ୍ଥା ଆରିଭା ସ୍ପୋର୍ଟସ ଖେଳାଳି ଡ୍ରାଫ୍ଟ ଦିଗରେ କାହିଁକି ଗୁରୁତ୍ୱ ଦେଉନାହାନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ଦଳ ଘୋଷଣା ନ କରାଯିବା, ଲିଗ୍ ବାବଦରେ ବହୁଳ ପ୍ରଚାର ପ୍ରସାର ନକରାଯିବା ଯୋଗୁଁ ଲିଗ୍ ଫିକା ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶଯୋଗ୍ୟ, ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ନୂଆ ଢ଼ାଞ୍ଚାରେ ଓପିଟିଏଲ -୨୦୨୫ ଆୟୋଜନ କରିବାକୁ ଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଏହା ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲିଆନ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍ (ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ହେଲେ ଲିଗକୁ ଆଉ ହାତ ଗଣତି ଦିନ ବାକି ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଦଳ ଘୋଷଣା ହୋଇପାରିନାହିଁ।

## ଅହମ୍ମଦାବାଦ୍‌ରେ ୨୦୨୬ ଟି-୨୦ ବିଶ୍ୱକପ୍ ଫାଇନାଲ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଖେଳାଯିବ। କିନ୍ତୁ ପାକିସ୍ତାନ ଯଦି ଫାଇନାଲରେ ପ୍ରବେଶ କରେ ତେବେ ଏହି ମ୍ୟାଚଟି କଲମ୍ବୋକୁ ସ୍ଥାନାନ୍ତରିତ ହେବ। ରିପୋର୍ଟ ଅନୁଯାୟୀ ଭାରତର ୫ଟି ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ଏହି ବିଶ୍ୱକପ୍ ଖେଳାଯିବ। କିନ୍ତୁ ଭେନ୍ୟୁ ଏଯାଏ ଚୂଡ଼ାନ୍ତ ହୋଇନାହିଁ। ଏଥିରେ ୨୦ଟି ଦଳ ଭାଗନେଉଥିଲାବେଳେ ଏମାନଙ୍କୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-୮'କୁ ଯିବେ ଓ ସୁପର-୮'ରେ ଶ୍ରେଷ୍ଠ ବିବେଚିତ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

## ହଂକଂ ଓପନ୍: ଶ୍ରୀକାନ୍ତଙ୍କୁ ହରାଇଲେ ତରୁଣ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ହଂକଂ ଓପନ୍ ସୁପର୍-୫୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଭାରତର ତରୁଣ ମାନେପାଲ୍ଲି ୨୮-୨୬, ୨୧-୧୩ରେ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ତଥା ନିଜ ଦେଶର କିଦାମ୍ବୀ ଶ୍ରୀକାନ୍ତଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ସେହିଭଳି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସର ଏକ ମ୍ୟାଚରେ ଚିରାଗ-ସାତ୍ତ୍ୱିକ ଯୋଡ଼ି ୨୧-୧୩, ୧୮-୨୧, ୨୧-୧୦ ଗେମରେ ତାଇୱାନର ଚିଉ ସିଆଙ୍ଗ ଚେଇ ଓ ୱାଙ୍ଗ୍ ଚି ଲିନ୍ ଯୋଡ଼ିଙ୍କୁ ହରାଇ ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟତମ ଭାରତୀୟ କିରନ ଜର୍ଜ ଯୋଗ୍ୟତା ପର୍ଯ୍ୟାୟରେ କ୍ରମାଗତ ୨ଟି ମ୍ୟାଚ୍ ଜିତି ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟରେ କିରନ ସିଙ୍ଗାପୁରର ଜିଆ ହେଙ୍ଗ୍ ଜନସନଙ୍କୁ ଭେଟିବେ।

ଜୁନିୟର ହକି ବିଶ୍ୱକପ୍

## ଭାରତ-ପାକ୍ ମୁକାବିଲା ନଭେମ୍ବର ୨୯ରେ

ଚେନ୍ନଇ, ୯।୯ (ଏଜେନ୍ସି): ଭାରତରେ ଖେଳାଯିବାକୁ ଥିବା ଜୁନିୟର ହକି ବିଶ୍ୱକପ୍‌ରେ ଭାଗନେବାକୁ ପାକିସ୍ତାନ ଆସିବ କି ନାହିଁ ଏଯାଏ ଚୂଡ଼ାନ୍ତ ହୋଇନାହିଁ, କିନ୍ତୁ ଏହି ଦଳକୁ ଭାରତ ସରକାର, ହକି ଇଣ୍ଡିଆ ଓ ଭାରତୀୟ ହକି ସମର୍ଥକମାନେ ସ୍ୱାଗତ କରିବାକୁ ଅପେକ୍ଷା କରିଛନ୍ତି ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି। ନଭେମ୍ବର ୨୮ରୁ ଡିସେମ୍ବର ୧୦ ଯାଏ ଚେନ୍ନଇ ଓ ମଦୁରାଇରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ଲାଗି ଡ୍ର ଉଠାଣ ହେବା ଲାଗି ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ତିର୍କୀ ଏହା କହିଛନ୍ତି। ଏଥର ଜୁନିଅର ହକି ବିଶ୍ୱକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରୁ ପୁଲ୍-ବି'ରେ ପାକିସ୍ତାନ, ଚିଲି, ସ୍ୱିଜରଲାଣ୍ଡ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଭାରତ ସ୍ଥାନ ପାଇଛି। ଭାରତ ତାହା ପ୍ରଥମ ମ୍ୟାଚ୍ ନଭେମ୍ବର ୨୮ରେ ଚିଲି, ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହ ୨୯ରେ ଓ ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍ ଡିସେମ୍ବର ୨ରେ ଖେଳିବ।

## ଦେବାଶିଷଙ୍କୁ ଜାତୀୟ କୋଚ୍ ଦାୟିତ୍ୱ



ନୂଆଦିଲ୍ଲୀ, ୯।୯ (ଏଜେନ୍ସି) : ପୂର୍ବତନ ଜାତୀୟ ଚୟନକର୍ତ୍ତା ତଥା ନାଗାଲାଣ୍ଡ ରଣଜୀ ଦଳର କୋଚ୍ ଓଡ଼ିଶାର ଦେବାଶିଷ ମହାନ୍ତିଙ୍କୁ ପ୍ରଥମଥର ଜାତୀୟ କୋଚ୍ ଦାୟିତ୍ୱ ମିଳିଛି। ଭାରତର ୧୯ ବର୍ଷରୁ କମ୍ ଦଳ ଚଳିତମାସ ଅଷ୍ଟ୍ରେଲିଆ ଗସ୍ତରେ ଯାଉଥିବାବେଳେ ଆୟୂଷ ମାହାତ୍ରେଙ୍କ ନେତୃତ୍ୱ ଗଠିତ ଭାରତୀୟ ଦଳର ଫାଷ୍ଟ ବୋଲିଂ କୋଚ୍ ଭାବେ ଦେବାଶିଷଙ୍କୁ ନିଯୁକ୍ତ କରାଯାଇଛି। କର୍ଣ୍ଣାଟକର ଯେରେ ଗୌଡ଼ ହେଡ୍ କୋଚ୍, ଶୁଭଦୀପ ଭଟ୍ଟାଚାର୍ଯ୍ୟ ଫିଲ୍ଡିଂ ଓ ତ୍ରିପୁରାର ରାଜୀବ ଦତ୍ତଙ୍କୁ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି। ଭାରତୀୟ ଦଳ ସେପ୍ଟେମ୍ବର ୧୬ରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଅକ୍ଟୋବର ୧୦ରେ ସ୍ୱଦେଶ ଫେରିବ। ଏହି ଗସ୍ତରେ ଅଷ୍ଟ୍ରେଲିଆ ସହ ଭାରତ ସେପ୍ଟେମ୍ବର ୨୧ରୁ ଆରମ୍ଭ ହେଉଥିବା ୩ଟି ଦିନିକିଆ ଓ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁ ଥିବା ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତ ପକ୍ଷରୁ ୧୯୯୯ ବିଶ୍ୱକପ୍ ସହ ୪୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ଦେବାଶିଷ ଏହା ପୂର୍ବରୁ ଓଡ଼ିଶା ଓ ନାଗାଲାଣ୍ଡ ଦଳର ହେଡ୍ କୋଚ୍ ରହିଥିଲେ। ୨୦୧୮ରେ ଜୁନିଅର ଓ ଏହା ପରେ ସିନିୟର ଦଳର ଚୟନକର୍ତ୍ତାଭାବେ କାମ ତୁଲାଇଥିଲେ। ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନ ଥିବା ଯେରେ ଗୌଡ଼ କର୍ଣ୍ଣାଟକ ଜୁନିଅର ଓ ସିନିୟର ଦଳର କୋଚ୍ ଭାବେ କାମ କରିଛନ୍ତି। ଓଡ଼ିଶାର ଶିବସୁନ୍ଦର ଦାସ ଏବେ ଜାତୀୟ ସିନିୟର ଚୟନ କମିଟିର ସଦସ୍ୟ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS